79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୩୩୭ ● କଟକ ● ରବିବାର ● ୧୨ ଜୁଲାଇ-୨୦୨୬ ● କର୍କଟ-୧୨ ● ସାଲ୍-୧୪୩୧
CUTTACK ● SUNDAY ● 12 JULY-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା


### ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ଷଡ଼ଯନ୍ତ୍ରର ଗନ୍ଧ

# ଖୋଲିବ ଖଳନାୟକଙ୍କ ମୁଖା

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,(ପିପିଏସ୍):**

ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ପଛରେ 'ଷଡ଼ଯନ୍ତ୍ର'ର ସନ୍ଦେହ ବାରିବାର ପ୍ରାୟ ୧୬ଦିନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପାଠ୍ୟପୁସ୍ତକରେ ତ୍ରୁଟିଜନିତ ସମଗ୍ର ପ୍ରକ୍ରିୟାର କ୍ରାଇମବ୍ରାଞ୍ଚ ତଦନ୍ତ ହେବ। ଏସ୍‌ସିଇଆରଟି ନିର୍ଦ୍ଦେଶକ ଏନେଇ କ୍ରାଇମବ୍ରାଞ୍ଚ ଏସପିଙ୍କ ପାଖରେ ଏଫ୍‌ଆଇଆର ଦାଏର କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ବୈଜ୍ଞାନିକ ଆଇଜାକ୍ ନିଉଟନଙ୍କୁ ପାଇଲଟ୍, ଓଡ଼ିଶା ବିଧାନସଭା ବଦଳରେ କର୍ଣ୍ଣାଟକ ବିଧାନସଭାର ଫଟୋ ଏବଂ ନିୟମଗିରି ପାହାଡ଼କୁ ଝାଡ଼ଖଣ୍ଡରେ ଦେଖାଯିବା। ପିଲାଙ୍କ ପାଠ୍ୟବହିରେ ଏଭଳି ମାଳ ମାଳ ସାଙ୍ଘାତିକ ତ୍ରୁଟି ପାଇଁ ଦାୟୀ କିଏ, ଏହାପଛରେ ରହିଛି କି ବଡ଼ ଷଡ଼ଯନ୍ତ୍ର ? ଏହାକୁ ଖୋଜି ବାହାର କରିବା ଲାଗି ପାଠ୍ୟପୁସ୍ତକ ତ୍ରୁଟି ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନେଇ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ପିଲାଙ୍କ ପାଠ୍ୟବହି ତ୍ରୁଟି ମାମଲାରେ ଏଣ୍ଟ୍ରି ମାରିବ କ୍ରାଇମ୍‌ବ୍ରାଞ୍ଚ। ବହି ଲେଖାରୁ ଛପାଯାଏଁ ପୂରା ଘଟଣାକୁ ଘାଣ୍ଟିବ, ଦୁର୍ନୀତିର ଖିଅ ବାହାର କରିବ। ସମଗ୍ର ପ୍ରକ୍ରିୟାର ଅପରାଧିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏସ୍‌ସିଇଆରଟି ନିର୍ଦ୍ଦେଶକଙ୍କ ପକ୍ଷରୁ ପ୍ରଥମେ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଏତଲା ଦିଆଯିବ। ଏହାପରେ ଅପରାଧିକ ମାମଲା ରୁଜୁକରି ସ୍ୱତନ୍ତ୍ର ଟିମ୍ ଗଠନ ସହ ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବ କ୍ରାଇମ୍‌ବ୍ରାଞ୍ଚ। ପାଠ୍ୟପୁସ୍ତକ ତ୍ରୁଟିର କେଉଁ ଦିଗରେ ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ ? କାହା ଉପରେ ଆକ୍ସନ ନେବ ତଦନ୍ତକାରୀ ସଂସ୍ଥା ? ଏହାକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ତ୍ରୁଟିପୂର୍ଣ୍ଣ ସ୍କୁଲବହି ଛପାରେ ଷଡ଼ଯନ୍ତ୍ର ଥିବା ପୂର୍ବରୁ କହିସାରିଛନ୍ତି ମୁଖ୍ୟମନ୍ତ୍ରୀ। ଏବେ ତଦନ୍ତକାରୀ ସଂସ୍ଥାର ପ୍ରଥମ କାମହେବ ପୂରା ଘଟଣା ପଛରେ ରହିଥିବା ଷଡ଼ଯନ୍ତ୍ର ଓ ଷଡ଼ଯନ୍ତ୍ରକାରୀଙ୍କୁ ଖୋଜିବା। ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଜଡ଼ିତ ଲେଖକ, ସମ୍ପାଦକ ଓ ବିଶେଷଜ୍ଞ ସ୍ତରରେ କିଭଳି ଭୁଲ୍ ରହିଲା ? ପୁସ୍ତକ ଛପା ପାଇଁ ଗଠନ ହୋଇଥିବା କମିଟି କରୁଥିଲା କ'ଣ। କମିଟିର କେଉଁ ସଦସ୍ୟ ଏହି ଦୁର୍ନୀତିରେ ଲିପ୍ତ ରହିଛନ୍ତି ? କେଉଁ ବଡ଼ ସରକାରୀ ଅଫିସର ଥିଲେ ଦାୟିତ୍ୱରେ ? କେତେ ଟଙ୍କାର ବହିଛପା ହୋଇଛି, ଦୁର୍ନୀତି ହୋଇଛି କେତେ ? ଟେଣ୍ଡର ପ୍ରକ୍ରିୟାରେ କିଛି ଦୁର୍ନୀତି ହୋଇନାହିଁ ତ ? ଜାଣିଶୁଣି ତଥ୍ୟକୁ ବିକୃତ କରାଯାଇଛି କି ? ସେପଟେ ଶିକ୍ଷାବିତ୍ କହିଛନ୍ତି, ସ୍କୁଲ ପାଠ୍ୟ ପୁସ୍ତକ ତ୍ରୁଟିନେଇ ମୁଖ୍ୟମନ୍ତ୍ରୀ ଦେଇଥିବା କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। କିନ୍ତୁ କେଉଁ କେଉଁମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ, ତାର ଫ୍ରେମ୍‌ୱର୍କ କ'ଣ ? ଯେଉଁମାନେ ବହିପାଇଁ ବିଷୟବସ୍ତୁ ସ୍ଥିର କରିଥିଲେ, ତାକୁ ଯାଞ୍ଚ କରିଥିଲେ, ସେମାନଙ୍କୁ କିଏ ଚୟନ କରିଥିଲା, ତାହା ପ୍ରଥମେ ଖୋଜାଯିବା ଦରକାର। କିଛି ଜଣଙ୍କ ବଦଳରେ ତଦନ୍ତ ବ୍ୟାପକ ଏବଂ ସଠିକ୍ ଭାବେ କରାଗଲେ ପ୍ରକୃତ ଅପରାଧୀ ଧରାପଡ଼ିବେ ବୋଲି କହିଛନ୍ତି ଶିକ୍ଷାବିତ୍। ବହିରେ ଭାଷା ଓ ତଥ୍ୟ ନେଇ ବାହାରିଥିଲା ମାଳମାଳ ଭୁଲ୍। ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଚିହ୍ନଟହୋଇଛି ପ୍ରାୟ ଦୁଇହଜାର ତ୍ରୁଟି। ଏନେଇ ପ୍ରବଳ ସମାଲୋଚନାର ଶିକାର ହୋଇଥିଲେ ସରକାର। ଏହାପରେ ପାଠ୍ୟପୁସ୍ତକ ତ୍ରୁଟିର କାରଣ ଅନୁସନ୍ଧାନ କରିବାକୁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୁନ୍ ୨୬ତାରିଖରେ ଏସସିଇଆରଟି ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ କରିଥିଲେ। ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଜୁନ୍ ୨୫ତାରିଖରେ ଏକ ସମ୍ବାଦପତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାଠ୍ୟପୁସ୍ତକରେ ତ୍ରୁଟି ପଛରେ 'ଷଡ଼ଯନ୍ତ୍ର' ରହିଥିବା ନେଇ ଆଶଙ୍କା କରିବା ପରେ ରାଜ୍ୟ ପ୍ରଶାସନରେ ହଟଚମଟ ସୃଷ୍ଟି ହୋଇଥିଲା। ଯଦିଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଷଡ଼ଯନ୍ତ୍ର କଥା କହିଥିଲେ କିନ୍ତୁ ପ୍ରଶାସନିକସ୍ତରରେ ତଦନ୍ତ ମାଧ୍ୟମରେ କିଛି ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସରକାର ଚୁପ୍ ବସିଥିଲେ। ଏବେ ପ୍ରାୟ ୧୬ଦିନ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ପାଠ୍ୟପୁସ୍ତକ ତ୍ରୁଟିଜନିତ ତଦନ୍ତର ଖୋଳତାଡ଼ କ୍ରାଇମବ୍ରାଞ୍ଚ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦେବା ପରେ ପ୍ରକୃତ ଦୋଷୀ ପଦାକୁ ଆସିବେ ବୋଲି ଚର୍ଚ୍ଚା ହେଉଛି। କେବଳ ପାଠ୍ୟପୁସ୍ତକ ଛପା ଦାୟିତ୍ୱରେ ଥିବା କର୍ମଚାରୀ କିମ୍ବା ଛାପାଖାନା ନୁହଁନ୍ତି ବରଂ ପାଠ୍ୟପୁସ୍ତକର ବିଷୟ ପ୍ରସ୍ତୁତ କରିଥିବା ଓ ଏହାକୁ ଅନୁମୋଦନ କରିଥିବା ବ୍ୟକ୍ତିମାନେ ମଧ୍ୟ ତଦନ୍ତ ପରିସରକୁ ଆସିବେ ବୋଲି ଚର୍ଚ୍ଚା ହେଉଛି।



### ଏଫ୍‌ଆଇଆର୍ ଦାଏର କରିବାକୁ ଏସ୍‌ସିଇଆର୍‌ଟିକୁ ନିର୍ଦ୍ଦେଶ

# ନ୍ୟୁଜିଲ୍ୟାଣ୍ଡରେ ମୋଦୀ

## ଭାରତ-ନ୍ୟୁଜିଲ୍ୟାଣ୍ଡ ୧୦ ବୁଝାମଣାପତ୍ର ସ୍ୱାକ୍ଷରିତ



**ନୂଆଦିଲ୍ଲୀ,(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତିନି ରାଷ୍ଟ୍ର ଗସ୍ତର ଶେଷ ପର୍ଯ୍ୟାୟରେ ନ୍ୟୁଜିଲ୍ୟାଣ୍ଡରେ ପହଞ୍ଚିଛନ୍ତି। ଏହା ୪୦ ବର୍ଷ ମଧ୍ୟରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନ୍ୟୁଜିଲ୍ୟାଣ୍ଡ ଗସ୍ତ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଦୁଇ ଦେଶ ବାଣିଜ୍ୟ, ପ୍ରତିରକ୍ଷା ଏବଂ ଶିକ୍ଷା ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର ନେଇ ସୂଚନା ମିଳିଛି। ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ପାରସ୍ପରିକ ବାଣିଜ୍ୟ, ନିବେଶ ଏବଂ ସହଯୋଗ ବୃଦ୍ଧିପାଇଁ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ୧୦ଟି ଚୁକ୍ତି ସ୍ୱାକ୍ଷରିତ ହେବା ସହ ୮ଟି ପ୍ରମୁଖ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଅକଲ୍ୟାଣ୍ଡରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିଛନ୍ତି।

### ମହାନଦୀ ମାମଲା: ବଢ଼ିଲା ସ୍ଥାୟୀ ସମାଧାନ ଆଶା

# ଓଡ଼ିଶା-ଛତିଶଗଡ଼ ରାଜି

**ଭୁବନେଶ୍ୱର,(ପିପିଏସ୍):**


ଦୀର୍ଘ ୮ବର୍ଷ ଧରି ଟ୍ରିବ୍ୟୁନାଲରେ ଚାଲିଆସୁଥିବା ମହାନଦୀ ଜଳବିବାଦ ମାମଲାରେ ଶୁକ୍ରବାର ଏକ ବଡ଼ ପ୍ରଗତି ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ଆଇନଗତ ଲଢ଼େଇ ପରେ ପ୍ରଥମଥର ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାର ଆଲୋଚନା ଓ ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସ୍ଥାୟୀ ସମାଧାନ ପାଇଁ ସହମତି ପ୍ରକାଶ କରିଛନ୍ତି। ଏହି ପଦକ୍ଷେପକୁ ମହାନଦୀ ବିବାଦରେ ଏକ ଐତିହାସିକ ମୋଡ଼ ବୋଲି କୁହାଯାଉଛି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ବିଚାରପତି ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶୁଣାଣି ପରେ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ଗତ ୮ ବର୍ଷ ମଧ୍ୟରେ ଆଜିର ଶୁଣାଣି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଛି। କାରଣ, ପ୍ରଥମଥର ପାଇଁ ଉଭୟ ରାଜ୍ୟ ବିବାଦର ସମାଧାନ ପାଇଁ ସକାରାତ୍ମକ ମନୋଭାବ ଦେଖାଇଛନ୍ତି। ଶୁଣାଣି ସମୟରେ ଛତିଶଗଡ଼ ସରକାର ସ୍ପଷ୍ଟ କରିଛନ୍ତି ଯେ ଆଲୋଚନା ମାଧ୍ୟମରେ ଓଡ଼ିଶା ସହ ଜଳବଣ୍ଟନ ବିବାଦର ସ୍ଥାୟୀ ସମାଧାନ କରିବାକୁ ସେମାନେ ଆଗ୍ରହୀ। ଏହା ପରେ ଟ୍ରିବ୍ୟୁନାଲ ଛତିଶଗଡ଼ ସରକାରଙ୍କୁ ଏହି ସହମତି ସମ୍ପର୍କରେ ଏକ ଲିଖିତ ପ୍ରତିଶ୍ରୁତି ଆସନ୍ତା ଶୁଣାଣି ପୂର୍ବରୁ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ଜୁଲାଇ ମାସରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ପତ୍ର ବିନିମୟ ହୋଇଥିଲା। କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତାରେ ମହାନଦୀ ଜଳ ବଣ୍ଟନ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ଛତିଶଗଡ଼ ସରକାର ସକାରାତ୍ମକ ଭାବେ ଗ୍ରହଣ କରି ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାଇଛନ୍ତି। ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ କହିବାନୁସାରେ, କେନ୍ଦ୍ରୀୟ ଜଳ ଆୟୋଗର ବୈଷୟିକ ବିଶେଷଜ୍ଞଙ୍କ ଅନୁଭବକୁ ଆଧାର କରି ସମାଧାନର ରାସ୍ତା ଖୋଜାଯାଉଛି। ଏପର୍ଯ୍ୟନ୍ତ ଉଭୟ ରାଜ୍ୟର ବୈଷୟିକ ଦଳ ମଧ୍ୟରେ ୨୧ଟି ବୈଠକ ହୋଇସାରିଛି ଏବଂ କେନ୍ଦ୍ର ସରକାର ମଧ୍ୟ ଏହି ପ୍ରକ୍ରିୟାରେ ସହଯୋଗ କରୁଛନ୍ତି। ଏବେ ସମସ୍ତଙ୍କ ନଜର ରହିଛି ଆସନ୍ତା ଜୁଲାଇ ୨୩ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ଉପରେ। ସେହି ଦିନ ଛତିଶଗଡ଼ ସରକାରଙ୍କ ଲିଖିତ ପ୍ରତିଶ୍ରୁତିକୁ ଆଧାର କରି ଟ୍ରିବ୍ୟୁନାଲ ପରବର୍ତ୍ତୀ ପଦକ୍ଷେପ ସ୍ଥିର କରିବେ।



# ଏସ୍.ଜାନକୀ ଆଉ ନାହାନ୍ତି

**ଭୁବନେଶ୍ୱର,(ପିପିଏସ୍):** ପ୍ରଖ୍ୟାତ ଗାୟିକା ଏସ. ଜାନକୀଙ୍କର ଶନିବାର ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। କର୍ଣ୍ଣାଟକର ମହୀଶୂରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ଓଡ଼ିଆ, ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମ୍ ସମେତ ଅନେକ ଭାଷାରେ ହଜାର ହଜାର ସୁପରହିଟ୍ ଗୀତ ଗାଇ ସେ କୋଟି କୋଟି ଶ୍ରୋତାଙ୍କ ହୃଦୟ ଜିତିଥିଲେ। ତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏସ. ଜାନକୀ ୬୦ରୁ ଅଧିକ ଓଡ଼ିଆ ଗୀତ ଗାଇଛନ୍ତି। ବହୁ ସୁପରହିଟ୍ ସିନେମାରେ ସେ କଣ୍ଠଦାନ କରିଛନ୍ତି। ଆଜି ବି ସେହି ଗୀତ ଲୋକାମାନଙ୍କ ଗହଣରେ ବେଶ ଆଦୃତ। ୧୯୭୦ରେ ମୁକ୍ତିଲାଭ କରିଥିବା ପ୍ରଶାନ୍ତ ନନ୍ଦ ନିର୍ଦ୍ଦେଶିତ 'ବଳିଦାନ' ସିନେମାରେ ସେ ଗାଇଥିବା 'ନେଇ ଯାରେ ମେଘ ମୋତେ' ଗୀତ ଓଡ଼ିଶାରେ ଘରେ ଘରେ ପରିଚିତ। ସେହିଭଳି ତାଙ୍କ କଣ୍ଠ ନିସୃତ ମୋ ମନ ଉପବନ(ଚଳଚ୍ଚିତ୍ର: ପଳାତକ), ସ୍ୱପ୍ନର କୁହୁଡ଼ିରେ, କାନ୍ତଭରା ଦିବା ରଜନୀ(ଚଳଚ୍ଚିତ୍ର: କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ), ପାଦରେ ପାଦ ଛନ୍ଦା, ଯା ଯାରେ ନାଗର, ୧୯୭୯ରେ ଗୌରୀ ସିନେମାର 'ଗୋରା ଗୋରା ଗାଲେ ତୋର କଳା କଳା ଜାଇ' ଆଦି ଗୀତ ବେଶ ଲୋକପ୍ରିୟ। ଏହା ବ୍ୟତୀତ ଅଳିଭା ଦାଗ ଭଳି ଆଲବମରେ 'ଛୁଅଁନା ମୋତେ' ଭଳି ଗୀତ ଗାଇଛନ୍ତି ଏସ. ଜାନକୀ। ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କରଙ୍କ ଭଳି ପ୍ରାୟ ସବୁ କିମ୍ବଦନ୍ତୀ ସଙ୍ଗୀତ ନିର୍ଦ୍ଦେଶକଙ୍କ ଗୀତ ଗାଇଛନ୍ତି ଦକ୍ଷିଣ ଭାରତର ଏହି କୋକିଳ କଣ୍ଠୀ ଗାୟିକା। ସେ ଓଡ଼ିଆ ଚଳଚ୍ଚିତ୍ର 'ସତ କେବେ ଲୁଚି ରହେନା' (୧୯୮୬) ପାଇଁ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ପାଇଥିଲେ।

### ମନେରହିବ ନେଇଯାରେ ମେଘ ମୋତେ...



### ରଥଯାତ୍ରା ପ୍ରସ୍ତୁତି ଶେଷପର୍ଯ୍ୟାୟରେ

# ତିନି ରଥ ଦାୟିତ୍ୱ ପାଇଁ ଅଧିକାରୀ ନିଯୁକ୍ତ

**ପୁରୀ,(ପିପିଏସ୍):**

ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ମାତ୍ର ୪ଦିନ ବାକିରହିଲା। ଶୃଙ୍ଖଳିତ ରଥଯାତ୍ରା ଏବଂ ନୀତି କାନ୍ତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥ ଦାୟିତ୍ୱରେ କେଉଁ ଅଧିକାରୀ ରହିବେ ସେ ନେଇ ଆଲୋଚନା ହୋଇଛି। ନନ୍ଦିଘୋଷ ରଥ ଦାୟିତ୍ୱରେ ପୁରୀ ଜିଲ୍ଲାପାଳ, ତାଳଧ୍ୱଜ ରଥ ଦାୟିତ୍ୱରେ ପୁରୀ ଏସ୍‌ପି ଏବଂ ଦର୍ପଦଳନ ରଥ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରହିବେ। ପ୍ରତି ରଥରେ ନିର୍ଦ୍ଦେଶକ ଏବଂ ବୈଷୟିକ ଦଳ ରହିବେ। ରଥଟଣା ସମସ୍ତ ନିଷ୍ପତ୍ତି ନେବେ ଏହି ଦଳ। ରଥ କର୍ଡନ ଭିତରେ କର୍ଡନ ପାସ୍ ସୀମିତ ସଂଖ୍ୟକ ଦିଆଯିବ। କେବଳ ପ୍ରାଧିକୃତ ଅଧିକାରୀ ଏବଂ ସେବାୟତ ରଥ ନିକଟରେ ରହିବା ପାଇଁ ଅନୁମତି ଦିଆଯିବ। ରଥ ଉପରେ ମୋବାଇଲ ଫୋନ୍ ବ୍ୟବହାର ଉପରେ କଟକଣା ରହିବ। ରଥ ଉପରେ ଅନଧିକୃତ ବ୍ୟକ୍ତି କିମ୍ବା ଅଣ ସେବାୟତ ଚଢ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚଳିତ ବର୍ଷ ପ୍ରତି ରଥ ପାଇଁ ଆଉ ଗୋଟିଏ ସେଟ୍ ରଥ ଦଉଡ଼ି ରଖାଯିବ। ରଥ ଦଉଡ଼ି ଦାୟିତ୍ୱରେ ପୋଲିସ ଅଧିକାରୀ ମାନେ ରହିବେ। ସେହିପରି ଚଳିତ ବର୍ଷ ଦୁଇଟି ଚାରମାଳ ସେଟ୍ ରହିବ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଲାଗିବା ପରେ କେଉଁ ସମୟରେ ଚାରମାଳ ନିଆଯିବ ସେନେଇ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା କାର୍ଯ୍ୟ କରାଯିବ। ବଡ଼ଦାଣ୍ଡରେ ରଥ ରହିଲେ ରଥକୁ ସଙ୍ଗେ ସଙ୍ଗେ କର୍ଡନ କରାଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବ। ନିର୍ଦ୍ଧାରିତ ସମୟରେ ସମସ୍ତ ନୀତିକାନ୍ତି କରାଯିବା ପାଇଁ ଚେଷ୍ଟା କରାଯିବ। ୧୪ ତାରିଖ ନବଯୌବନ ଦର୍ଶନ ଅପରାହ୍ନ ୨ଟାରେ ଆରମ୍ଭ ହେବ। ଚଳିତବର୍ଷ ସୀମିତ ତଥା କମ୍ ସମୟ ପାଇଁ ଭକ୍ତମାନେ ନବଯୌବନ ଦର୍ଶନ କରିବେ। ମହାପ୍ରଭୁଙ୍କ ନୀତି ବହୁଳତା ପାଇଁ କମ୍ ସମୟ ଦର୍ଶନ ବ୍ୟବସ୍ଥା ରହିବ। ନେତ୍ରୋତ୍ସବ ପରଦିନ ଉଭା ଅମାବାସ୍ୟାରେ ମହାପ୍ରଭୁଙ୍କର ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

### କମ୍ ସମୟପାଇଁ ନବଯୌବନ ଦର୍ଶନ କରିବେ ଭକ୍ତ

# ଇସ୍ତଫା ଦେଲେ ଆଉ ଜଣେ ଆଇପିଏସ୍ ଅଫିସର

**ଭୁବନେଶ୍ୱର,(ପିପିଏସ୍):**

୨୦୨୫ ବ୍ୟାଚ୍‌ର ଯୁବ ଆଇପିଏସ୍ ଅଫିସର୍ ୩୩ବର୍ଷୀୟ ଚୌଧୁରି ଅଭିଜିତ ରାମଦାସ ଚାକିରିରୁ ଇସ୍ତଫା ଦେଇଛନ୍ତି। ମହାରାଷ୍ଟ୍ର ବାରାମତୀ ଅଞ୍ଚଳର ଅଭିଜିତ ଗତବର୍ଷ ଆଇପିଏସ୍ ପାଇଥିଲେ। ତାଙ୍କୁ ଓଡ଼ିଶା କ୍ୟାଡର ମିଳିଥିଲା। ତେବେ ତାଙ୍କୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ନିଯୁକ୍ତି ମିଳିନଥିଲା। ବର୍ତ୍ତମାନ ସେ ପ୍ରୋବେସନାରୀ ଆଇପିଏସ୍ ଅଧିକାରୀ ଭାବେ ହାଇଦ୍ରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୁଲିସ ଏକାଡେମୀରେ ପ୍ରଥମ ପର୍ଯ୍ୟାୟ ଟ୍ରେନିଂ ନେଉଛନ୍ତି। ଅଭିଜିତଙ୍କ ଇସ୍ତଫାପତ୍ର ମିଳିଥିବା ନେଇ ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ମିଳିଛି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଜଣାପଡିଛି। ଗତ ୬ ତାରିଖରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଚାକିରିରୁ ଇସ୍ତଫା ଦେବା କଥା ସାମ୍ନାକୁ ଆସିଥିଲା। କିଛି ଦିନ ମଧ୍ୟରେ ଓଡ଼ିଶା କ୍ୟାଡରର ଦୁଇ ଦୁଇ ଜଣ ଯୁବ ଆଇପିଏସ୍ ଅଧିକାରୀ ଚାକିରିରୁ ଇସ୍ତଫା ଦେବାକୁ ନେଇ ଚର୍ଚ୍ଚା ବଢ଼ିଛି।

### ଧ୍ୱନି ପ୍ରତିଧ୍ୱନି

**ଭାରତର ବୁଝାମଣାରେ ଚୀନ ଏକ ବଡ଼ ପ୍ରସଙ୍ଗ**

### ବାଟେଘାଟେ



ଆଜିର ଯୁଗରେ ମୋବାଇଲି ଫୋନ
ପିଲାଙ୍କୁ ହେଲାଣି କାଳ
ସେଲ୍ଫି ନିଶାରେ ପାଗଳ ହେଲେଣି
ନ ମାନନ୍ତି ନଈ ନାଳ
ଉତ୍ତାଳ ସାଗର କୂଳ
ଫଟୋ ନେଉ ନେଉ ଜୀବନ ଯାଉଛି
ବୁଡ଼ାଇ ଦିଅନ୍ତି କୂଳ
ଅଭିଭାବକ ହେ ଭାଳ
ବେଳହୁଁ ସତର୍କ ନକରିଣ ତାଙ୍କୁ
ଅଯଥାରେ ଲୁହ ଢାଳ


-ରାହୀ

# 'ଠୁମ୍‌କା' ବିବାଦରେ ଫସିଲା ବିଜେଡି !

## ନବୀନଙ୍କୁ କାରଣଦର୍ଶାଅ ନୋଟିସ୍

**ଭୁବନେଶ୍ୱର,(ପିପିଏସ୍):**

ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ବିଜେପି ସରକାରଙ୍କୁ ଘେରିବା ପାଇଁ ବିଜେଡିର ରାଜ୍ୟବ୍ୟାପୀ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'ରେ କୋମଳମତି ପିଲାମାନଙ୍କୁ ସାମିଲ କରିବା ଓ ଦଳୀୟ ନେତ୍ରୀମାନେ 'ଠୁମ୍‌କା' ଲଗାଇବା ଘଟଣା ବିଜେଡିକୁ ବିବାଦଘେରକୁ ଟାଣିନେଇଛି। ସ୍କୁଲ ୟୁନିଫର୍ମରେ ଥିବା କୋମଳମତି ପିଲାଙ୍କୁ ଧରି ଝାରସୁଗୁଡ଼ାରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ଘଟଣାରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ସିଧାସଳଖ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହାସହିତ ଝାରସୁଗୁଡ଼ା ଜିଲ୍ଲାପାଳ,ଏସପି ଓ ଜିଲ୍ଲା ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କୁ ଘଟଣାର ତଦନ୍ତ କରି ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି ଇତିହାସରେ ପ୍ରଥମଥର ପାଇଁ ରାଜ୍ୟର ଶିଶୁ ସୁରକ୍ଷା ଅଧିକାର ଆୟୋଗ ଏଭଳି ନୋଟିସ୍ ଦଳର ସୁପ୍ରିମୋଙ୍କୁ ଜାରି କରିଛନ୍ତି ଆଉ ସପ୍ତାହକ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ବିଜେଡି ସୁପ୍ରିମୋ ନୁହଁନ୍ତି ଦଳର ଦୁଇ ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ଅଳକା ମହାନ୍ତିଙ୍କ ସମେତ ଛାତ୍ର ବିଜେଡି ସଭାନେତ୍ରୀ ଇପସିତା ସାହୁଙ୍କୁ ମଧ୍ୟ ଏହି ନୋଟିସ୍ ଜାରି ହୋଇଛି। ତେବେ ଦଳର ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ 'ଠୁମ୍‌କା' ଲଗାଇବା ଓ ସ୍କୁଲ ପିଲାଙ୍କୁ ସାମିଲ କରିବାର ଆବଶ୍ୟକତା କ'ଣ ରହିଥିଲା ଏବଂ ଏଥିପାଇଁ କାହାର ଅନୁମତି ନିଆଯାଇଥିଲା, ତା'ର ଖୋଳତାଡ଼ ଦଳୀୟସ୍ତରରେ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଦଳର ଛାତ୍ରଶାଖା ସଭାନେତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ଇପସିତା ଜିଲ୍ଲା ଗସ୍ତରେ ଯାଇ ଏଭଳି ସମ୍ବେଦନହୀନ ଆଚରଣ ପ୍ରଦର୍ଶନ କରିଛନ୍ତି। ଯେଉଁଥିପାଇଁ ବିଜେଡି ସୁପ୍ରିମୋଙ୍କୁ ନୋଟିସର ସମ୍ମୁଖୀନ ହେବାକୁ ପଡ଼ିଛି। ଇପସିତାଙ୍କ ଏଭଳି ଆଚରଣକୁ ଦଳର ବରିଷ୍ଠ ନେତାମାନେ ନାପସନ୍ଦ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଗତକାଲି ଝସକେତନ ପ୍ରଧାନ, ଆୟୁଷ ସରାଫ ଓ ଶ୍ରୀୟମ ମହାପାତ୍ରଙ୍କ ଅଭିଯୋଗ ଏବଂ ତତ୍ସଂକ୍ରାନ୍ତୀୟ ଭିଡିଓ ଫଟୋଚିତ୍ର ଆଧାରରେ ଏହି ନୋଟିସ୍ ଜାରି କରିଛନ୍ତି। ଏକ ରାଜନୀତିକ ଦଳର ପ୍ରତିବାଦ ସଭାରେ ସ୍କୁଲ ୟୁନିଫର୍ମ ପିନ୍ଧିଥିବା କୁନିକୁନି ପିଲାମାନଙ୍କୁ ଖରା, ନିଆଁ ଓ ଧୂଆଁ ମଧ୍ୟରେ ଦୀର୍ଘ ସମୟ ଛିଡ଼ା କରାଇ ରଖାଯିବା ସହ ସେମାନଙ୍କ ସାମ୍ନାରେ ଛାତ୍ର ସଭାନେତ୍ରୀ ଇପସିତା ସାହୁ ଓ ପୂର୍ବତନ ବିଧାୟିକା ଦୀପାଳି ଦାସ ଲେମ୍ବୁ ଧରି ଅଣ୍ଟା ହଲାଇ ନାଚିବା ଖୁଲମଖୁଲା ବିଜେଡିର ସମ୍ବେଦନହୀନତାକୁ ପ୍ରମାଣିତ କରିଛି। ଆୟୋଗ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ ରାଜନୈତିକ କାର୍ଯ୍ୟକଳାପରେ ଶିଶୁମାନଙ୍କୁ ଏଭଳି ଅସୁରକ୍ଷିତ ଭାବେ ବ୍ୟବହାର କରିବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା, ମର୍ଯ୍ୟାଦା କ୍ଷୁଣ୍ଣ ହେବା ସହ ସେମାନଙ୍କ ଶିକ୍ଷା ଗ୍ରହଣର ଅଧିକାର ବାଧାପ୍ରାପ୍ତ ହୋଇଛି, ଯାହା ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଅପରାଧିକ ମାମଲା। ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲ୍ଲାସ୍ତରରେ ପ୍ରତିବାଦ କରି ସରକାରଙ୍କ ଉପରେ ଚାପ ପକାଇବାକୁ ଦଳ ଲକ୍ଷ୍ୟ ରଖିଥିବାବେଳେ ଇପ୍‌ସିତା ଲେମ୍ବୁ ଧରି ନିଜେ ଠୁମକା ଲଗାଇବା ସହ ଦୀପାଳି ଓ ସ୍କୁଲ ପିଲାମାନଙ୍କୁ ମଧ୍ୟ ଏଭଳି ଠୁମକା ଲଗାଇବାକୁ ଇଙ୍ଗିତ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦଳ ଯେଉଁ ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିଲା ଏବେ ତାହା ଛାତ୍ର ବିଜେଡି ସଭାନେତ୍ରୀଙ୍କ ଏଭଳି ଆଚରଣ ପାଇଁ ଲକ୍ଷ୍ୟଭ୍ରଷ୍ଟ ହୋଇଛି। ଛାତ୍ରବିଜେଡି ସଭାନେତ୍ରୀ ଇପସିତାଙ୍କର ଆଚରଣ ଏବେ ଦଳ ପାଇଁ ଅଡୁଆ ବଢ଼ାଇବାରେ ଲାଗିଥିବା ଜଣାପଡ଼ିଛି।



### ରାଜନୈତିକ କାର୍ଯ୍ୟକଳାପରେ ଶିଶୁଙ୍କୁ ବ୍ୟବହାର

# ମୁଣ୍ଡଳୀ ଅତିକ୍ରମକଲା ହୀରାକୁଦର ପ୍ରଥମ ବନ୍ୟାଜଳ

**କଟକ,(ପିପିଏସ୍):**

ଲଗାଣ ବର୍ଷା ଓ ଉପରମୁଣ୍ଡରୁ ମାଡ଼ି ଆସୁଥିବା ବିପୁଳ ଜଳରାଶି ଏବେ ତଳମୁଣ୍ଡର ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ହୀରାକୁଦ ଜଳଭଣ୍ଡାରରୁ ଛାଡ଼ାଯାଇଥିବା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଶେଷରେ ମୁଣ୍ଡଳୀ ବ୍ୟାରେଜ୍‌ରେ ପହଞ୍ଚିଛି। ଏହାର ପ୍ରଭାବରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧିପାଉଛି। ନଦୀର ବଦଳୁଥିବା ରୂପ ଦେଖି କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ସମେତ ତଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ମହାନଦୀର ଉପରମୁଣ୍ଡ ଏବଂ ଛତିଶଗଡ଼ରେ ଲଗାଣ ବର୍ଷା ହେବାରୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ଦ୍ରୁତଗତିରେ ବଢ଼ିଥିଲା। ପରିସ୍ଥିତିକୁ ନଜରରେ ରଖି ପ୍ରଶାସନ ପର୍ଯ୍ୟାୟକ୍ରମେ ଏକାଧିକ ସ୍ଲୁଇସ୍ ଗେଟ୍ ଖୋଲି ଲକ୍ଷଲକ୍ଷ କ୍ୟୁସେକ୍ ବନ୍ୟାଜଳ ତଳମୁଣ୍ଡକୁ ଛାଡ଼ିଥିଲା। ସେହି ବନ୍ୟାଜଳ ଏବେ ମୁଣ୍ଡଳୀରେ ପହଞ୍ଚିବା ସହ ମହାନଦୀରେ ଜଳପ୍ରବାହ ବଢ଼ିବା ଆରମ୍ଭ ହୋଇଛି। ଜଳସମ୍ପଦ ବିଭାଗ ସୂଚନା ଅନୁଯାୟୀ, ମୁଣ୍ଡଳୀରେ ପାଣିର ପ୍ରବାହକୁ ରିଅଲ୍-ଟାଇମ୍ ମନିଟରିଂ କରାଯାଉଛି। ପ୍ରତି ମୁହୂର୍ତ୍ତରେ ସ୍ଥିତି ଉପରେ ନଜର ରଖାଯାଉଥିବା ବେଳେ, ତଳିଆ ଅଞ୍ଚଳରେ କୌଣସି ଅଘଟଣ ଏଡ଼ାଇବା ପାଇଁ ପ୍ରଶାସନ ସତର୍କ ରହିଛି। ଏପଟେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳଙ୍କୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଦୀକୂଳିଆ ଓ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଛି।



### ତଳିଆ ଅଞ୍ଚଳକୁ ସତର୍କତା





## ହଠାତ୍ ପିମ୍ପୁଡ଼ି ବାହାରୁଥିଲେ...



ବେଳେବେଳେ ଘରୁ ହଠାତ୍ ମେଞ୍ଚା ମେଞ୍ଚା ହୋଇ ପିମ୍ପୁଡ଼ି ବାହାରୁ ଥିବାର ଦେଖାଯାଏ । କେବେ ନାଲି ତ କେବେ କଳା ରଙ୍ଗର ପିମ୍ପୁଡ଼ି ବାହାରିଥାନ୍ତି । ଏମାନେ ବି ଆମକୁ ଅନେକ କିଛି ସଙ୍କେତ ଦେଇଥାନ୍ତି । ଯଦି ଘରର କେଉଁ ସ୍ଥାନରୁ ନାଲି ରଙ୍ଗର ପିମ୍ପୁଡି ବାହାରୁଥାନ୍ତି, ତେବେ ତାହା ଆଗକୁ କରଜ ହେବାର ସଙ୍କେତ ଦେଇଥାଏ । ଅର୍ଥାତ୍ ହଠାତ୍ କୌଣସି ଅସୁବିଧାରେ ପଡି ଆମେ ଆଗକୁ ଧାରକରଜ କରିବାକୁ ଯାଉଛୁ ବୋଲି ଏହା ପୂର୍ବରୁ ଆମକୁ ସୂଚନା ଦେଇ ଦେଇଥାଏ । ହେଲେ ଏମାନଙ୍କୁ ଦେଖିବା ମାତ୍ରେ ଆମ ଭିତରୁ ଅନେକେ ପିମ୍ପୁଡି ମରା ଔଷଧ ପକାଇ ଏମାନଙ୍କୁ ମାରି ଦେଇଥାଉ । ଏହାଦ୍ୱାରା ପ୍ରଥମତଃ ଆମେ ଜୀବହତ୍ୟାର ଭାଗିଦାର ହେଲୁ । ତା'ସହିତ ସମସ୍ୟାକୁ ଆହୁରି ବଢିବାକୁ ମଧ ବାଟ ଖୋଲିଦେଲୁ । ତେଣୁ ସେମାନଙ୍କୁ ଜୀବନରୁ ନ ମାରି ପିମ୍ପୁଡ଼ି ବାହାରୁଥିବା ସ୍ଥାନରେ କିଛି ଲବଙ୍ଗ କିମ୍ବା କିଛି ତେଜପତ୍ର ଅଥବା ଲେମ୍ବୁକୁ ଦୁଇଫାଳ କରି ରଖିଦିଅନ୍ତୁ । ଦେଖିବେ କିଛି ସମୟ ପରେ ପିମ୍ପୁଡ଼ି ଆପେ ଆପେ କୁଆଡ଼େ ଚାଲିଯିବେ, ତା'ସହିତ କରଜ ସମସ୍ୟା ବି କିଛିଟା ଦୂର ହୋଇଯିବ ବୋଲି ବିଶ୍ୱାସ ରହିଛି । ଅନ୍ୟପକ୍ଷେ କଳା ପିମ୍ପୁଡ଼ି ବାହାରୁଥିଲେ, ଏହା ଶୁଭ ସଙ୍କେତ ଦେଇଥାଏ । ଖାସ୍ କରି କଳା ପିମ୍ପୁଡ଼ି ଧାଡ଼ି ଧାଡ଼ି ହୋଇ ସାଙ୍ଗରେ କିଛି ଧଳା ଜିନିଷ ନେଇ ଯାଉଥିବାର ଦେଖିବା ଅତ୍ୟନ୍ତ ଶୁଭ ହୋଇଥାଏ ।

## କାର୍ପେଟର ଯତ୍ନ



ଘରର ଡିଜାଇନକୁ ବେଶ୍ ସୁନ୍ଦର କରିଥାଏ କାର୍ପେଟ । ତେବେ ସବୁଦିନ ଏହାକୁ ସୁନ୍ଦର କରି ରଖିବାକୁ ହେଲେ ଏହାର ଠିକ୍ ଭାବେ ଯତ୍ନ ନେବାକୁ ହେବ...

ଉପରେ ସମସ୍ତେ ଚାଲିବା ଫଳରେ ସେଥିରେ ବହୁତ ଧୂଳି ଜମି ଯାଇଥାଏ । ତେଣୁ ସପ୍ତାହକୁ ଅତି କମ୍‌ରେ ଦୁଇଥର ଭାକ୍ୟୁମ୍ କ୍ଲିନର ସାହାଯ୍ୟରେ କାର୍ପେଟକୁ ସଫା କରନ୍ତୁ । କିଛି ତରଳ ପଦାର୍ଥ ଢାଳି ଦାଗ ହୋଇଗଲେ ତୁରନ୍ତ ତାକୁ ସଫା କରନ୍ତୁ । ଦାଗ ହୋଇଥିବା ସ୍ଥାନରେ ସଫା କରିବା ପାଇଁ ଘରେ ଥିବା ଯେକୌଣସି ଫର୍ମୁଲା ବ୍ୟବହାର କରନ୍ତୁ । ଦାଗ ସଫା କରିବା ପରେ ସେହି ସ୍ଥାନରେ କିଛି ପେପର କିମ୍ବା ସଫା କପଡା ରଖି ଦିଅନ୍ତୁ । ଫଳରେ ସଫା ହୋଇଥିବା ସ୍ଥାନ ଶୀଘ୍ର ଶୁଖିଯିବ । ସଫା କରିବା ପାଇଁ କ୍ଲବ ସୋଡା ବ୍ୟବହାର କରିପାରିବେ । ଏହାକୁ ବ୍ୟବହାର କଲେ ଅତି ସହଜରେ ଚା, କଫି କିମ୍ବା ଜୁସ୍ ଆଦିର ଦାଗ ଛାଡି ଯାଇଥାଏ । ତେଣୁ କାର୍ପେଟର ଅରିଜିନାଲ୍ ଲୁକ୍ ଆସିଥାଏ । ଭାକ୍ୟୁମ୍ କରିବା ପୂର୍ବରୁ ତା' ଉପରେ କିଛି ବେକିଂ ସୋଡା ପକାଇ ଦିଅନ୍ତୁ । କିଛି ସମୟ ପରେ ଭାକ୍ୟୁମ୍ କ୍ଲିନରରେ ସଫା କଲେ ତାହା ଅଧିକ ସୁନ୍ଦର ଦେଖାଯାଏ । ଉପରେ ଜୋତା ପିନ୍ଧି ଚାଲନ୍ତୁ ନାହିଁ । ଏଥିରେ ଲାଗିଥିବା ମଇଳା ଯୋଗୁଁ କାର୍ପେଟ ଶୀଘ୍ର ଖରାପ ହୋଇଥାଏ । ବର୍ଷକୁ ଅତି କମ୍‌ରେ ଦୁଇଥର ବାହାରକୁ ଆଣି ଭଲଭାବେ ଧୋଇ ସଫା କରନ୍ତୁ । ଫଳରେ ଏହା ସଫା ଦିଶିବ । ସଫା କରିବା ପାଇଁ କାର୍ପେଟ ବ୍ରଶ ବ୍ୟବହାର କରନ୍ତୁ । ଫଳରେ କାର୍ପେଟରେ ଲାଗିଥିବା ଧୂଳି ଠିକ୍ ଭାବେ ବାହାରିପାରିବ ।

## ଆଜିର ରାଶିଫଳ

**ମେଷ** – କାର୍ଯ୍ୟକ୍ଷେତ୍ରରେ କୌଣସି ବଡ଼ ଚାଲେଞ୍ଜ ଆସିବ । ଲୋକେ ଆପଣଙ୍କ କାମ କରିବା ଶୈଳୀରେ ପ୍ରଭାବିତ ହେବେ । ଧନଲାଭର ସୁଯୋଗ ଅଛି । ଦାମ୍ପତ୍ୟ ସମ୍ବନ୍ଧ ମଧୁରତାରେ ପୂର୍ଣ୍ଣ ରହିବ ।

**ବୃଷ** – ସାମାଜିକ ସମସ୍ୟା ଲୋକଙ୍କ ଆଗରେ ରଖିବେ । ଆମଦାନି ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ । ଗାଡ଼ିବାଇକ ସାବଧାନତାର ସହ ଚଳାନ୍ତୁ । ଲେଖାପଢ଼ାରେ ଆପଣଙ୍କର ଏକାଗ୍ରତା ବଢ଼ିବ ।

**ମିଥୁନ** – ସାମାଜିକ କାର୍ଯ୍ୟରେ ସକ୍ରିୟତା ବଢ଼ିପାରେ । ବେପାରରେ ଲାଭ ପାଇବେ । ପରିବାର ଲୋକଙ୍କଠାରୁ କୌଣସି ଭଲ ଖବର ପାଇବେ । ଶତ୍ରୁ କ୍ଷତି କରିବାକୁ ବିଫଳ ପ୍ରୟାସ କରିବେ । କ୍ୟାରିୟରରେ ଆଗକୁ ବଢ଼ିବେ ।

**କର୍କଟ** – କାରବାରରେ ବନ୍ଧୁ ବା ପରିବାର ଲୋକଙ୍କ ସାହାଯ୍ୟ ପାଇବେ । ଅିଫସ କାମରେ ଦୂରସ୍ଥାନକୁ ଯିବେ । ଖାଦ୍ୟ ପାଦୀୟ ପ୍ରତି ସଜାଗ ରହନ୍ତୁ । ଛାତ୍ରଙ୍କ କ୍ୟାରିୟରରେ ନୂଆ ପରିବର୍ତ୍ତନ ଆସିବ ।

**ସିଂହ** – ବ୍ୟବସାୟ ସମ୍ବନ୍ଧରେ ବଡ଼ ନିଷ୍ପତ୍ତି ନେବା ପାଇଁ ଦିନଟି ଭଲ । ଅଜଣା ବ୍ୟକ୍ତିଙ୍କ ଉପରେ ଅଧିକ ଭରସା କରନ୍ତୁ ନାହିଁ । ନୂଆ ବାଇକ କିଣିବେ । ପ୍ରେମୀ ଯୁଗଳ ବାହାରକୁ ବୁଲି ଯିବା ପାଇଁ ଯୋଜନା କରିବେ ।

**କନ୍ୟା** – ପରିବାର ସହ ସିନେମା ଦେଖିବାର ଯୋଜନା କରିବେ । ସମୟର ସଦୁପଯୋଗ କରନ୍ତୁ ଲାଭ ହେବ । ବେକାରଙ୍କୁ ରୋଜଗାରର ମଉକା ମିଳିବ । ଅିଫସରେ ନୂଆ ଦାୟିତ୍ୱ ପାଇବେ । ଆଇନ ଛାତ୍ରଙ୍କ ଲାଗି ଦିନଟି ଭଲ ।

**ତୁଳା** – ନିଜର ଲକ୍ଷ୍ୟ ନିର୍ଦ୍ଧାରିତ କରିବା ଲାଗି ନୂଆ ଯୋଜନା କରିବେ । ଚାକିରିଜୀବୀ ଭଲ ଖବର ପାଇବେ । ଧନଲାଭ ଯୋଗ ଅଛି । ବେପାର ଆଗକୁ ବଢ଼ାଇବା ଯୋଜନା କରିବେ । ଜୀବନସାଥୀଙ୍କୁ କିଛି ଭଲ କଥା କହିବେ ।

**ବିଛା** – କ୍ୟାରିୟରରେ ଆଗକୁ ବଢ଼ିବା ପାଇଁ ନୂଆ ସୁଯୋଗ ସାମନାକୁ ଆସିବ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ସ୍ୱାଦିଷ୍ଟ ଖାଦ୍ୟ ଭୋଜନ କରିବେ । ସାମାଜିକ କାର୍ଯ୍ୟରେ ସମୟ ଦେବେ । ପ୍ରେମ ଜୀବନ ଭଲ ରହିବ ।

**ଧନୁ** – ଆପଣଙ୍କ ବ୍ୟକ୍ତିତ୍ୱକୁ ବିକଶିତ କରିବା ଲାଗି ଦିନଟି ଭଲ । କେଣସି ସମ୍ମାନିତ ଲୋକଙ୍କ ସହ ମିଶିବାର ସୁଯୋଗ ପାଇବେ । ଘରୋଇ କାମରେ ଗୃହିଣୀମାନଙ୍କର ଦାୟିତ୍ୱ ବଢ଼ିବ ।

**ମକର** – କମ୍ ପରିଶ୍ରମରେ ଯଥେଷ୍ଟ ଲାଭ ପାଇବେ । ଆପଣଙ୍କର ଅଶାନ୍ତି ଜୀବନସାଥୀଙ୍କ ସହଯୋଗରେ ସମାଧାନ ହୋଇଯିବ । ଭ୍ରମଣ ସୁଖଦ ରହିବ । ରାଜନୀତିରେ ମହତ୍ୱାକାଂକ୍ଷା ପୂରା ହେବ ।

**କୁମ୍ଭ** – ବନ୍ଧୁ ସହ ବାହାରକୁ ବୁଲି ଯିବାର ଯୋଜନା କରିବେ । ଜମି ବ୍ୟବସାୟୀଙ୍କର ଭଲ ଲାଭ ହେବ । ରାଜନୀତିରେ ସଫଳତା ପାଇବେ । ଚାକିରିରେ ଉନ୍ନତି ହେବ । ବିବାହିତଙ୍କ ଲାଗି ଦିନଟି ବହୁତ ଭଲ ରହିବ ।


**ମୀନ** – ଧର୍ମକାର୍ଯ୍ୟରେ ମନ ଲାଗିବା ଯୋଗୁଁ ଶାନ୍ତି ପାଇବେ । ପଡ଼ୋଶୀ ମନୋମାଳିନ୍ୟ ପାସୋରି ଆପଣଙ୍କ ସହ ବନ୍ଧୁତାର ହାତ ବଢ଼ାଇବେ । ଉନ୍ନତି ପାଇଁ ନୂଆ ରାସ୍ତା ଖୋଲିବ । ବ୍ୟବସାୟ କାମରେ ଦୂରସ୍ଥାନକୁ ଯିବେ ।

## ଝଙ୍କଡ଼ ଶାରଳା ପୀଠ



ରାଜ୍ୟର ପ୍ରମୁଖ ଦେବୀ ପୀଠ ମଧ୍ୟରେ ମା' ଶାରଳାଙ୍କ ମନ୍ଦିର ଅନ୍ୟତମ । ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଝଙ୍କଡ଼ କନକପୁରଠାରେ ଏହି ପୀଠ ଅବସ୍ଥିତ । ବଡ଼ସାରୋଳ ଗ୍ରାମସ୍ଥିତ ବର୍ତ୍ତମାନର ଲଣ୍ଡା ଦେଉଳ କୁହାଯାଉଥିବା ସ୍ଥାନ ଅତୀତରେ (କଳାପାହାଡ଼ ଆକ୍ରମଣ କରିବା ପୂର୍ବରୁ) ମା'ଙ୍କ ପୁରୁଣା ପୀଠ ଅର୍ଥାତ୍ ବିଜେସ୍ଥଳ ଥିଲା । ଜଗତ୍‌ସିଂହପୁରରୁ ଯାଉଥିବା ପର୍ଯ୍ୟଟକମାନେ ମା'ଙ୍କ ପୀଠରେ ପହଞ୍ଚିବାର ଅଧ କିଲୋମିଟର ପୂର୍ବରୁ ଲଣ୍ଡା ଦେଉଳ ପଡ଼େ । ଓଡ଼ିଆ ମହାଭାରତର ସ୍ରଷ୍ଟା ଆଦିକବି ସାରଳା ଦାସଙ୍କ ଜନ୍ମମାଟି ହେଉଛି ଏହି ବଡ଼ସାରୋଳ । ସାରଳା ଦାସ ଓଡ଼ିଆ ମହାଭାରତ ରଚନା କଲାପରେ ୪ କିଲୋମିଟର ଦୂର ବୃଦ୍ଧା ନଦୀ କୂଳ ତେନ୍ତୁଳିପଦାଠାରେ ଆଶ୍ରମ ପ୍ରତିଷ୍ଠା କରି ଶେଷ ଜୀବନ ପର୍ଯ୍ୟନ୍ତ ସାଧନା କରିଥିଲେ । କେହି ମା' ଶାରଳାଙ୍କ ଦର୍ଶନ କରିବାକୁ ଚାହିଁଲେ କଟକ-ଜଗତ୍‌ସିଂହପୁର-ସଅଁରା ଦେଇ କିମ୍ବା କଟକ- ଜଇପୁର-ରାହାଡ଼ିଙ୍ଗା ଦେଇ ଶାରଳା ପୀଠରେ ପହଞ୍ଚିବା ସହଜ ।

## ଆପଣଙ୍କୁ ଦିପହରେ ଅଫିସରେ ଆସୁଛି କି ନିଦ...



ଆଜିକାଲିର ବ୍ୟସ୍ତବହୁଳ ଜୀବନରେ, ଲଗାତର କାମ, ସ୍କ୍ରିନ୍ ଟାଇମ୍ ଏବଂ ନିଦ୍ରାର ଅଭାବ ପ୍ରାୟତଃ ସାରା ଦିନ ଥକ୍କାପଣ ଏବଂ ଆଳସ୍ୟର କାରଣ ହୋଇଥାଏ । ବିଶେଷକରି ମଧ୍ୟାହ୍ନ ଭୋଜନ ପରେ, ଶରୀରର ଶକ୍ତି ହଠାତ୍ ହ୍ରାସ ପାଇଥାଏ, ଯାହା ଫଳରେ ଆଖି ଭାରୀ ଭାରୀ ଲାଗେ ଆଉ ଘୁମ ଆସେ । ଅନେକ ତ ଅଫିସ୍ ଟେବୁଲ୍ ଉପରେ ଶୋଇ ପଡନ୍ତି । ତେବେ ଏହା ଠିକ୍ କି ନାହିଁ ଆସନ୍ତୁ ଜାଣିବା ।

ଏହି ଛୋଟ ନିଦ୍ରାକୁ ପାୱାର ନାପ୍ସ ବୋଲି କୁହାଯାଏ । ଅପରାହ୍ନର ଏହି ଛୋଟ ନିଦ୍ରା, ସ୍ୱାସ୍ଥ୍ୟ ଏବଂ କାମ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ବିଶେଷଜ୍ଞମାନେ କୁହନ୍ତି ଯେ ସଠିକ୍ ସମୟରେ ନିଆଯାଇଥିବା ଏକ ଛୋଟ ନିଦ୍ରା ଦିନର ଥକାପଣକୁ ପୁନଃସ୍ଥାପିତ କରିପାରିବ ଏବଂ ମସ୍ତିଷ୍କକୁ ପୁନଃଶକ୍ତି ପ୍ରଦାନ କରିଥାଏ ।

ପାୱାର ନାପ୍ ହେଉଛି ଶରୀର ଏବଂ ମନକୁ ଶୀଘ୍ର ସତେଜ କରିବା ପାଇଁ ଉଦ୍ଦିଷ୍ଟ ଏକ ଛୋଟ ନିଦ୍ରା । ଏହା ଲମ୍ବା ନିଦ୍ରା ନୁହେଁ, ବରଂ ଏକ ରିସେଟ୍ ବଟନ୍ ଭାବରେ କାମ କରେ । ଏହି ଛୋଟ ନିଦ୍ରା ଏକ ଲମ୍ବା ଦିନ ମଧ୍ୟରେ ସୃଷ୍ଟି ହେଉଥିବା ମାନସିକ ଚାପ ଏବଂ ଥକାପଣକୁ ହ୍ରାସ କରିବାରେ ସାହାଯ୍ୟ କରେ ।

ଗବେଷଣା ଅନୁଯାୟୀ, ଦିନରେ ଏକ ଛୋଟ ନିଦ୍ରା ଏକାଗ୍ରତାକୁ ବଢାଇଥାଏ, ମୁଡକୁ ଭଲ କରିଥାଏ ଏବଂ କାର୍ଯ୍ୟଦକ୍ଷତାକୁ ଉନ୍ନତ କରେ । ଏହି କାରଣରୁ, ଅନେକ ଦେଶରେ, ଅପରାହ୍ନର ନିଦ୍ରାକୁ ଏକ ସୁସ୍ଥ ଦିନଚର୍ଯ୍ୟାର ଅଂଶ ଭାବରେ ବିବେଚନା କରାଯାଏ ।

ବିଶେଷଜ୍ଞଙ୍କ ମତରେ, ୧୦-୨୦ ମିନିଟ୍ ପାୱାର ନାପ୍ ସବୁଠାରୁ ଭଲ ବୋଲି ବିବେଚନା କରାଯାଏ । ଏହି ସମୟରେ, ଶରୀର ହାଲୁକା ନିଦରେ ରହିଥାଏ । ଫଳରେ ଉଠିବା ପରେ ତୁରନ୍ତ ସତେଜ ଅନୁଭବ କରିବାରେ ସାହାଯ୍ୟ କରେ । ଏହି ସମୟ ଫୋକସ୍ ଏବଂ ଏନର୍ଜି ବଢାଇଥାଏ । ତେବେ ଅତି ବେଶିରେ ୨୦ ରୁ ୩୦ ମିନିଟ୍ ଶୋଇଲେ ଚଳିବ । ଯଦି ନିଦ ଅଧ ଘଣ୍ଟାରୁ ଅଧିକ ସମୟ ହୋଇଯାଏ, ତେବେ ଶରୀର ଗଭୀର ନିଦ୍ରାକୁ ଚାଲିଯାଏ । ଏହା ପରେ ଉଠିବା ସମୟରେ ଆଳସ୍ୟ, ଭାରୀପଣ ଏବଂ ମୁଣ୍ଡ ବୁଲାଇବା ଭଳି ଅନୁଭବ ହୁଏ, ଯାହାକୁ ସ୍ଲିପ୍ ଇନର୍ସିଆ କୁହାଯାଏ ।

## ହଜମ ପ୍ରକ୍ରିୟାକୁ ସୁସ୍ଥ ରଖେ ଅମୃତଭଣ୍ଡା



ଅମୃତଭଣ୍ଡା ସ୍ୱାସ୍ଥ୍ୟ ଉପକାରୀ ଗୁଣର ଏକ ଖଣି । ଏଥିରେ ଥିବା ଉପାଦାନ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଏହା କେବଳ ସ୍ୱାଦିଷ୍ଟ ନୁହେଁ, ସ୍ୱାସ୍ଥ୍ୟକର । ଅମୃତଭଣ୍ଡାରେ ପ୍ରଚୁର ପରିମାଣରେ ଭିଟାମିନ୍ ସି, ଭିଟାମିନ୍ ଏ, ଫୋଲେଟ୍, ଫାଇବର, କପର, ମ୍ୟାଗ୍ନେସିୟମ୍ ଏବଂ ପୋଟାସିୟମ୍ ଥାଏ, ଯାହା ସ୍ୱାସ୍ଥ୍ୟରେ ଉନ୍ନତି ଆଣେ । ତେବେ ଅମୃତଭଣ୍ଡା ଖାଇବା ଦ୍ୱାରା କି କି ସ୍ୱାସ୍ଥ୍ୟ ଉପକାରିତା ମିଳିଥାଏ, ଜାଣନ୍ତୁ...

**ହୃଦ୍ ରୋଗରୁ ରକ୍ଷାକରେ:** ଅମୃତଭଣ୍ଡାରେ ଭିଟାମିନ୍ ଏ, ଭିଟାମିନ୍ ସି ଏବଂ ଭିଟାମିନ୍ ଇ ପରି ଅଧିକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଥାଏ । ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଏହି ଫଳ ହୃଦରୋଗର ଆଶଙ୍କାକୁ ହ୍ରାସ କରିଥାଏ । ଏହା ମଧ କୋଲେଷ୍ଟ୍ରଲକୁ ହ୍ରାସ କରେ ।

**ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ:** ଅମୃତଭଣ୍ଡାରେ ଦୁଇଟି ଏନଜାଇମ୍ ପେପେନ୍ ଏବଂ କାଇମୋପେପେନ୍ ରହିଥାଏ । ଏହି ଦୁଇଟି ଏନଜାଇମ୍ ହଜମ କରିବାରେ ସାହାଯ୍ୟ କରିଥାଏ ।

**ରୋଗ ପ୍ରତିରୋଧକ ଶକ୍ତି ବଢାଏ:** ଭିଟାମିନ୍ ସିରେ ଭରପୂର ଅମୃତଭଣ୍ଡା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ଫଳରେ ସଂକ୍ରମଣଜନିତ ରୋଗ ହେବାର ଆଶଙ୍କା କମ୍ ରହିଥାଏ ।

**ଓଜନ ହ୍ରାସ କରେ:** ଓଜନ ହ୍ରାସରେ ଅମୃତଭଣ୍ଡା ବେଶ୍ ଲାଭଦାୟକ । ଏଥିରେ ଅଧିକ ଫାଇବର ଏବଂ କମ୍ କ୍ୟାଲୋରୀ ଥାଏ । ଫଳରେ ଅମୃତଭଣ୍ଡା ଖାଇବା ଦ୍ୱାରା ଭୋକ ଲାଗିନଥାଏ । ଯାହା ଦ୍ୱାରା ଓଜନ ହ୍ରାସ ସହଜ ହୋଇଥାଏ ।

**ଚର୍ମ ପାଇଁ ଲାଭଦାୟକ:** ଅମୃତଭଣ୍ଡାରେ ଭିଟାମିନ୍ ସି, ଭିଟାମିନ୍ ଇ, ବିଟା-କାରୋଟିନ୍ ପରି ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ଥାଏ । ତେଣୁ ଅମୃତଭଣ୍ଡା ଖାଇବା ଦ୍ୱାରା ଚର୍ମ କୁଞ୍ଚନ ସମସ୍ୟା ଦୂର ହୋଇଥାଏ ।

## ଫଳ ଚୋପାର ଘରୋଇ ବ୍ୟବହାର



**ଟାଇଲରୁ ଦାଗ ହଟାନ୍ତୁ**

ତରଭୁଜ ଚୋପାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଥାଏ । ଏହା ଟାଇଲ୍ସରେ ଲାଗିଥିବା ଦାହ ଦୂର କରିବାରେ ସହାୟକ ହେବ । ଏଥିପାଇଁ ତରଭୁଜ ଚୋପାକୁ ଗ୍ରାଇଣ୍ଡ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏଥିରେ ଏକ ଚାମଚ ବାସନ ସଫା ଲିକୁଇଡ୍ ମିଶାନ୍ତୁ । ଏହି ପେଷ୍ଟକୁ ଦାଗ ଥିବା ସ୍ଥାନରେ ଲଗାନ୍ତୁ ଏବଂ କିଛି ସମୟ ପରେ ପାଣିରେ ସଫା କରିଦିଅନ୍ତୁ ।

**ଡବାରେ ଲାଗିଥିବା ଧୂଳି ସଫା କରନ୍ତୁ**

ରୋଷେଇ ଘରେ ରଖାଯାଇଥିବା ବାକ୍ସଗୁଡ଼ିକରେ ଧୂଳି ଏବଂ ମଇଳା ଜମା ହୋଇଯାଏ । ଏହାକୁ ଦୂର କରିବା ପାଇଁ ଅମୃତଭଣ୍ଡା ଚୋପାକୁ ଗ୍ରାଇଣ୍ଡ୍ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ପେଷ୍ଟକୁ ଧୂଳି ଜମାଟ ସ୍ଥାନରେ ଲଗାନ୍ତୁ ଏବଂ ପରେ ଏହାକୁ ଏକ କପଡ଼ାରେ ପୋଛିଦିଅନ୍ତୁ ।

**ଉଦ୍ଭିଦକୁ ସତେଜ ରଖନ୍ତୁ**

ପରିବା ଚୋପାକୁ କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ଜାଣିଥିବେ ନିଶ୍ଚୟ । ଏହି ପତ୍ରର ଏକ ପ୍ରକାର ଜୁସ୍ ମଧ କରିପାରିବେ, ଯାହାକୁ ଗଛର ସିଞ୍ଚନ କଲେ ପତ୍ର ସତେଜ ଏବଂ ସବୁଜ ହୋଇଥାଏ । ଏଥିପାଇଁ ପରିବା ଚୋପାକୁ ଭଲ ଭାବରେ ଘୋଡାନ୍ତୁ ଏବଂ ଏହାକୁ ୩ ଦିନ ଛାଡିଦିଅନ୍ତୁ । ତିନି ଦିନ ମଧ୍ୟରେ ପ୍ରତିଦିନ ସେଥିରେ କିଛି କିଛି ପାଣି ମିଶାନ୍ତୁ । ବର୍ତ୍ତମାନ ଏହି ପାଣିକୁ ଗୋଟିଏ ବୋତଲରେ ଭରି ଗଛରେ ସ୍ପ୍ରେ କରନ୍ତୁ ।

## ରସୁଣ ମଟନ୍




**ଆବଶ୍ୟକ ସାମଗ୍ରୀ:** ମଟନ୍, ଗୋଟା ରସୁଣ, କଟା ପିଆଜ, ଗୋଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଶୁଖିଲା ଲଙ୍କା, ତେଜ ପତ୍ର, ସୋରିଷ ତେଲ, ଅଦା ରସୁଣ ପେଷ୍ଟ, ହଳଦି ଗୁଣ୍ଡ, ଲୁଣ, କଟା ଧନିଆ ପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଖାସି ମାଂସ ନିଅନ୍ତୁ । ସେଥିରେ ଗୋଟା କଞ୍ଚାଲଙ୍କା, କଟା ପିଆଜ, ଅଦା-ରସୁଣ ବଟା, ଗରମ ମସଲା, ହଳଦି ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ ଗୋଟା ରସୁଣ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ମସଲା ଗୋଳା ମାଂସକୁ ପକାଇ କିଛି ସମୟ ଭଲ ଭାବରେ କଷନ୍ତୁ । ପରେ ମାଟି ହାଣ୍ଡିକୁ ଗରମ କରି ସେଥିରେ ଅଧା କଷା ହୋଇଥିବା ମଟନ ଓ ସେଥିରେ ଅଳ୍ପ ପାଣି ଦେଇ ଢାଙ୍କୁଣି ଦେଇ ଦିଅନ୍ତୁ । ମଟନ୍‌କୁ ସିଝିବାକୁ ୪୫ ମିନିଟ୍ ଛାଡ଼ି ଦିଅନ୍ତୁ । ୪୫ ମିନିଟ୍ ପରେ ମାଟି ହାଣ୍ଡିକୁ ତଳକୁ ଓହ୍ଲାଇ ଦିଅନ୍ତୁ । ମାଂସରେ ଧନିଆ ପତ୍ର ପକାଇ ଦିଅନ୍ତୁ । ପ୍ରସ୍ତୁତ ହେଇଗଲା ରସୁଣ ମଟନ୍ । ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ ।

## ଦକ୍ଷିଣ ଭାରତୀୟ ଅଭିନେତ୍ରୀ କାଜଲ ଅଗ୍ରୱାଲ



ଦକ୍ଷିଣ ଭାରତୀୟ ସିନେମାରୁ ନେଇ ବଲିଉଡ୍ ପର୍ଯ୍ୟନ୍ତ ସବୁଠି ନିଜର ଅଭିନୟର ଛାପ ଛାଡ଼ିଥିବା କାଜଲ ଅଗ୍ରୱାଲ ଏବେ ନିଜ ଫିଲ୍ମ ଚୟନକୁ ନେଇ ଟିକେ ଅଧିକ ସଚେତନ । ମାତୃତ୍ୱ ଲାଭ ପରେ ସେ ଆଉ ମନ ଇଚ୍ଛା ଅଭିନୟ ଅଫର୍ ଗ୍ରହଣ ନ କରି ଭାବିଚିନ୍ତି ନିର୍ଣ୍ଣୟ ନେଉଛନ୍ତି । କେବଳ କାହାଣୀ ପସନ୍ଦ ହୋଇଯିବା ପରେ ସିନେମା ଦସ୍ତଖତ କରୁନାହାନ୍ତି କାଜଲ । ସିନେମାଟି ଭବିଷ୍ୟତରେ ତାଙ୍କ ପିଲା ଉପରେ କିଭଳି ପ୍ରଭାବ ପକାଇବ, ତାହା ଚିନ୍ତା କରି ହିଁ ସେ ଅଫର୍ ଗ୍ରହଣ କରୁଛନ୍ତି । ଏବେ ସେ ଏମିତି କାମ କରିବାକୁ ଚାହାନ୍ତି, ଯାହାକୁ ନେଇ ଭବିଷ୍ୟତରେ ତାଙ୍କ ପୁଅ ଗର୍ବ ଅନୁଭବ କରିପାରିବ । ଏହି ଚିନ୍ତାଧାରା ଏବେ ତାଙ୍କ କ୍ୟାରିୟର ସଂପର୍କିତ ନିଷ୍ପତ୍ତିର ଏକ ମୁଖ୍ୟ ନିର୍ଣ୍ଣାୟକ ପାଲଟିଛି । କାଜଲ ୨୦୨୦ ମସିହାରେ ବିବାହ କରିଥିବା ବେଳେ ୨୦୨୨ ମସିହାରେ ମାତୃତ୍ୱ ଲାଭ କରିଥିଲେ । ବିବାହ ଓ ମାତୃତ୍ୱ ପରେ ଦାୟିତ୍ୱ ବଢ଼ିଥିବା କଥା ସ୍ୱୀକାର କରିଛନ୍ତି କାଜଲ । ତେଣୁ ଏବେ ସେ ଏଭଳି କାହାଣୀକୁ ଗୁରୁତ୍ୱ ଦେଉଛନ୍ତି; ଯେଉଁଥିରେ ଭଲ ବିଷୟବସ୍ତୁ ସହିତ ସକାରାତ୍ମକ ଭାବନା ଓ ମନେରଖିବା ଭଳି ଚରିତ୍ର ଥିବ । କେବଳ ବ୍ୟାବସାୟିକ ସଫଳତା ନୁହେଁ, ଅର୍ଥପୂର୍ଣ୍ଣ ସିନେମାର ଅଂଶ ହେବାକୁ ସେ ଚାହୁଁଛନ୍ତି । ଉଲ୍ଲେଖଯୋଗ୍ୟ, କାଜଲ ଆଗାମୀ ଦିନରେ ନୀତେଶ ତିୱାରିଙ୍କ ନିର୍ଦ୍ଦେଶିତ 'ରାମାୟଣ'ରେ ନଜର ଆସିବେ । ସେଥିରେ ସେ ଲଙ୍କେଶ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ଭୂମିକା ନିଭାଇବେ ।


NABARD
45th
FOUNDATION DAY
Celebrating 45 Years of
Commitment to Rural Prosperity
National Bank for Agriculture and Rural Development
www.nabard.org
Taking Rural India >> Forward
/nabardonline

# ରାସ୍ତା ଉପରେ ଭିଡ଼ ଜମାଉଛନ୍ତି ବୁଲା ଗାଈ ଗୋରୁ

## ରଥଯାତ୍ରା ପୂର୍ବରୁ ସ୍ଥାନାନ୍ତର ନିମନ୍ତେ ଦାବି

ଖଣ୍ଡପଡ଼ା,(ପିପିଏସ): ଖଣ୍ଡପଡ଼ା ସହରାଞ୍ଚଳର ପ୍ରମୁଖ ରାସ୍ତାଗୁଡ଼ିକ ଗାଈଗୋରୁଙ୍କ କବଜା କବଳିତ ହୋଇଥିବା ବେଳେ ଏଥିପାଇଁ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଦିନରାତି ବୁଲା ଗାଈଗୋରୁ ରାସ୍ତା ଉପରେ ଏଣେତେଣେ ବୁଲା ବୁଲି କରିବା ସହ ଶୋଇ ରହୁଛନ୍ତି। ଫଳରେ ସାଧାରଣରେ ଯାତାୟତ ଏବଂ ଯାତ୍ରୀବାହୀ ବସ୍ ଚଳାଚଳରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ରଥଯାତ୍ରା ପୂର୍ବରୁ ବର୍ତ୍ତମାନ ସହର ଚଳଚଞ୍ଚଳ ଥିବାବେଳେ ଆଗକୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳୁଛି। ମାତ୍ର ଏଭଳି ବିଚିତ୍ର ସ୍ଥିତିରେ ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ସହର ସଂଲଗ୍ନ ମୁଖ୍ୟ ରାସ୍ତା ଉପରେ ଗାଈଗୋରୁ ଶୋଇରହି ମଳତ୍ୟାଗ କରିବା



ଯୋଗୁଁ ରାସ୍ତା ଅପରିଷ୍କାର ସହ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା ଉପରକୁ ଗୋରୁଙ୍କୁ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦା ତଥା ଗୋପାଳକ ମାନେ କିନ୍ତୁ ନିୟମ ମାନୁନାହାନ୍ତି। ସ୍ଥାନୀୟ ପ୍ରଶାସନର ସ୍ଥାଣୁତା କର୍ତ୍ତୁପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଗୋପାଳକମାନେ ଗାଈଗୋରୁଙ୍କୁ ରାସ୍ତା ଉପରେ ନିର୍ଭୟରେ ଛାଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ଉପରୁ ଗାଈଗୋରୁଙ୍କ ହଟାଇବା ନିମନ୍ତେ ଏନ୍ଏସି କର୍ତ୍ତୁପକ୍ଷ ଗୋପାଳକ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରାଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ବୁଲା ଗାଈଗୋରୁଙ୍କ ନିମନ୍ତେ କାଞ୍ଜିଆହୁଦା ନିର୍ମାଣ ଅଧପନ୍ତାରିଆ ଭାବେ ପଡିରହିଥିବା ଦେଖିବାକୁ ମିଳିଛି। ତେବେ ପ୍ରତିବର୍ଷ ରଥଯାତ୍ରା ସମୟରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଏନ୍ଏସି କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବିଭିନ୍ନ ସମୟରେ ମୁଖ୍ୟ ରାସ୍ତା ଉପରେ ଷଣ୍ଢଙ୍କ ଲଢେଇ ଯୋଗୁଁ ଅପ୍ରୀତିକର ପରିସ୍ଥିତ ମଧ୍ୟ ସୃଷ୍ଟି ହେଉଛି। ଏ ନେଇ ସ୍ଥାନୀୟ ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ନେବାରେ ଆସନ୍ତା ରଥଯାତ୍ରା ପୂର୍ବରୁ ସେମାନଙ୍କୁ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତି ଚାଲିଥିବା କହିଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ: ମୁଖ୍ୟ ଡାକଘର କାର୍ଯ୍ୟା ଠପ୍

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଆସିକା ଡାକ ବିଭାଗ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଗତ ଜୁନ ୭ତାରିଖ ଦିନ ସଟ୍ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ପରେ ଅଧିକ୍ଷକଙ୍କ କାର୍ଯ୍ୟାଳୟ ତଳ ମହଲାରେ ମୁଖ୍ୟ ଡାକ ଘରର ସମସ୍ତ କାର୍ଯ୍ୟ ହୋଇ ଆସୁଥିଲା। ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ପରେ ମୁଖ୍ୟ ଡାକଘରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇ ତାଲୁକା ଠାରେ ଥିବା ଡାକ ଘରେ ମୁଖ୍ୟ ଡାକ ଘରର ସ୍ୱଳ୍ପ ଟଙ୍କା ଉଠାଣ ଡିପୋଜିଟ କାର୍ଯ୍ୟ ସୀମିତ କର୍ମଚାରୀ ମାନଙ୍କୁ ନେଇ ହୋଇ ଆସୁଛି। ମୁଖ୍ୟ ଡାକଘର କାର୍ଯ୍ୟ ଏଠାରେ ହେଉଥିବା ଯୋଗୁଁ ଗ୍ରାହକ ମାନଙ୍କ ଗହଳି ଯୋଗୁଁ ଗ୍ରାହକ ଦୀର୍ଘ ଘଣ୍ଟା ଅପେକ୍ଷା କରି ହନ୍ତସନ୍ତ ହେଉଥିବା ଲକ୍ଷ କରାଯାଇଛି । ମୁଖ୍ୟ ଡାକଘର ବନ୍ଦ ହେବା ଫଳରେ ପାସପୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହେବା ଫଳରେ ଗଞ୍ଜାମ ଜିଲ୍ଲାର ଅଧିକାଂଶ ବ୍ଲକର ପାସପୋର୍ଟ ଆବେଦନକାରୀ ହଟହଟା ହେଉଛନ୍ତି। ଏହା ସାଙ୍ଗକୁ ଅଗ୍ରିମ ରେଲୱେ ଟିକେଟ କରିବାରୁ ଲୋକେ ବଞ୍ଚିତ ହୋଇଛନ୍ତି। ଆଧାର କାର୍ଡ ପାଇଁ ଲୋକେ ଏହି କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଆସିକା ମୁଖ୍ୟ ଡାକଘରକୁ ମରାମତି କରି ଲୋକଙ୍କ କାର୍ଯ୍ୟରେ ଲଗାଇବାକୁ ସାଧରଣରେ ଦାବୀ ହେଉଛି।

# ରଘୁନାଥ ଜୀଉଙ୍କ ନୂତନ ତୋରଣ ନିର୍ମାଣ ନିମନ୍ତେ ଭୂମିପୂଜନ



ଓଡଗାଁ, (ପିପିଏସ୍): ନୟାଗଡ ଜିଲ୍ଲା ଓଡଗାଁ ସୁବର୍ଣ୍ଣ କଳସ କ୍ଷେତ୍ରର ଆରାଧ୍ୟ ପ୍ରଭୁ ରଘୁନାଥ ମନ୍ଦିର ସମ୍ମୁଖରେ ନୂତନ ତୋରଣ ନିର୍ମାଣ ନିମନ୍ତେ ଗତକାଲି ଭୂମି ପୂଜନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଭୁ ରଘୁନାଥଙ୍କର ଭକ୍ତ ସାରା ରାଜ୍ୟରେ ଅନେକ ଜାଗାରେ ଥିବାବେଳେ ଭୁବନେଶ୍ୱର ବାସିନ୍ଦା ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସୁପୁତ୍ର ସତ୍ୟମ ଦାସ ନିଜ ଖର୍ଚ୍ଚରେ ପ୍ରଭୁଙ୍କ ମନ୍ଦିରର ପ୍ରବେଶ ଦ୍ୱାରରେ ଏକ ସୁନ୍ଦର ତୋରଣ ନିର୍ମାଣ କରିବା ନିମନ୍ତେ ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ପାଇବା ପାଇଁ ନିବେଦନ କରିଥିଲେ । ଜିଲ୍ଲାପାଳ ଏହା ଉପରେ ବିଚାର କରି ଚଳିତ ମାସ ୬ତାରିଖ ଦିନ ନିଜ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୫୦୪ରେ ଅନୁମତି ପ୍ରଦାନ କରିଥିଲେ । ଅନୁମତି ପାଇବାପରେ ଗତକାଲି ସତ୍ୟମ ପ୍ରଭୁ ରଘୁନାଥଙ୍କ ମନ୍ଦିରରେ ପହଞ୍ଚି ପୁଜାର୍ଚ୍ଚନା କରିବାସହ ପ୍ରଭୁଙ୍କର ଆଜ୍ଞାମାଳ ନେଇ ଭୂମି ପୂଜନ ସହ ହୋମକାର୍ଯ୍ୟ କରିଥିଲେ । ବରିଷ୍ଠ ମନ୍ଦିର ଶିଳ୍ପୀ ସ୍ଥାନୀୟ ଛାମୁସାହିର ଦିଲ୍ଲୀପ କୁମାର ଦାସ ତୋରଣ ନିର୍ମାଣର ଦାଇତ୍ୱ ନେଇଥିବାବେଳେ ନିଜେ ସତ୍ୟମ ତୋରଣର ଡିଜାଇନ୍ ପ୍ରସ୍ତୁତ କରିଛନ୍ତି କ୍ଷ ମନ୍ଦିର ପୂଜକ ପରିଷଦ ଏବଂ ସୁଆର ପରିଷଦ ଏହି କାର୍ଯ୍ୟରେ ସମ୍ମତି ଜଣାଇବାସହ ସମସ୍ତ ପ୍ରକାରର ସହଯୋଗ କରିଥିବା ଜଣାଯାଇଛି । ପୂଜକ ପରିଷଦର ସଭାପତି ପ୍ରଫୁଲ୍ଲ ମହାପାତ୍ରଙ୍କ ସହ ବରିଷ୍ଠ ପୂଜକ ରଞ୍ଜନ ମହାପାତ୍ର, ନଗେଶ ମହାପାତ୍ର, ନାରାୟଣ ମହାପାତ୍ର, ଜିତେନ୍ଦ୍ର ମହାପାତ୍ର ଏବଂ ଅନ୍ୟାନ କର୍ମକର୍ତ୍ତା ପ୍ରମୁଖ ସତ୍ୟମଙ୍କୁ ପ୍ରଭୁ ରଘୁନାଥଙ୍କର ତୈଳ ଚିତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

# ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ



ଓଡଗାଁ, (ପିପିଏସ୍): ଅଦ୍ୟ ତା ୧୧/୭/୨୦୨୬ ରିଖ ଶନିବାର ଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ନେତୃତ୍ୱ ରେ ବିଦ୍ୟାଳୟରେ ବନମହୋତ୍ସବ ପାଳନ କରାଯାଇଥିଲା।ମୁଖ୍ୟ ଅତିଥି ଭାବରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଶ୍ରୀ ଅଭିମନ୍ୟୁ ମଲିକ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବରେ ପାଣ୍ଡରିପଡା ଗ୍ରାମପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ଗାୟତ୍ରୀ ରାଉତ,ଶତ୍ରୁଘ୍ନ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଶତ୍ରୁଘ୍ନ ପ୍ରଧାନ,ମଶାବାରି ସି ଆର୍ ସି ସି ଶ୍ରୀ ଯଶୋବନ୍ତ ପଟ୍ଟନାୟକ ବନପାଳ ଶ୍ରୀମତୀ ସରିତା ବରାଳ,ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ନାୟକ ଉପାଧ୍ୟକ୍ଷ ଶ୍ରୀମତୀ ବବିତା ବିଶ୍ୱାଳ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ଆନନ୍ଦ ଡାକୁଆ ଶ୍ରୀ ରବିନାରାୟଣ ଜେନା ,ପଞ୍ଚସଖା ଶିକ୍ଷା ସେତୁ ସଭ୍ୟ ଶ୍ରୀ ଧୋବା ସ୍ୱାଇଁ ଯୋଗ ଦାନ କରି ବିଦ୍ୟାଳୟ ପରିସର ଏବଂ ବିଦ୍ୟାଳୟ ପରିସର ବାହାରେ ବୃକ୍ଷରୋପଣ କରିଥିଲେ। ବନାଞ୍ଚଳ ଅଧିକାରୀ ଶ୍ରୀ ମଲ୍ଲିକ ବୃକ୍ଷ କିପରି ଲଗାଯିବ ତାହା କୁ ଅତି ସୁନ୍ଦର ଭାବରେ ବୁଝାଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ଜୟନ୍ତ କୁମାର ଦାସ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।ବନମହୋତ୍ସବ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର ଫଳାଫଳ ଘୋଷଣା କରି କୃତି ଛାତ୍ରଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।ଇକୋକ୍ଲବ ଦାୟିତ୍ୱ ରେ ଥିବା ଶିକ୍ଷକ ଶ୍ରୀ ପ୍ରଦୋଷ କୁମାର ରାଉତ ବନମହୋତ୍ସବ ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତୀ ସୌଭାଗ୍ୟ ମହାରଣା ,ଶ୍ରୀମତୀ ସୁକାନ୍ତି ସେଠୀ, ଟ୍ୱିଙ୍କିଲ ବିଶ୍ୱାଳ ,ଶିକ୍ଷକ ଶ୍ରୀ ଦେବାଶିଷ ବିଷୋୟୀ ଶ୍ରୀ ଗୁରୁକୃଷ୍ଣ ପଣ୍ଡା,ଶ୍ରୀ ଜୟକୃଷ୍ଣ ଜେନା,କିରାଣୀ ଶ୍ରୀ ନିକୁଞ୍ଜ ବିହାରୀ ଦାସ ଏବଂ ସୁଦାମ ଚରଣ ରାଉତ ସହଯୋଗ କରି କାର୍ଯକ୍ରମ କୁ ସଫଳ କରିଥିଲେ।

# ରଥଯାତ୍ରାର ସୁରକ୍ଷା ପାଇଁ ମା'ଙ୍କ ଆଶୀର୍ବାଦ

## ଆଇଜି ସତ୍ୟଜିତ ନାୟକ ଅର୍ପଣ କଲେ ପୁଲିସ ବ୍ୟବସ୍ଥା

ଅସ୍ତରଙ୍ଗ (ପିପିଏସ୍): ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୨୦୨୬କୁ ସଫଳ, ନିରାପଦ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଆଶୀର୍ବାଦ ଭିକ୍ଷା କଲେ ଆଇଜି ସତ୍ୟଜିତ ନାୟକ। ଶନିବାର ପୂର୍ବାହ୍ନରେ ସେ ମା 'ଙ୍କ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ବିଶେଷ ପୂଜାର୍ଚ୍ଚନା କରିଥିଲେ।

ଏହି ଅବସର ରେ ଆଇଜି ଶ୍ରୀ ନାୟକ ନିଜେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଲେଖିଛନ୍ତି, 'ଆଗାମୀ ରଥଯାତ୍ରାର ସଫଳ, ନିରାପଦ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ପାଇଁ ପବିତ୍ର କାକଟପୁର ମନ୍ଦିର ରେ ମା ମଙ୍ଗଳାଙ୍କ ଦୈବୀ ଆଶୀର୍ବାଦ କାମନା କଲି।'

ଏତିକିରେ ସୀମିତ ନରହି ସେ ଆଉ ଏକ ଅଭିନବ ପଦକ୍ଷେପ ମଧ୍ୟ ନେଇଛନ୍ତି। ସେ ଆହୁରି ଲେଖିଛନ୍ତି, 'ଏହି ଶୁଭ ଅବସର ରେ ରଥଯାତ୍ରା, ୨୦୨୬ ପାଇଁ ପ୍ରସ୍ତୁତ ହୋଇଥିବା ପୋଲିସ ବ୍ୟବସ୍ଥାର କପି ମଧ୍ୟ ପବିତ୍ର ମନ୍ଦିର ରେ ଭକ୍ତିର ସହ ଅର୍ପଣ କରାଯାଇଥିଲା। ସମସ୍ତ ଭକ୍ତଙ୍କ ମଙ୍ଗଳ ଏବଂ ପର୍ବର ସୁରୁଖୁରୁ ସମ୍ପାଦନ ପାଇଁ ମା'ଙ୍କ ଆଶୀର୍ବାଦ ପ୍ରାର୍ଥନା କରାଯାଇଥିଲା।'



କୁହାଯାଏ ମା ମଙ୍ଗଳା ହେଉଛନ୍ତି ଜଗତ ଜନନୀ। ଓଡିଶାର ଲକ୍ଷ ଲକ୍ଷ ଭକ୍ତଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ଏହି ପୀଠ। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀମାନେ ଏଠାକୁ ଆସି ଆଶୀର୍ବାଦ ନେବା ପରମ୍ପରା ରହିଛି। ଏଥର ମଧ୍ୟ ସେହି ପରମ୍ପରାକୁ ଆଗକୁ ବଢାଇଲେ ଆଇଜି ସତ୍ୟଜିତ ନାୟକ।

ଚଳିତ ବର୍ଷ ରଥଯାତ୍ରା ପାଇଁ ପୁରୀ ଓ ଆଖପାଖ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଉଛି। ଲକ୍ଷ ଲକ୍ଷ ଭକ୍ତ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ଟ୍ରାଫିକ, ଭିଡ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଭଳି ସମୟରେ ପୋଲିସ ବ୍ୟବସ୍ଥାକୁ ମା' ମଙ୍ଗଳାଙ୍କ ପାଖେ ଅର୍ପଣ କରିବାର ଅର୍ଥ ହେଉଛି ପ୍ରଶାସନର ଆସ୍ଥା ଓ ବିଶ୍ୱାସ।ମନ୍ଦିର ପରିସର ରେ ଆଇଜିଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ଉତ୍ତରୀୟ ଓ ମା'ଙ୍କ ପ୍ରସାଦ ଦେଇ ସମ୍ବର୍ଦ୍ଧନା ଜଣାଯାଇଥିଲା। ସ୍ଥାନୀୟ ଭକ୍ତମାନେ ମଧ୍ୟ ଆଇଜିଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସେମାନେ କହିଛନ୍ତି ଯେ ପ୍ରଶାସନ ଯେତେବେଳେ ଭକ୍ତି ଓ ବିଶ୍ୱାସ ସହ କାମ କରେ, ସେତେବେଳେ ସବୁ କାର୍ଯ୍ୟ ସୁରୁଖୁରରେ ସମ୍ପନ୍ନ ହୋଇଥାଏ। ମା ମଙ୍ଗଳାଙ୍କ ଆଶୀର୍ବାଦ ସହ ଏବେ ସମସ୍ତଙ୍କ ନଜର ଆଗାମୀ ରଥଯାତ୍ରା ଉପରେ। ପ୍ରଶାସନ ମଧ୍ୟ ଆଶା ରଖିଛି ଯେ ମା'ଙ୍କ କୃପାରୁ ଏଥର ରଥଯାତ୍ରା ଐତିହାସିକ ଓ ନିରାପଦ ହୋଇପାରିବ। ଭକ୍ତମାନେ ମଧ୍ୟ ମାଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ଯେ ବିନା ବିଘ୍ନରେ ରଥଯାତ୍ରା ସମ୍ପନ୍ନ ହେଉ।

# ଗୋପରେ କାଳବୈଶାଖୀର ତାଣ୍ଡବ



ଗୋପ (ପିପିଏସ ) ଆଜି ଗୋପ ଅଞ୍ଚଳରେ କାଳବୈଶାଖୀର ପ୍ରଳୟଙ୍କରୀ ରୂପ ଦେଖିବାକୁ ମିଳିଛି। ପ୍ରବଳ ପବନ ଓ ମାଡ଼ି ଆସିଥିବା ଝଡ଼ ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କେଉଁଠି ଉପୁଡ଼ି ପଡ଼ିଛି ଅନେକ ଗଛ ତ ଆଉ କେଉଁଠି ଛିଣ୍ଡିଯାଇଛି ବିଦ୍ୟୁତ ତାର। ଆଜି ଆସିଥିବା ହଠାତ୍ ଝଡ଼ପବନ ଯୋଗୁଁ ଗୋପ-କୋଣାର୍କ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ପବନର ବେଗ ଏତେ ତୀବ୍ର ଥିଲା ଯେ ଗୋପ ଦେବୀବାଜାର ନିକଟରେ ତିନୋଟି ବଡ଼ ଗଛ ରାସ୍ତା ଉପରକୁ ଉପୁଡ଼ି ପଡ଼ିଥିଲା। ଫଳରେ ରାସ୍ତା କଡ଼ରେ ରଖାଯାଇଥିବା ଦୁଇଟି ବାଇକ୍ ଗଛ ତଳେ ଚାପି ହୋଇଯାଇଛି। ପ୍ରାୟ ୩ ଘଣ୍ଟା ଧରି ଗୋପ-କୋଣାର୍କ ମୁଖ୍ୟ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଏହା ସହିତ ଅଞ୍ଚଳକୁ ବିଦ୍ୟୁତ ସେବା ମଧ୍ୟ ଦୀର୍ଘ ସମୟ ଧରି ବିଚ୍ଛିନ୍ନ ହୋଇପଡ଼ିଥିଲା। ଖବର ପାଇ ଗୋପ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ କଟର ସାହାଯ୍ୟରେ ଗଛଗୁଡ଼ିକୁ କାଟି ରାସ୍ତାରୁ ହଟାଯିବା ପରେ ଯାତାୟାତ ପୁଣି ସ୍ୱାଭାବିକ ହୋଇଛି।

# ଭାଗୀରଥି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ

ନୟାଗଡ (ପିପିଏସ୍): ବନ ମହୋତ୍ସବ ଅବସରରେ ନୟାଗଡ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସ୍ଥିତ ଭାଗିରଥୀ ହାଇସ୍କୁଲ ପରିସରରେ ବ୍ୟାପକ ଭାବେ ବିଭିନ୍ନ କିସମର ବୃକ୍ଷ ରୋପଣ ହୋଇଛି।ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପୂର୍ଣ୍ଣିମା ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ହାଇସ୍କୁଲର ଇକୋ କ୍ଲବ ଆଗେଇ ନେଇଥିବାବେଳେ ଏହି ପରିବେଶ ସଚେତନତା ଧର୍ମୀ କାର୍ଯକ୍ରମରେ ସମସ୍ତ ଛାତ୍ର ଛାତ୍ରୀଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଭାପତି ନବ




କିଶୋର ପରିଡ଼ା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାସ, ଶିକ୍ଷକ ବିଭୂତି ଭୂଷଣ ରଣସିଂହ,ସୂର୍ଯ୍ୟତା ବେହେରା, ଅନସୂୟା ବେହେରା, ଲୋମିତ ପ୍ରିୟଦର୍ଶିନି,, ସ୍ୱାଗତିକା ମହାନ୍ତି, ବେଣୁଧର ବିଶ୍ୱାଳ, ରାଜେଶ କୁମାର ପଣ୍ଡା, ଦୀପକ କୁମାର ମଙ୍ଗଲ, କିଶୋର କୁମାର ଭଞ୍ଜ, ଚିତ୍ତ ରଞ୍ଜନ ଦାଶ, ଯୋଗେଶ ରାଉଳ, ରାମ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ଶହ ବୃକ୍ଷ ରୋପଣ ନୁହେଁ ଏହାକୁ ବଞ୍ଚାଇ ପାରିଲେ ଏହାର ଅସଲ ଉଦ୍ଦେଶ୍ୟ ସାଧିତ ହେବ ବୋଲି ସମସ୍ତଙ୍କୁ ସଚେତନ କରାଇଥିଲେ।

# ନେମ୍ ଆଣ୍ଡ ଫେମ୍ ସ୍କୁଲ୍‌ରେ ବୃକ୍ଷବଣ୍ଟନ




କୋରେଇ,(ପିପିଏସ) ଯାଜପୁର ରୋଡ ନେମ୍ ଆଣ୍ଡ ଫେମ୍ ସ୍କୁଲ୍ ପରିସରରେ, ଜୟ ମହାକାଳ ଫାଉଣ୍ଡେସନ ଓଡ଼ିଶା ଓ ନେମ୍ ଆଣ୍ଡ ଫେମ୍ ସ୍କୁଲର ମିଳିତ ସହଯୋଗ ରେ ଏକ ବୃକ୍ଷ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜୟ ମହାକାଳ ଫାଉଣ୍ଡେସନ ର ଅଧ୍ୟକ୍ଷ ମନୋଜ ଦାସ ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ସୃଷ୍ଟି ଅସମ୍ଭବ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ । ନେମ୍ ଆଣ୍ଡ ଫେମ୍ ସ୍କୁଲ ର ଅଧ୍ୟକ୍ଷ ବିଶ୍ୱନାଥ ପଣ୍ଡା ବୃକ୍ଷ ର ଉପଦୟତା ବିଷୟରେ କହିବା ସହ ବୃକ୍ଷ ପ୍ରକୃତି କୁ ସୁରକ୍ଷା ଦେବା ସହ ମନୁଷ୍ୟ ତଥା ବିଶ୍ୱ ପ୍ରଗତି ରେ ସହାୟକ ହୋଇଥାଏ । ଏହି ଅବସରରେ ନେମ୍ ଆଣ୍ଡ ଫେମ୍ ସ୍କୁଲ ର ଚେୟାରମ୍ୟାନ ବନୋଜ ଜେନା ସମସ୍ତ ଅଭିଭାବକଙ୍କୁ ବୃକ୍ଷ କୁ ନିଜ ବାରି ରେ ଲଗାଇବା ସହ ନିଜ ପୁଅ ଝିଅ ଭଳି ସ୍ନେହ କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ସମାଜସେବୀ ସନ୍ତୋଷ କୁମାର ବେହେରା ବୃକ୍ଷ ର ଉପାଦେୟତା ବିଷୟରେ କହିବା ସହ ସମସ୍ତ ଅଭିଭାବମାନଙ୍କୁ ବୃକ୍ଷ ବଣ୍ଟନ କରିଥିଲେ । ଜୟ ମହାକାଳ ଫାଉଣ୍ଡେସନ ଆଣିଥିବା ମୋଟ ୧୦୦ ଚାରା ଗଛ ବଣ୍ଟନ କରାଯାଇଥିଲା । ଜୟ ମହାକାଳ ଫାଉଣ୍ଡେସନ୍ ସମାଜରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବା ସହିତ ପ୍ରତ୍ୟେକ ନାଗରିକଙ୍କୁ ଅତି କମରେ ଗୋଟିଏ ବୃକ୍ଷ ରୋପଣ ଓ ତାହାର ଯତ୍ନ ନେବା ପାଇଁ ଆହ୍ୱାନ ମଧ୍ୟ ଦିଆଯାଇଛି । ଏହି ଅବସରରେ ପ୍ରକୃତି ବନ୍ଧୁ ସୋମ୍ୟ ରଞ୍ଜନ ସାହୁ, ତପନ କୁମାର ଜେନା, ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକ, ଗୁଞ୍ଜନ କୁମାରୀ, ସହିଫା ସମିରା, ସଫିଆ ପରବୀନ, ଇତିଶ୍ରୀ ମହାନ୍ତି, ସଞ୍ଜୁଲତା ମହାରଣା, ରମାକାନ୍ତ ସ୍ୱାଇଁ, ନନ୍ଦିନୀ ମାଲିକ, ସୁମତି ମାଲିକ, ହୃଷିକେଶ ସାହୁ ଓ ଜୟ ମହାକାଳ ଫାଉଣ୍ଡେସନ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ଙ୍କୁ ସଫଳ କରିଥିଲେ ।

# କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର କନଭେନସନ୍

କେନ୍ଦ୍ରାପଡା, (ପିପିଏସ୍): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ କେନ୍ଦ୍ରାପଡା ଜିଲ୍ଲା ଶାଖା କନଭେନସନ୍ ଦୁହୁରିଆ ସ୍ଥିତ ଶିକ୍ଷକ ଭବନ ସମ୍ମିଳନୀ ଶିକ୍ଷାରେ ଓଷ୍ଟାର ଜିଲ୍ଲା ସଭାପତି ଅଶୋକ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି । ସମନ୍ୱୟ ସମିତିର ଆବାହକ ତଥା ଜିଲ୍ଲା ଓଷ୍ଟାର ସଂପାଦକ ଭଗବାନ ସାହୁ କନ୍‌ଭେସନସନ୍‌ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଉପସ୍ଥିତ ଶିକ୍ଷକ ନେତୃତ୍ୱ ମାନଙ୍କୁ ସ୍ୱାଗତ କରିଥିଲେ । ସମନ୍ୱୟ ସମିତିର ରାଜ୍ୟ ଆବାହକ ତଥା ରାଜ୍ୟ ଓଷ୍ଟାର ସାଧାରଣ ସଂପାଦକ ରଂଜନ କୁମାର ଦାଶ ସରକାରଙ୍କର ଆଭିମୁଖ୍ୟ ପ୍ରକାଶ କରିବା ସହ ଶିକ୍ଷକ କର୍ମଚାରୀ ମାନଙ୍କର ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ ।




ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓଷ୍ଟା ଆନ୍ଦୋଳନ ସଂପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ ଓଷ୍ଟା ସଂପାଦକଙ୍କ ପ୍ରଣବ କୁମାର ଜେନା, ମାଣିକେଶ୍ୱର ସ୍ୱାଇଁ, କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ଦେ, ଅଲୋଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଭାପତି ଧନେଶ୍ୱର ପାତ୍ର, ଉପସଭାପତି ସୁଶାନ୍ତ କୁମାର ପ୍ରଧାନ, ଜିଲ୍ଲା ସଂପାଦକ ତପନ କୁମାର ସିଂହ, ନିର୍ମଳ କୁମାର ନାୟକ, ଜିଲ୍ଲା ଓଷ୍ଟା ଯୁଗ୍ମ ସଂପାଦକ ଅଲେଖ ଚନ୍ଦ୍ର ମହାନ୍ତି, ଉପସଭାପତି ରିନା ରାଉତ, ଯୁଗ୍ମ ସଂପାଦିକା ସରୋଜିନୀ ସ୍ୱାଇଁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ମଧୁଛନ୍ଦା ଶର୍ମା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁ, ରବିନ୍ଦ୍ର କୁମାର ଦାସ, ଜିଲ୍ଲାର ଓଷ୍ଟା ଯୁଗ୍ମ ସଂପାଦକ ଟିଟିକାନ୍ତ ନାୟକ, କାର୍ଯ୍ୟକାରୀ ସଦସ୍ୟ ବିଶ୍ୱଜିତ୍ ଦାସ ଓ ତୁଷାର କାନ୍ତ ନାୟକ ୯ଟି ବ୍ଲକର ଓଷ୍ଟାର ସଭାପତି, ସଂପାଦକ ସାମିଲ ସଂଗଠନ ମଦ୍ରାସାର ଜିଲ୍ଲା ସଭାପତି ମୋକାରକ ଖାଁ ଜିଲ୍ଲା ସଂପାଦକ ସେକ୍ ଆରୁଫ, ଅଲୋଷ୍ଟାର ଜିଲ୍ଲା ସଭାପତି କରୁଣାକର ଭଳ, ଜିଲ୍ଲା ସଂପାଦକ ଆଶୋକ କୁମାର ସାହୁ, ଅଲୋଷ୍ଟାର ବିଭିନ୍ନ ବ୍ଲକ ନେତୃତ୍ୱ, ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ନେତା ପଙ୍କଜ କୁମାର ବେହୁରା, ଶିକ୍ଷକ ନେତା ପ୍ରିୟ ରଞ୍ଜନ ବିଶ୍ୱାଳ, ବ୍ୟାସଦେବ ବେବର୍ତ୍ତା, ମଧୁଦୂଦନ ବେହେରା ପ୍ରମୁଖ ଆଗାମୀ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ରଣ କୌଶଳ ପ୍ରସ୍ତୁତି କରିଥିଲେ । ଓଷ୍ଟା ଜିଲ୍ଲା ଯୁଗ୍ମ ସଂପାଦକ ଅଲେଖ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟସେବା ଶିବିର




ଚୌଦ୍ୱାର,(ପିପିଏସ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ କଲ୍ୟାଣପୁର ଗ୍ରାମସ୍ଥିତ ଅମୃତାୟନ ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି। ରୋଟାରୀ କ୍ଲବ୍ କଟକ ସନ୍‌ସାଇନ୍ ଆନୁକୁଲ୍ୟରେ ଆୟୋଜିତ ଏହି ଶିବିରରେ ଚକ୍ଷୁ ବିଶେଷଜ୍ଞ ଡା. ପତିତପାବନ ରାଗଙ୍କ ଦ୍ୱାରା ୪୬ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ ଓ ଶଂକରପୁର ସରପଞ୍ଚ ବିନୋଦିନୀ ଖଟୁଆ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ।ଡା. ବିଶ୍ୱଜିତ କରଙ୍କ ସହାୟତାରେ ୫୫ଜଣଙ୍କର ଡାଇବେଟିସ୍ ଓ ଅନ୍ୟାନ୍ୟ ରୋଗ ପରୀକ୍ଷା କରାଯାଇ ରୋଗୀ ମାନଙ୍କୁ ଔଷଧ ବିତରଣ କରାଯାଇଥିଲା । ଏହି ଅବସରରେ ରୋଟାରୀ କ୍ଲବ୍ ତରଫରୁ ବୃଦ୍ଧାଶ୍ରମ ଅନ୍ତେବାସୀ ମାନଙ୍କ ପାଇଁ ଜଳଯୋଗର ବ୍ୟବସ୍ଥା ସହିତ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା । ଉପସ୍ଥିତ କର୍ମକର୍ତ୍ତାମାନେ ଆଶ୍ରମ ପରିସରରେ ବୃକ୍ଷ ରୋପଣ କରିଥିଲେ ।ରୋଟାରୀ ସନ୍‌ସାଇନ୍‌ର ସଭାପତି ସମ୍ବିତ ଲେଙ୍କା, ସୁଧୀର ରଥ, ବୃଦ୍ଧାଶ୍ରମ ମୁଖ୍ୟ ଲକ୍ଷ୍ମୀନାରାୟଣ ପଣ୍ଡା , ସହଦେବ ବରାଳ, ଚିନ୍ମୟ ସେନାପତି, ସଂଜିତ ଦାସ, ପ୍ରଶାନ୍ତ ଉଲ୍ଲାକାଙ୍କ ସମେତ କ୍ଲବର ସଦସ୍ୟବୃନ୍ଦ ଓ ଆଶ୍ରମ କର୍ମକର୍ତ୍ତା ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଝାରସୁଗୁଡ଼ା: ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରମୁଖ ସରକାରୀ ଯୋଜନା ଯଥା- ବି ଜି ବି ଓ, ବି ଭି ଜି ରାମ ଜି, ପି ଏମ ଏ ୱାଇ ଇତ୍ୟାଦିର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ବିସ୍ତୃତ ସମୀକ୍ଷା କରିଥିଲେ । ଏହିସବୁ କାର୍ଯ୍ୟକ୍ରମର ବର୍ତ୍ତମାନର ସ୍ଥିତି ଆକଳନ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ସଫଳତାର ସହ ସମସ୍ତ ପ୍ରକଳ୍ପ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ର, ଅତିରିକ୍ତ ଶ୍ରେଣୀ ଗୃହ ଏବଂ ସ୍ୱାସ୍ଥ୍ୟ ଭିତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଏହା ସହିତ ବିଭିନ୍ନ ସରକାରୀ ଓ ସାଧାରଣ ସମ୍ପତିର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟର ମଧ୍ୟ ତଦାରଖ କରାଯାଇଥିଲା । ଗ୍ରାମୀଣ ଜନସାଧାରଣଙ୍କ ସୁବିଧା ପାଇଁ ଏହି ଭିତିଭୂମି ଗୁଡ଼ିକର କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଛନ୍ତି । ଅନ୍ୟପକ୍ଷରେ, ଜିଲ୍ଲାପାଳ ଶ୍ରୀ ଚହ୍ୱାଣ 'ପିଏମ୍ ସୂର୍ଯ୍ୟ ଘର ଯୋଜନା' ଏବଂ 'ଆଦର୍ଶ ଗ୍ରାମ ମିଶନ'ର ସଫଳ ରୂପାୟନ ନେଇ ସମୀକ୍ଷା କରିଥିଲେ । ଗ୍ରାମାଂଚଳର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇ ସେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିଜ ନିଜ ବ୍ଲକର ପ୍ରତ୍ୟେକ ଗ୍ରାମ ପଂଚାୟତରେ ସ୍ଥାନୀୟ ବୈଶିଷ୍ଟ୍ୟ ଓ ସାମର୍ଥ୍ୟକୁ ଆଧାର କରି ଗୋଟିଏ ଲେଖାଏଁ 'ଆଦର୍ଶ ଗ୍ରାମ' ବିକଶିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସମଗ୍ର ଜିଲ୍ଲାରେ ଉନ୍ନତ ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସହଭାଗିତା ନିଶ୍ଚିତ କରି ସମସ୍ତ ବ୍ଲକରେ 'ସ୍ୱଚ୍ଛ ଆଦର୍ଶ ଗ୍ରାମ' ଗଠନ ଦିଗରେ କାର୍ଯ୍ୟ କରିବାକୁ ସମସ୍ତ ବିଡିଓଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

# ସିନ୍ଧିଗୁଡ଼ା ଆଶ୍ରମ ବିଦ୍ୟାଳୟରେ ଛାତ୍ର ମୃତ୍ୟୁ

ମାଲକାନଗିରି : ଖଇରପୁଟ ବ୍ଲକ ଅନ୍ତର୍ଗତ ପରକାନମାଳା ଗ୍ରାମ ପଂଚାୟତର ସିନ୍ଧିଗୁଡା ଆଶ୍ରମ ବିଦ୍ୟାଳୟ ରେ ଏକ ବଡ଼ ଅଘଟଣ ଘଟିଯାଇଛି । ବିଦ୍ୟାଳୟ ରେ ଅଧ୍ୟୟନରତ ନାକମାମୁଡି ପଂଚାୟତ ବାମେରା ଗ୍ରାମର ଛାତ୍ର ଅଭିଲାଷ ମୁଦୁଲି , ହଠାତ୍ ଜ୍ୱର ଜନିତ ଅସୁସ୍ଥତା ଅନୁଭବ କରିବାରୁ ସେ ତାଙ୍କ ଶିକ୍ଷକଙ୍କୁ ଜଣାଇଥିଲା ପରେ ବିଦ୍ୟାଳୟ ର କର୍ମକର୍ତ୍ତା ଗତ ୮ ତାରିଖରେ ଅବିନାଶର ଉତମ ଚିକିତ୍ସା ନିମନ୍ତେ ନିକଟସ୍ଥ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣି ମ୍ୟାଲେରିଆ ଟେଷ୍ଟ କରାଇଥିଲେ, ଯେଉଁଠି ତାର ମ୍ୟାଲେରିଆ ଟେଷ୍ଟ ପଜିଟିଭ୍ ରିପୋର୍ଟ ଆସିଥିଲା । ପ୍ରଥମ ଦିନ ମ୍ୟାଲେରିଆ ଡୋଜ ଖାଇବାପରେ ସେ ଟିକେ ସୁସ୍ଥ ଅନୁଭବ କରିବାରୁ ୯ ତାରିଖରେ ତାକୁ ଦିତୀୟ ଡୋଜ ଦିଆଯାଇଥିଲା କିନ୍ତୁ ଉକ୍ତ ଦିନ ଅଭିଲାଷର ବାପା ଦିନ ମୁଦୁଲି ବିଦ୍ୟାଳୟ କୁ ଆସି ପୁଅର ଅବସ୍ଥା ବୁଝି , ସେ ତାକୁ ସାଙ୍ଗରେ ନେବାପାଇଁ ଜିଦ୍ କରିଥିଲା ଯେହେତୁ ଚିକିତ୍ସା ଚାଲିଥିବା ଦର୍ଶାଇ ସାରମାନେ ତାକୁ ଛାଡିନଥିଲେ । ଆଜି ଅର୍ଥାତ୍ ୧୦ ତାରିଖରେ ଅଭିଲାଷର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ସହିତ ଫିଟସ୍ ମାରିବା କାରଣରୁ ସାରମାନେ ପୁଣିଥରେ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ, କିନ୍ତୁ ଅଳ୍ପ କିଛି ପ୍ରାଥମିକ ଚିକିତ୍ସା କଲାପରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ । ସାଧାରଣ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ଗୋଟିଏ ଛାତ୍ର ର ଜୀବନ ଚାଲିଯିବା ଭଳି ଘଟଣାଟି ସମସ୍ତଙ୍କୁ ମର୍ମାହତ କରିଛି । ଘଟଣାସ୍ଥଳରେ ମୃତ ଅବିନାଶଙ୍କ ପିତା, ଗ୍ରାମବାସୀ, ବିଦ୍ୟାଳୟ ର ପ୍ରଧାନଶିକ୍ଷକ, କଲ୍ୟାଣ ବିଭାଗ କର୍ମଚାରୀ ଓ ସ୍ଥାନୀୟ ପୋଲିସ ପହଁଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡିଛି ।

# ମହିଳା ସଶକ୍ତୀକରଣ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଜୁନାଗଡ଼, (ପିପିଏସ୍): ଓଡ଼ିଶା ସରକାରଙ୍କ ଶକ୍ତିଶ୍ରୀ ଏମ୍ପାୱରମେଣ୍ଟ ସେଲ୍ ପକ୍ଷରୁ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସଚେତନତା ଓ ଆତ୍ମରକ୍ଷା କୌଶଳ ବିକାଶ ଉଦ୍ଦେଶ୍ୟରେ ପ୍ରିୟ ଦର୍ଶନି ଇନ୍ଦିରା ମହାବିଦ୍ୟାଳୟ, ଜୁନାଗଡ଼ରେ ଆୟୋଜିତ ସପ୍ତାହବ୍ୟାପୀ ଆତ୍ମରକ୍ଷା




ସୁରକ୍ଷାବୋଧ ବୃଦ୍ଧି କରିବ ବୋଲି ସେ ମତ ପ୍ରକାଶ କରିଥିଲେ ।ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ମିଡିଆ କ୍ଲବର ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତି ଯୋଗଦେଇ ମହିଳା ସଶକ୍ତୀକରଣ ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ

ପ୍ରଶିକ୍ଷଣ ଶିବିର ଶୁକ୍ରବାର ସଫଳତାର ସହ ସମାପ୍ତ ହୋଇଛି ।ଗତ ୪ ଜୁଲାଇରୁ ୧୦ ଜୁଲାଇ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରଶିକ୍ଷଣରେ ମହାବିଦ୍ୟାଳୟର ୪୨ ଜଣ ଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣରେ ବିଭିନ୍ନ ଆତ୍ମରକ୍ଷା କୌଶଳ ସମ୍ପର୍କରେ ବ୍ୟବହାରିକ ତାଲିମ ପ୍ରଦାନ କରାଯାଇଥିଲା କ୍ଷକାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଅମିତା ମେହେର ଥିବାବେଳେ ଅଭିଜ୍ଞ ପ୍ରଶିକ୍ଷକ ଜଲିପରା ଭୋଇ ଓ ଶିବାନୀ ଭାଟି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।ସମାପନୀ ଉତ୍ସବରେ ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବର୍ତ୍ତମାନ ସମୟରେ ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷା ଅତ୍ୟନ୍ତ ଜରୁରୀ । ଏହିପରି ପ୍ରଶିକ୍ଷଣ ସେମାନଙ୍କ ମଧ୍ୟରେ ସାହସ, ଆତ୍ମବିଶ୍ୱାସ ଓ ଅଧ୍ୟାପକ ପ୍ରିୟବ୍ରତ ବାଣୁଆ ସ୍ୱୟଂ ରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଏହାର ଆବଶ୍ୟକତା ଓ ମହିଳା ସଶକ୍ତୀକରଣରେ ଏହାର ଭୂମିକା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଶେଷରେ ଶକ୍ତିଶ୍ରୀଏମ୍ପାୱରମେଣ୍ଟ ସେଲ୍ର ସଂଯୋଜିକା ଅଧ୍ୟାପିକା ଅମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଲେଜ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଜୟପୁର:କୋରାପୁଟ ଜିଲା ଜୟପୁର ବ୍ଲକରେ ଚାଲିଥିବା ବିକାଶମୁଳକ କାର୍ଯ୍ୟର ସମିକ୍ଷା କଲେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ । କୋଙ୍ଗାର ନବ ନିର୍ମିତ ଉଚ୍ଚ ବିଦ୍ୟାଳୟର କୋଠା, ଜାମୁଣ୍ଡାର ଭୈରବ ମନ୍ଦିର, ଜାମୁଣ୍ଡାର ପ୍ରସ୍ତାବିତ ପଂଚାୟତ ଭବନ, କୋଲାବ ର ଏସ ୱାଟରଫଲ, ବାରଣିପୁଟର ଗ୍ରାମିଣ ପାର୍କ, ସର ଲାଇବ୍ରେରି, ଖାଦ୍ୟ ପାର୍କ ସହ ମାର୍କେଟ କମ୍ପ୍ଲେକ୍ସ ବୁଲି ଦେଖିଥିଲେ । ଏହି ସମିକ୍ଷା ସମୟରେ ଜୟପୁର ଉପ ଜିଲାପାଳ ଯଦୁମଣି ନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚି ଜେନା, ଜୟପୁର ବ୍ଲକ ସହକାରି ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ସହକାରୀ ଯନ୍ତ୍ରୀ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଗଛ ବଞ୍ଚିଲେ ଆମେ ବଞ୍ଚିବା' ଆଲୋଚନାଚକ୍ର

ମାଲକାନଗିରି: ମାଲକାନଗିରି ବ୍ଲକ ସରକାରୀ ଶିକ୍ଷ ପ୍ରଶିକ୍ଷଣ ଅନୁଷ୍ଠାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋଚନାଚକ୍ର 'ଗଛ ବଂଚିଲେ ଆମେ ବଂଚିବା' ଆୟୋଜନ କରାଯାଇ ଅଧିକରୁ ଅଧିକ ଚାରା ରୋପଣର ଆବଶ୍ୟକତା ଉପରେ ଅତିଥିମାନେ ଆଲୋଚନା କରିଥିଲେ କ୍ଷ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ସୁବାସ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ପ୍ରବନ୍ଧ ମ୍ୟାନେଜର ମୁଖ୍ୟବକ୍ତା, ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଏବଂ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, ପ୍ରକୃତି ବନ୍ଧୁ, ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ବୃକ୍ଷର ଉପକାରିତା, ଜଳବାୟୁ ପରିବର୍ତ୍ତନର ଆହ୍ୱାନ ଓ ବନ ସଂରକ୍ଷଣରେ ଛାତ୍ରଛାତ୍ରୀଙ୍କର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅତିଥିମାନେ ଆଲୋଚନାଚକ୍ରରେ ଭାଗ ନେଇ ପ୍ରତ୍ୟେକ ବ୍ୟକ୍ତି ଅତି କମ୍ ରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେଲେ ପରିବେଶ ସନ୍ତୁଳନ ରକ୍ଷାରେ ବଡ଼ ଅବଦାନ ରହିବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାୟତଃ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ଅନୁଷ୍ଠାନ ପରିସରରେ ବିଭିନ୍ନ ପ୍ରଜାତିର ଚାରା ଯେପରି ନିମ୍ବ, କରଞ୍ଜ, ଅଁଳା, ଆମ୍ବ, ପିଜୁଳି, ବଉଳ ଭଳି ୧୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପରିବେଶ ପ୍ରତି ସୁରକ୍ଷା ପ୍ରଦାନ କରିବା ପାଇଁ ଉପସ୍ଥିତ ଅତିଥି ଓ ଛାତ୍ରଛାତ୍ରୀ ପ୍ରତିଜ୍ଞାବଦ୍ଧ ହୋଇ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବବ୍ରତ ଦାସ, ପ୍ରଶିକ୍ଷଣ ଅଧିକାରୀ, ସୋମନାଥ ମହାରଣା, ସହକାରୀ ପ୍ରଶିକ୍ଷଣ ଅଧିକାରୀ ସହଯୋଗ କରିଥିବା ବେଳେ ପ୍ରଫୁଲ୍ଲ ଲୁହା, ଉପ ପ୍ରଶିକ୍ଷଣ ଅଧିକାରୀ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭା ଶେଷରେ ଶୁଭ୍ରାଂଶୁ ପଣ୍ଡା, ସହକାରୀ ପ୍ରଶିକ୍ଷଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ବନ ମହୋତ୍ସବ

ମାଲକାନଗିରି: ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସବୁଜ ଏବଂ ସୁନ୍ଦର ପରିବେଶ ଗଠନ ଲକ୍ଷ୍ୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବନ ମହୋତ୍ସବ ବ୍ୟାପକ ଭାବେ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଅଭିଯାନରେ ବିଦ୍ୟାଳୟଗୁଡ଼ିକର ଇକୋ କ୍ଲବ୍, ଜୁନିୟର ରେଡକ୍ରସ, ସ୍କାଉଟ୍ସ ଓ ଗାଇଡ୍ସ ର କ୍ୟାଡେଟ୍ ମାନଙ୍କ ସମେତ ସାଧାରଣ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ । ବିଦ୍ୟାଳୟ ପରିସର ଏବଂ ଏହାର ଆଖପାଖ ଅଂଚଳରେ ଶତାଧିକ ମୂଲ୍ୟବାନ ତଥା ଔଷଧୀୟ ଚାରା ରୋପଣ କରାଯାଇଛି । କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନ କରିବା ଆମ ସମସ୍ତଙ୍କର କର୍ତବ୍ୟ । ବିଦ୍ୟାଳୟ ସ୍ତରରୁ ହିଁ ପିଲାମାନଙ୍କ ମନରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଓ ପ୍ରତିପାଳନ ଦାୟିତ୍ୱ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ବଂଟନ କରାଯାଇଛି । ଏହି ବନ ମହୋତ୍ସବ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାର ଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ସମାଜର ମିଳିତ ପ୍ରୟାସରେ ଏକ ଜନ ଆନ୍ଦୋଳନର ରୂପ ନେଇଛି, ଯାହାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

# ପାଟଣେଶ୍ୱରୀ ମନ୍ଦିର ଗମ୍ଭୀରା ମରାମତି ଦାବି ଜୋର୍ଧରିଲା

ବଲାଙ୍ଗିର,(ପିପିଏସ୍) : ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଏବଂ ୪୮ ପାଟର ଇଷ୍ଟ ଦେବୀ ମା' ପାଟଣେଶ୍ୱରୀ ରାଜ୍ୟରେ ପୂଜା ପାଇ ଆସୁଛନ୍ତି । ୧୮୭୨ ମସିହାରୁ ନୂତନ ଭାବେ ବଲାଙ୍ଗିରରେ ସ୍ଥାପନ ହୋଇଥିଲା ରାଜଧାନୀ । ସେହି ଦିନଠାରୁ ମା' ପାଟଣେଶ୍ୱରୀ ଦେବୀ ମନ୍ଦିର ବା ପୀଠରେ ମା' ପୂଜା ପାଇଆସୁଛନ୍ତି । ୧୯୯୨ ମସିହାରେ ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭିରା ଘରରେ ପରଭା ନିର୍ମାଣକୁ ଦୀର୍ଘ ୩୦ ବର୍ଷ ବିତିଗଲାଣି । ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପରଭାଟି ଭଗ୍ନ ଅବସ୍ଥାରେ ରହିଥିବାବେଳେ ଏଥିରେ ଫାଟ ମଧ୍ୟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି । ଦେବୀଙ୍କ ପ୍ରତିମୂର୍ତ୍ତି ଉପରେ ଚୁନ ପଥର ପଡୁଥିବାରୁ ଏନେଇ ପ୍ରଶାସନ ସହ ଆଲୋଚନା କରାଯାଇଥିଲା । କିନ୍ତୁ ଏହି ପରଭାର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ହୋଇନାହିଁ । ତେବେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ପକ୍ଷରୁ ଏନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରି ମନ୍ଦିରର ବିଭିନ୍ନ ସମସ୍ୟା



ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।ଏହି ଦାବିପତ୍ର ପ୍ରଦାନବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଉକ୍ତ ମନ୍ଦିରର ଯାଞ୍ଚ କରି ଏହାର କିଭଳି ମରାମତି ହେବ ସେନେଇ କମିଟି କର୍ତ୍ତକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ମା'ସମଲେଶ୍ୱରୀ ମନ୍ଦିରର ଅଧାରେ ଅଟକି ଯାଇଥିବା କାର୍ଯ୍ୟ କିପରି ସମ୍ପୂର୍ଣ୍ଣ ହେବ ବିଭାଗ ସହ ଆଲୋଚନା କରିବି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ପ୍ରଶାନ୍ତ ମହାକୁର, ସହ-ସଂପାଦକ ଶମ୍ଭୁ ପ୍ରସାଦ ଶତପଥି, କୋଷାଧ୍ୟକ୍ଷ ତଥା ଆଇନଜିବୀ ଭବାନୀ ଶଙ୍କର ଭୋଇଙ୍କ ସମେତ ଗୋପାଳଜୀ ପାଣିଗ୍ରାହୀ ଆଲୋଚନାରେ ଭାଗ ନେଇଥିଲେ ।

## ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

# ଗୋ ଚାଲାଣବେଳେ ଚଢ଼ଉ ୨ ଗିରଫ

ଜୟପୁର: ଗୋ ଚାଲାଣ ବେଳେ ଜୟପୁର ଟାଉନ ପୋଲିସ ଚଢଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଉତର ପ୍ରଦେଶର ସୌକିନ ଅଲ୍ଲି (୨୨) ଏବଂ ହରିୟାନାର ସକିଲ (୨୭) । ଏକ କଂଟେନରରେ କଳାହାଣ୍ଡି ଜିଲାର ଧର୍ମଗଡରୁ ଆନ୍ଧ୍ର ପ୍ରଦେଶ ଗୋ ଚାଲାଣ ହେଉଥିଲା । ଟାଉନ ପୋଲିସ ଖବର ପାଇ ପୁରୁଣାଗଡ ଛକରେ ଚଢଉ କରିଥିଲା । ଚଢଉ କରି ୯୧ଟି ଗାଇ ସହ କଂଟେନରକୁ ଜହତ କରିଛି । ୨ ଅଭିଯୁକ୍ତଙ୍କ ନାମରେ ୨୭୧/୨୬ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

# ଦାବି ପୂରଣ ପାଇଁ ସାମୂହିକ ଛୁଟିରେ ଯୋଗାଣ ସହାୟକ

ସୁବର୍ଣପୁର: ଦୀର୍ଘ ଦିନର ନ୍ୟାୟସଙ୍ଗତ ଦାବି ପୂରଣ ନ ହେବାରୁ ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଯୋଗାଣ ସହାୟକ ଜୁଲାଇ ୧୦ ତାରିଖ ଠାରୁ ସାମୂହିକ ଛୁଟିରେ ଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ଡୁଙ୍ଗୁରିପାଲି ବିଡିଓଙ୍କୁ ଏକ ଦାବୀପତ୍ର ପ୍ରଦାନ କରି ଜୁଲାଇ ଓ ଅଗଷ୍ଟ–୨୦୨୬ ମାସର ଖାଦ୍ୟଶସ୍ୟ ବଣ୍ଟନ କାର୍ଯ୍ୟ କରିବା ପାଇଁ କୌଣସି ପ୍ରକାରର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଚାପ ପ୍ରୟୋଗ ନ କରିବାକୁ ଅନୁରୋଧ କରିଛନ୍ତି । ଜୋଗାଣ ସହାୟକମାନଙ୍କ ଦାବୀପତ୍ର ଆନୁସାରେ, ଗତ ୧୬ ଜୁନରେ ରାଜ୍ୟ ସରକାରଙ୍କୁ ଲିଖିତ ନୋଟିସ ଦେଇ ୧୦ ଜୁଲାଇ ସୁଦ୍ଧା ଦାବି ପୂରଣ ନ ହେଲେ ସାମୂହିକ ଛୁଟିରେ ଯିବା ନେଇ ପୂର୍ବରୁ ଅବଗତ କରାଯାଇଥିଲା । ସେହି ନୋଟିସ ପରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମଧ୍ୟ ଏହି ନିଷ୍ପତି ସର୍ବସାଧାରଣଙ୍କୁ ଜଣାଯାଇଥିଲା । ସେମାନେ କହିଛନ୍ତି ଯେ, ସରକାରଙ୍କ ନୂତନ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାକୁ ସମ୍ମାନ ଜଣାଇ ସାର୍ବଜନୀନ ସ୍ୱାର୍ଥରେ ସହଯୋଗ କରିଥିଲେ ମଧ୍ୟ ସେମାନଙ୍କ ଦାବିର ସମାଧାନ କରାଯାଇନାହିଁ । ଏପରି ସ୍ଥିତିରେ ଜୁଲାଇ ଓ ଅଗଷ୍ଟ ମାସର ଖାଦ୍ୟଶସ୍ୟ ବଣ୍ଟନ କାର୍ଯ୍ୟ କରିବା ସମ୍ଭବ ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି । ଦାବୀପତ୍ରରେ ପ୍ରଶାସନକୁ ଅନୁରୋଧ କରାଯାଇଛି ଯେ, ହିତାଧିକାରୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ପୂର୍ବରୁ ବିକଳ୍ପ ପ୍ରଶାସନିକ ବ୍ୟବସ୍ଥା କରାଯାଉ ଏବଂ କୌଣସି ଯୋଗାଣ ସହାୟକଙ୍କ ଉପରେ ଖାଦ୍ୟଶସ୍ୟ ବଣ୍ଟନ କାର୍ଯ୍ୟ ପାଇଁ ଚାପ କିମ୍ବା ବଳପ୍ରୟୋଗ କରାନଯାଉ । ଉକ୍ତ ଦାବୀପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ପ୍ରମୁଖ ଶାସନ ସଚିବଙ୍କ ନିକଟକୁ ମଧ୍ୟ ପ୍ରେରଣ କରାଯାଇଛି । ଦାବୀପତ୍ର ପ୍ରଦାନ କରିବା ସମୟରେ ଯୋଗାଣ ସହାୟକ ସଂଘ ର ସଦସ୍ୟ ଦେବେନ୍ଦ୍ର ଖମାରୀ, ବ୍ୟାସଦେବ ପଧାନ, ହେମନ୍ତ ପଧାନ, ବନମାଳି ଗଡତ୍ୟା, ଗିରି ମେହେର, ଫିଂଟୁ ସା, ସୁମନ୍ତ ପଧାନ, ଶ୍ରୀକାନ୍ତ ପଧାନ, ଜଗମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଉପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ ଜଳ ବିଦ୍ୟୁତ ପ୍ରକଳ୍ପ ଶିଳାନ୍ୟାସର ସୂଚନା ଫଳକ ଉଭାନ୍

ମୁଖୀଗୁଡା: କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ରାଣୀବାହାଲ ଗ୍ରାମରେ ୬୦୦ ମେଗାୱାଟ ଉପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ୍ ଜଳ ବିଦ୍ୟୁତ ପ୍ରକଳ୍ପର ଶିଳାନ୍ୟାସ ଗତ ଜୁନ୍ ୨୦ ତାରିଖରେ ଆଭାସି ମାଧ୍ୟମରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା । ହେଲେ ଶିଳାନ୍ୟାସର କିଛିଦିନ ପରେ ସୂଚନା ଫଳକ ଉଭାନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ପ୍ରକଳ୍ପର ଶିଳାନ୍ୟାସ ସମୟରେ ଓଏଚପିସି କର୍ତ୍ତୃପକ୍ଷ ସ୍ଥାନୀୟ ବିଧାୟକ, ସାଂସଦ, ପ୍ରଶାସନିକ ଅଧିକାରୀ, ସରପଂଚ କିମ୍ବା ଯେଉଁ ଗ୍ରାମରେ ପ୍ରକଳ୍ପ ହେଉଛି ସେହି ଗ୍ରାମର ଜନସାଧାରଣ କିମ୍ବା ସ୍ଥାନୀୟ ଗଣମାଧ୍ୟମକୁ କୌଣସି ସୂଚନା ଦେଇନଥିଲେ, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଏବେ ଶିଳାନ୍ୟାସ ସ୍ଥଳରୁ ସୂଚନା ଫଳକ ଉଭାନ ହେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏନେଇ ମତାମତ ପାଇଁ ମୁଖୀଗୁଡା ସ୍ଥିତ ଓଏଚପିସିର ସାଧାରଣ ପରିଚାଳକ ଅକ୍ଷୟ କୁମାର ସାହୁଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା ହେଲେ ସେ ଫୋନ ରିସିଭ କରିନଥିଲେ ।

# ରାୟଗଡ଼ା ଟ୍ରକ୍ମାଲିକ ସଂଘର ଟଙ୍କା ହଡ଼ପ ଅଭିଯୋଗ,ମାମଲା ରୁଜୁ

ରାୟଗଡ଼ା(ପିପିଏସ୍) :ରାୟଗଡ ଜିଲ୍ଲା ଟ୍ରକ ମାଲିକ ସଂଘର ଟଙ୍କା ହଡ଼ପ ନେଇ ସଙ୍ଘର ପୂର୍ବତନ କର୍ମକର୍ତ୍ତା ଓ ପୂର୍ବତନ ରାଜ୍ୟସଭା ସାଂସଦ




ମାଲିକଙ୍କ ଟଙ୍କା ଲୁଟ୍ କରାଯାଇଛି ବୋଲି ବର୍ତ୍ତମାନ ସଭାପତି ଯାଲା ଭେଙ୍କଟେଶ୍ୱର ରାଓ ଅଭିଯୋଗ କରିଛନ୍ତି । ପ୍ରାୟ ୮୦ କୋଟି ଟଙ୍କା

ଏନ୍. ଭାସ୍କର ରାଓଙ୍କ ବିରୋଧରେ ରାୟଗଡ଼ା ଟାଉନ୍ ଥାନାରେ ମାମଲା ଦାଏର ହୋଇଥିବା ସୂଚନା ଦେଇଛନ୍ତି ବର୍ତ୍ତମାନର ସଂଘର ସଭାପତି ଯାଲା ଭେଙ୍କଟେଶ୍ୱର ରାଓ । ଟ୍ରକ ମାଲିକ ସଂଘ ଆର୍ଥିକ ଅନିୟମିତତା ଅଭିଯୋଗ ନେଇ ଗତ ୯ ତାରିଖରେ ରାୟଗଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଗତ ୪୦ ବର୍ଷ ଧରି ଟ୍ରକ ୟୁନିଅନକୁ ନିଜ ହାତମୁଠାରେ ରଖି ଟ୍ରକ ଆତ୍ମସାତ ହୋଇଥିବା ନେଇ ମାମଲା ଦାୟର ହୋଇଛି । ଏଭଳିକି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଦିଆଯାଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି । ସମଗ୍ର ଘଟଣାର ଇଡି ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି ବର୍ତ୍ତମାନର ସଭାପତି ଯାଲା ଭେଙ୍କଟେଶ୍ୱର ରାଓ । ଏଥିସହ ବି. ମନ୍ମଧ ରାଓ, ଜି. କ୍ରିଷ୍ଣା ଚୈତନ୍ୟ ଏବଂ ଏନ୍. କୃଷ୍ଣ ଚୈତନ୍ୟ ନାମରେ ମଧ୍ୟ ଅଭିଯୋଗ ଦାଖଲ କରାଯାଇଛି । ଏ ସମ୍ପର୍କରେ ଭାସ୍କର ରାଓ ମୁଁ ଆଇନ ବିଶେଷଜ୍ଞ ସହିତ ଆଲୋଚନା କରୁଛି ବୋଲି କହିଛନ୍ତି ।

# ବଲାଙ୍ଗିରର ସମସ୍ତ ପାର୍କରେ ସିସିଟିଭି ବ୍ୟବସ୍ଥା ଆରମ୍ଭ

ବଲାଙ୍ଗିର, (ପିପିଏସ୍):ବଲାଙ୍ଗିର ସହରର ପାର୍କଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ପୌରସଂସ୍ଥା ପକ୍ଷରୁ ସ୍ଥାପିତ ସିସିଟିଭି କ୍ୟାମେରାର ଶୁଭ ଉଦ୍ଘାଟନ କରାଯାଇଛି । ବଲାଙ୍ଗିର ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁଙ୍କ କରକମଳରେ ସହରର ସମସ୍ତ ପାର୍କରେ ସ୍ଥାପିତ ସିସିଟିଭି କ୍ୟାମେରାର ଉଦ୍ଘାଟନ ସମ୍ପନ୍ନ ହୋଇଛି । ଏହି ପଦକ୍ଷେପ ଫଳରେ ପାର୍କକୁ ଆସୁଥିବା ଶିଶୁ, ମହିଳା, ବୟସ୍କ ଓ ସାଧାରଣ ନାଗରିକଙ୍କ ସୁରକ୍ଷା ଅଧିକ ସୁନିଶ୍ଚିତ ହେବ । ସେହିପରି ସାର୍ବଜନୀନ ସମ୍ପତିର ସୁରକ୍ଷା, ପାର୍କଗୁଡ଼ିକର ନିୟମିତ ତଦାରଖ ଓ ସୁଚାରୁ ପରିଚାଳନାରେ ମଧ୍ୟ ଏହି ସିସିଟିଭି ବ୍ୟବସ୍ଥା ସହାୟକ ହେବ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନସିଲର ବୃନ୍ଦ ଏବଂ ପୌରସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

## ବୌଦ୍ଧରେ ଜାତୀୟ ମତ୍ସ୍ୟଚାଷୀ ଦିବସ

# ଆଧୁନିକ ମତ୍ସ୍ୟଚାଷ ମାଧ୍ୟମରେ ଆର୍ଥିକ ସମୃଦ୍ଧି ଉପରେ ଗୁରୁତ୍ୱ

ବୌଦ୍ଧ,(ପିପିଏସ୍) : ବୌଦ୍ଧ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆରଏମ୍ସି ସମ୍ମିଳନୀ କକ୍ଷଠାରେ ଜାତୀୟ ମତ୍ସ୍ୟଚାଷୀ ଦିବସ–୨୦୨୬ ଉତ୍ସାହ ଓ ଆନନ୍ଦର ସହ ପାଳନ କରାଯାଇଥିଲା । ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ମଧ୍ୟରେ ଆଧୁନିକ ମତ୍ସ୍ୟଚାଷ, ସରକାରୀ ସହାୟତା ଏବଂ ରୋଜଗାର ସୃଷ୍ଟି ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ଏଥିରେ ଜିଲ୍ଲାର ପ୍ରାୟ ୫୦ ଜଣ ମତ୍ସ୍ୟଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିଶା ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ କ୍ଷ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମତ୍ସ୍ୟଚାଷ ଆଜି କେବଳ ଏକ ପାରମ୍ପରିକ ଜୀବିକା ନୁହେଁ, ବରଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାର ଏକ ପ୍ରମୁଖ ମାଧ୍ୟମ । ଆଧୁନିକ ବୈଜ୍ଞାନିକ ପଦ୍ଧତି ଓ ସରକାରୀ ଯୋଜନାର ସଠିକ୍ ସଦୁପଯୋଗ ମାଧ୍ୟମରେ ଚାଷୀମାନେ ଅଧିକ ଆୟ ହାସଲ କରି ଆତ୍ମନିର୍ଭରଶୀଳ ହୋଇପାରିବେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ ତପନ କୁମାର




ଗବେଷଣା ଭାରତର ମତ୍ସ୍ୟଚାଷ କ୍ଷେତ୍ରକୁ ନୂତନ ଦିଗ ପ୍ରଦାନ କରିଥିବା ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲାର ସଫଳ ମତ୍ସ୍ୟଚାଷୀ

ଦ୍ୱିବେଦୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଇତିଶ୍ରୀ ସେଠୀ ଯୋଗଦେଇ ମତ୍ସ୍ୟଚାଷ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁଯୋଗ ନେଇ ଆର୍ଥିକ ଉନ୍ନତି ଦିଗରେ ଆଗେଇବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ । ସମନ୍ୱିତ କୃଷି କୁ ଆପଣେଇ ମତ୍ସ୍ୟଚାଷୀ ମାନେ ଆର୍ଥିକ ସମୃଦ୍ଧ ହୋଇପାରିବେ ବୋଲି କହିଥିଲେ କ୍ଷସମାରୋହରେ କୃତ୍ରିମ ପ୍ରଜନନ (Induced Breeding) କ୍ଷେତ୍ରରେ ଐତିହାସିକ ସଫଳତା ହାସଲ କରିଥିବା ବିଶିଷ୍ଟ ବୈଜ୍ଞାନିକ ଡ଼. କେ. ଏଚ୍. ଆଲିକୁନ୍ହି ଓ ଡ଼. ଏଚ୍ଏଲ୍ ଚୌଧୁରୀଙ୍କ ଅବଦାନକୁ ଶ୍ରଦ୍ଧାର ସହ ସ୍ମରଣ କରାଯାଇଥିଲା, ଯାହାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କରାଯାଉଛି । ସେମାନଙ୍କ ମାରୁତି ନନ୍ଦନ ତ୍ରିପାଠୀ, ସୁବିଜ୍ଞାନ ରଞ୍ଜନ ପ୍ରଧାନ,ଖଗେଶ୍ୱର ରଣା,ମହତାବ କହଁର ଏବଂ ମା ତାରିଣୀ ଡବ୍ଲ୍ୟୁଏସ୍ଏଚ୍ଜି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଏହା ସହିତ ବିଭିନ୍ନ ମତ୍ସ୍ୟ ଚାଷ ଯୋଜନାରେ ମନୋନୀତ ହିତାଧିକାରୀ ରଞ୍ଜିତା ସାହୁ ଙ୍କୁ ୬୦ ହଜାର, ଅଶୋକ କୁମାର ବେହେରାଙ୍କୁ ୧,୧୯,୦୦୦ ଏବଂ ରଜନୀ ମଲ୍ଲିକଙ୍କୁ ୧,୮୯,୦୦୦ ଟଙ୍କା ସବ୍ ?ସିଡି ସହାୟତା ପ୍ରଦାନ କରାଯାଇଥିଲା । ବାୟୋଫ୍ଲକ୍ ମତ୍ସ୍ୟଚାଷ ସମେତ ଆଧୁନିକ ମତ୍ସ୍ୟଚାଷ ପଦ୍ଧତିକୁ ପ୍ରୋତ୍ସାହନ ଦେବା ପାଇଁ ଏହି ସହାୟତା ବଣ୍ଟନ କରାଯାଇଥିଲା । ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ଅଧିକାରୀମାନେ ଚାଷୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ମତ୍ସ୍ୟ ଉନ୍ନୟନ ଯୋଜନା, ବାୟୋଫ୍ଲକ୍ ମତ୍ସ୍ୟଚାଷ, ପୋଖରୀ ପରିଚାଳନା, ଉନ୍ନତ ମାଛ ବିହନ ବ୍ୟବହାର, ସମନ୍ୱିତ କୃଷି ଓ ଆର୍ଥିକ ସହାୟତା ସମ୍ପର୍କରେ ବିସ୍ତୃତ ଭାବରେ ସଚେତନ କରାଇଥିଲେ । ଏଥିସହ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା । କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରୀ ଚିନ୍ମୟୀ ଶୁଭସ୍ମିତା ମଞ୍ଚ ପରିଚାଳନା କରିଥିବାବେଳେ, ଜିଲ୍ଲା ମତ୍ସ୍ୟ ବିଭାଗର ଅଧିକାରୀ ଅଂଶୁମାନ ପଣ୍ଡା, ଲିପ୍ସା ଦାଶ, ରାକେଶ ସ୍ୱାଇଁ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ସମସ୍ତ ଅତିଥି, ମତ୍ସ୍ୟଚାଷୀ ଏବଂ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୧୨।୦୭।୨୦୨୬ ■ ରବିବାର

# ଉତ୍ତରଦାୟୀ କରିବାକୁ ହେବ

ଡିଜିଟଲ ମିଡ଼ିଆ କମ୍ପାନୀ ମେଟା ଓ ଗୁଗଲ ପକ୍ଷରୁ ଯେପରି ଭାବେ କୁହାଯାଉଛି ଯେ ତାଙ୍କ ଦ୍ୱାରା ବିବାଦୀୟ ସାମଗ୍ରୀ ସବୁକୁ ନିରୀକ୍ଷଣ କରିବା ସମ୍ଭବପର ନୁହେଁ, ତାହା ଏକପ୍ରକାରେ ଉତ୍ତରଦାୟୀ ନ ହେବା ଲାଗି ଏକ ବାହାନା ବ୍ୟତୀତ ଅନ୍ୟ କିଛି ହୋଇନପାରେ । ପ୍ରଥମଥର ଲାଗି ଏ ପ୍ରକାର କଥା କୁହାଯାଉଛି ତା' ନୁହେଁ, ଯେବେ ସ୍ୱୟଂକୁ ସୋସିଏଲ ମିଡ଼ିଆ କହୁଥିବା କମ୍ପାନୀଗୁଡ଼ିକ ଜାଲ, ଭ୍ରମିତ କଲାଭଳି, ଗୁଜବ ପ୍ରଚାର, ଉତ୍ତେଜନା ସୃଷ୍ଟିକାରୀ ଓ ବିଦ୍ୱେଷ ତଥା ବୈମନସ୍ୟ ପ୍ରଚାର କଲାଭଳି ଖବରଗୁଡ଼ିକର ନିରୀକ୍ଷଣ କରିବା ମାମଲା ଆସୁଛି । ଏମାନେ ନିଜ ଦାୟିତ୍ୱରୁ ଓହରିଯିବା ପାଇଁ ଏପ୍ରକାର ବାହାନା କରୁଛନ୍ତି। ସେମାନେ ଏପ୍ରକାର ଉଦ୍ୟମ ଲଗାତାର କରି ଆସୁଛନ୍ତି । ଏହି କାରଣରୁ ବିଶ୍ୱର ଅଧିକାଂଶ ଦେଶମାନଙ୍କରେ ସେମାନଙ୍କୁ ଉତ୍ତରଦାୟୀ କରାଇବା ଲାଗି ବିଭିନ୍ନ ସ୍ତରରେ ପଦକ୍ଷେପ ନେବାକୁ ପଡୁଛି । ଯେନତେନ ପ୍ରକାରେଣ ଅଧିକରୁ ଅଧିକ ଲୋକଙ୍କ ମଧ୍ୟରେ ନିଜର ଉପସ୍ଥିତି ବଢ଼ାଇବା ଓ ଅର୍ଥ ରୋଜଗାର କରିବା ଲାଗି ଡିଜିଟାଲ ମିଡ଼ିଆ ମାଧ୍ୟମ ଏପରି ଏକ ବ୍ୟବସ୍ଥା ଆପଣାଉଛି ଯାହା ସଂପୂର୍ଣ୍ଣ ଭାବେ ଲଗାମହୀନ ହୋଇଚାଲିଥିବା ନିଷ୍କର୍ଷରେ ପହଞ୍ଚିବା ପାଇଁ ପର୍ଯ୍ୟାପ୍ତ କାରଣ ଆଜି ସାମନାରେ ଅଛି । ଯିଏ ଯାହା ପାରିଲା ତାହା କହୁଛି, ଲେଖୁଛି ଅଥଚ ଯେଉଁ ପ୍ଲାଟଫର୍ମରେ ତାହାର ପ୍ରଚାର, ପ୍ରସାର ହେଉଛି ସେପାଇଁ ସିଏ ଦାୟୀ ହେବାକୁ ଚାହୁଁନାହିଁ ।

ସମସ୍ୟା କେବଳ ଏତିକି ନୁହେଁ ଯେ ଡିଜିଟାଲ ମିଡ଼ିଆ କମ୍ପାନୀଗୁଡ଼ିକ ନିୟନ୍ତ୍ରଣରୁ ବାହାରକୁ ଚାଲିଯାଉଛନ୍ତି, ସେମାନେ ଲୋକଙ୍କ ମଧ୍ୟରେ ଏକପ୍ରକାରେ ନିଶା ସୃଷ୍ଟି କରି ସେମାନଙ୍କୁ ବିଶେଷକରି ପିଲାଙ୍କୁ, କିଶୋରମାନଙ୍କର ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରୁଛନ୍ତି । ଏହି କାରଣରୁ ଗୋଟାକ ପରେ ଗୋଟାଏ ଦେଶ ଏପରି ଆଇନ ପ୍ରଣୟନ କରିବାକୁ ବାଧ୍ୟ ହେଉଛନ୍ତି ଯାହା ଫଳରେ କିଶୋର ବୟସର ପିଲାମାନେ ତାହାର ବ୍ୟବହାର କରିପାରିବେ ନାହିଁ । ଚିନ୍ତାର ବିଷୟ ହେଉଛି ଡିଜିଟାଲ ମିଡ଼ିଆ କମ୍ପାନୀଗୁଡ଼ିକ ଅଶ୍ଳୀଳ ଏବଂ ଆପତ୍ତିଜନକ ସାମଗ୍ରୀ ସବୁକୁ ପ୍ରୋତ୍ସାହିତ କରିବାରେ ଲାଗିଛନ୍ତି । ଏବେ କିଛିଦିନ ତଳେ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଇନଷ୍ଟାଗ୍ରାମର ମାଲିକାନରେ ଥିବା ମେଟାକୁ ଏପରି ସବୁ ବିଜ୍ଞାପନ ଏବଂ ଅନ୍ୟ ସାମଗ୍ରୀ ସବୁ ହଟାଇବାକୁ ଆଦେଶ ଦେଇଥିଲା, ଯାହା ଯୌନଶୋଷଣକୁ ପ୍ରୋତ୍ସାହିତ କରିଆସୁଛି । ସେହିଭଳି କିଛିଦିନ ତଳେ ଟେଲିଗ୍ରାମକୁ ନୋଟିସ ଦିଆଯାଇଥିଲା ଯେ ତାହା ନିଜ ପ୍ଲାଟଫର୍ମରେ ପାଇରେଟେଡ ଫିଲ୍ମ ଓ ଓଟିଟି କଣ୍ଟେଣ୍ଟର ପ୍ରସାରକୁ ରୋକିବା ଲାଗି ତତ୍‌କ୍ଷଣାତ ପଦକ୍ଷେପ ଗ୍ରହଣ କରୁ । ଏସବୁ ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ବି କିଛିଦିନ ବ୍ୟବଧାନ ପରେ ଯାଇ ପଦକ୍ଷେପ ନିଆଯାଇଛି । ଏ ଡିଜିଟାଲ ମିଡ଼ିଆ କମ୍ପାନୀଗୁଡ଼ିକ ବେଆଇନ କାର୍ଯ୍ୟ ପାଇଁ ଏଯାଏ ଦଣ୍ଡିତ ହୋଇ ନାହାନ୍ତି ।

ଟେଲିଗ୍ରାମ ଦୀର୍ଘଦିନ ହେଲା ପାଇରେସୀକୁ ପ୍ରୋତ୍ସାହିତ କରିଆସୁଛି । ଇଏ ସେହି ଇଣ୍ଟରନେଟ ପ୍ଲାଟଫର୍ମ ଯାହା ଉପରେ କିଛିଦିନ ତଳେ ଅସ୍ଥାୟୀ ଭାବେ ପ୍ରତିବନ୍ଧକ ଲଗାଯାଇଥିଲା କାରଣ, ତାହା ମେଡ଼ିକାଲ ନାମଲେଖା ପରୀକ୍ଷା-ନୀଟ୍‌ର ପ୍ରଶ୍ନପତ୍ର ହେବାର କାରଣ ହୋଇଥିଲା । ଅପରାଧୀ ଓ ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ଡିଜିଟଲ ପ୍ଲାଟଫର୍ମର ବ୍ୟବହାର କରିବାରେ ଲାଗିଛନ୍ତି । ଯଦିଓ ଡିଜିଟଲ ମିଡ଼ିଆ କମ୍ପାନୀ ସବୁ କହୁଛନ୍ତି ନକାରାତ୍ମକ ଓ ଆପତ୍ତିଜନକ ସାମଗ୍ରୀକୁ ଛାନବିନ କରିବା ଓ ତାହାକୁ ରୋକିବା ଲାଗି ସେମାନେ ସଚେତ ଅଛନ୍ତି, ତଥାପି ବସ୍ତୁସ୍ଥିତି ଏହାର ବିପରୀତ । ଏଭଳି ସ୍ଥିତିରେ ଆବଶ୍ୟକ ହେଉଛି ଡିଜିଟଲ ମିଡ଼ିଆ କମ୍ପାନୀ ସବୁକୁ ଉତ୍ତରଦାୟୀ କରାଇବା ଲାଗି ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିବା । ସେମାନଙ୍କୁ ଉତ୍ତରଦାୟୀ କରିବାକୁ ହେବ, କାରଣ ଏବେ ସେମାନେ ଏଆଇ (ଆର୍ଟିଫିସିଅଲ୍ ଇଣ୍ଟେଲିଜେନ୍ସ)ର ମଧ୍ୟ ବହୁଳ ବ୍ୟବହାର କରୁଛନ୍ତି । ❒❒

# ଭାରତର ବୁଝାମଣାରେ ଚୀନ ଏକ ବଡ଼ ପ୍ରସଙ୍ଗ

**ଧ୍ୱନିପ୍ରତିଧ୍ୱନି**

**ଭର୍ତ୍ତୃହରି ମହତାବ**



ଏବେ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ବା ରଣନୀତିକ ବୁଝାମଣା, କିମ୍ବା ତା'ଠାରୁ ଆଗକୁ ଯାଇ କମ୍ପ୍ରେହେନସିଭ୍ ଷ୍ଟ୍ରାଟେଜିକ ପାର୍ଟନରସିପ୍ ବା ବ୍ୟାପକ ରଣନୀତିକ ବୁଝାମଣା ଭଳି ଭଳି ଶବ୍ଦାବଳୀ ସବୁ ଏତେ ସାଧାରଣ ହୋଇଗଲାଣି ଯେ କେତେକ ଦ୍ୱିପାକ୍ଷିକ ଚୁକ୍ତିମାନଙ୍କରେ ଏହାର ପ୍ରଭାବ କେବଳ କୁଟନୈତିକ ପ୍ରଦର୍ଶନରେ ସୀମିତ ରହିଯାଉଛି । ସାମରିକ ସାମର୍ଥ୍ୟର ଅସଲ ଲକ୍ଷ୍ୟ ଏହା ଦ୍ୱାରା ହାସଲ ହୋଇପାରୁ ନାହିଁ । ୨୦୧୮ ମଇ ମାସରେ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ବ୍ୟାପକ ରଣନୀତିକ ବୁଝାମଣା ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମଥର ଇଣ୍ଡୋନେସିଆ ଗସ୍ତରେ ଗଲେ । ଏବେ ସିଏ ଅଷ୍ଟ୍ରେଲିଆ ହୋଇ ନିଉଜିଲ୍ୟାଣ୍ଡରେ ପହଞ୍ଚିଲେଣି । ଏହାର କ'ଣ କିଛି ବିଶେଷ ଉଦ୍ଦେଶ୍ୟ ରହିଛି ? କେବଳ ବାଣିଜ୍ୟ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି ଦେଶଗୁଡ଼ିକ ପାରସ୍ପରିକ ସଂପର୍କକୁ ଏତେ ଉଚ୍ଚତା ଦିଅନ୍ତି ନାହିଁ । ଏଥିପାଇଁ ଶସ୍ତା ବିମାନ ଯାତ୍ରୀ ଟିକେଟ ଓ ଉଭୟ ପକ୍ଷ ଲାଗି ଲାଭକାରୀ ସୀମାଶୁଳ୍କ ବ୍ୟବସ୍ଥା ତ ଯଥେଷ୍ଟ । ରଣନୀତିକ ବୁଝାମଣା, ବିଶେଷ କରି ଯେବେ ତାହାକୁ "ବ୍ୟାପକ" ବୋଲି କୁହାଯାଏ, ତେବେ ତାହାର ଅର୍ଥ ହେଉଛି ଭୂ-ରାଜନୈତିକ ସ୍ତରରେ ପରିଭାଷିତ ମିଳିତ ସୁରକ୍ଷା ଚାଲେଞ୍ଜ ନେଇ ପରସ୍ପରର ସହଯୋଗ ବୃଦ୍ଧି । ଅବଶ୍ୟ ଶାନ୍ତି ଓ ସହଯୋଗର ଆଦର୍ଶରେ ଚାଲୁଥିବା ଦୁନିଆରେ, ଦୁଇ ଦେଶ ମଧ୍ୟରେ ରଣନୀତିକ ବୁଝାମଣାର ଭିତ୍ତି କୌଣସି ତୃତୀୟ ଦେଶ ପ୍ରତି ଶତ୍ରୁତା ପାଇଁ ହୋଇନାହିଁ, ବରଂ ଆମେ ବାସ୍ତବ ଦୁନିଆରେ ରହୁଛନ୍ତି, ଆଦର୍ଶବାଦୀ ଦୁନିଆରେ ନୁହେଁ । ଏବେ ଚୀନ ଓ ପାକିସ୍ତାନ ନିଜର ସାମରିକ-ଆର୍ଥିକ ସମ୍ବନ୍ଧକୁ ସାଉଦୀଆରବ ପର୍ଯ୍ୟନ୍ତ ବିସ୍ତାର କରିବାକୁ ଉଦ୍ୟମ କରୁଛି । ଗତ ତିନି ସପ୍ତାହ ଭିତରେ ସାଉଦୀ ଆରବର ତିନିଜଣ ମନ୍ତ୍ରୀ ବେଜିଂ ଗସ୍ତ କଲେଣି । ଅବଶ୍ୟ ସାଉଦୀଆରବର ପ୍ରାଥମିକତା ପାକିସ୍ତାନ ଓ ଚୀନଠାରୁ ପୃଥକ, ତାହାର ଚିନ୍ତା ଉପସାଗରୀୟ କ୍ଷେତ୍ରରେ ଚାଲିଥିବା ସଂଘର୍ଷକୁ ନେଇ ବଢ଼ିଛି ଓ ଆମେରିକାର ଲଜ୍ଜାଜନକ ଆଚରଣ ଓ ପଛକୁ ହଟିଯିବା କାରଣରୁ ସୃଷ୍ଟି ହୋଇଛି । ପାକିସ୍ତାନର କେବଳ ଗୋଟିଏ ଉଦ୍ଦେଶ୍ୟ ରହିଛି । ତାହା ଭାରତ ସହ ସଂଘର୍ଷ ଯେକୌଣସି ସ୍ଥିତିରେ କରିବାକୁ ତତ୍ପର । ଚୀନ ଓ ଆମେରିକା ସହ ବନ୍ଧୁତା ସ୍ଥାପନ କରିବା ସହିତ ସାଉଦୀ ଆରବର ନିକଟତର ହେବା ଲାଗି ତାହା ଉଦ୍ୟମ ଚଳାଇଛି । ପାକିସ୍ତାନ ମଧ୍ୟ ଆଫଗାନିସ୍ତାନ ସହ ଲଢ଼େଇ ଆରମ୍ଭ କରିଦେଇଛି । କାବୁଲ ଓ ଦିଲ୍ଲୀ ମଧ୍ୟରେ ସମ୍ବନ୍ଧ ବୃଦ୍ଧି ପାଉଥିବା ଦେଖି ପାକିସ୍ତାନ କ୍ଷୁବ୍ଧ । ଆଫଗାନିସ୍ତାନ କାହାର ଗୋଡ଼ାଣିଆ ହେବାକୁ ଚାହୁଁନାହିଁ ।

କିଛି ଦିନ ତଳେ ଭାରତ ଓ ଜାପାନ ୨୦୧୪ରେ ଗଠିତ "ସ୍ପେଶାଲ ଷ୍ଟ୍ରାଟେଜିକ୍ ଏଣ୍ଡ୍ ଗ୍ଲୋବାଲ୍ ପାର୍ଟନରସିପ୍"କୁ ଆହୁରି ସୁଦୃଢ଼ କରି "ଷ୍ଟେଲ୍‌ଥ ଟେକ୍ନୋଲୋଜି"ରେ ସହଯୋଗ କରିବା ଲାଗି ନିର୍ଣ୍ଣୟ ନେଇଛନ୍ତି । ଏହା ଉପରେ ମିଡ଼ିଆରେ ସେପରି ଚର୍ଚ୍ଚା ହୋଇନାହିଁ । ତେବେ ଏ ଯୋଜନା ସାକାର ରୂପ ଧାରଣ କଲେ ବ୍ୟାପକ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି । ସମ୍ଭବତଃ ଏଇଥିଲାଗି ଚୀନ ତୁରନ୍ତ ବୟାନ ଜାରି କରି କହିଛି କୌଣସି ମେଣ୍ଟର ଉଦ୍ଦେଶ୍ୟ ଅନ୍ୟ କୌଣସି ଦେଶକୁ ଟାର୍ଗେଟ କରିବା ଅନୁଚିତ ଯଦିଓ ଖୋଦ ନିଜେ ତାହା ଏପରି କରିଆସୁଛି । ୨୦୨୮ ଭିତରେ ଚୀନ ଯେ ତାଇୱାନକୁ କବଜା କରିବା ଲାଗି ଘୋଷଣା କରିଛି ଏହାକୁ ଜାପାନ ଅଣଦେଖା କରିପାରିବ ନାହିଁ । ଯଦି ଏପରି ହୁଏ, ତେବେ ଏପରି ଏକ ଯୁଦ୍ଧ ଲାଗିଯିବ, ଯହିଁରୁ ଜାପାନ ଦୂରେଇ ରହିପାରିବ ନାହିଁ । ଭାରତ ଭଲ ଭାବେ ଜାଣେ ଚୀନର ଏକୀକରଣ ନେଇ ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ ବାରମ୍ବାର ଦୋହରାଉଛନ୍ତି, ତହିଁରେ ଭାରତର ଅଞ୍ଚଳ, ବିଶେଷକରି ଅରୁଣାଚଳ ପ୍ରଦେଶର ଜବରଦଖଲ ଅଞ୍ଚଳ ମଧ୍ୟ ସାମିଲ ଅଛି । ତେଣୁ ଭାରତ ଓ ଜାପାନ ମଧ୍ୟରେ ରଣନୀତିକ ବୁଝାମଣାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ।

ଭାରତ ଓ ଇଣ୍ଡୋନେସିଆ ବୁଝିବିଚାରି ନିଜନିଜର ସାମରିକ ସହଯୋଗକୁ କ୍ଷେପଣାସ୍ତ୍ର, ଯୁଦ୍ଧ ଜାହାଜ ଓ ଟେକ୍ନୋଲୋଜି ସ୍ତର ଯାଏ ବଢ଼ାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନ ଇଣ୍ଡୋନେସିଆର ବିମାନ ବନ୍ଦର ଅଞ୍ଚଳ ମଧ୍ୟକୁ ପ୍ରବେଶ କଲା । ସେଠାକାର ବାୟୁସେନା ଯେପରି ସ୍ୱାଗତ କଲା, ସେବେ ଦେଖାଯାଇଥିଲା ଯେ ୩୦,୦୦୦ ଫୁଟ ଉଚ୍ଚତାରୁ ଫଟୋ ଉଠାଯାଇଥିଲା; ତାହା ସାଧାରଣ ଘଟଣା ନଥିଲା । ଏହା ସାମରିକ ସହଯୋଗକୁ ଦୃଷ୍ଟିରେ ରଖି ଏକ ଟେକ୍ନୋଲୋଜିର ପ୍ରଦର୍ଶନ କରାହୋଇଥିଲା । ଶକ୍ତି ଓ ଜଳମାର୍ଗ ଉପରେ ନିୟନ୍ତ୍ରଣ ଲାଗି ହେଉଥିବା ବିଶ୍ୱସ୍ତରରେ ସଂଘର୍ଷର ଆଗାମୀ ମଇଦାନ ଭାରତ ମହାସାଗର ହେବାର ସମ୍ଭାବନା ରହିଛି ଓ ଏଠି 'ଚୋକ୍ ପଏଣ୍ଟ' ମଲକ୍କା ଓ ଜଳମାର୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମାର୍ଗ ଦେଇ ଚୀନକୁ ୮୦ ପ୍ରତିଶତ ଉର୍ଜା ଆବଶ୍ୟକତା ପୂରଣ ହେଉଛି । ତା' ସହ ଆସିଆନ, ଜାପାନ, ଚୀନ ଓ ଦକ୍ଷିଣ କୋରିଆ ତଥା ପୂର୍ବ ଏସିଆର ବାଣିଜ୍ୟ ମଧ୍ୟ ହେଉଛି । ହୋର୍ମୁଜରେ ହୋଇଥିବା ଯୁଦ୍ଧ ମଲକ୍କା ଜଳମାର୍ଗର ସୁରକ୍ଷା ଆବଶ୍ୟକତାକୁ ବଢ଼ାଇଦେଇଛି ।

ଆଣ୍ଡାମାନ ଓ ନିକୋବରରେ ନୌସେନା-ସୁବିଧାର ବିସ୍ତାର ଦ୍ୱାରା ଭାରତ ପ୍ରତିରକ୍ଷା କ୍ଷମତାକୁ ବହୁ ମାତ୍ରାରେ ବୃଦ୍ଧି କରିଛି । ଏବେ ଭାରତ ଓ ଇଣ୍ଡୋନେସିଆକୁ ମଲକ୍କା ଜଳମାର୍ଗ ଉପରେ ସେହିପରି ଭୂ-ରାଜନୈତିକ ପ୍ରଭାବ ହାସଲ ହୋଇଛି, ଯେପରି ଇରାନ ଓ ଓମାନ ହୋର୍ମୁଜ ଉପରେ କରିଛନ୍ତି । ତେଣୁ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ରଣନୀତିକ ସହଯୋଗ କେବଳ କୁଟନୈତିକ ଶିଷ୍ଟାଚାର ମେଳମେଳାପ ନୁହେଁ, ବରଂ ଏହା ଏକ ଆବଶ୍ୟକତା ହୋଇଯାଇଛି । ଅବଶ୍ୟ ଏ ପ୍ରକାର ସରକାରୀ ଗସ୍ତ କାଳରେ ହେଉଥିବା କଥାବାର୍ତ୍ତାର ସମସ୍ତ ବିବରଣୀ ଉଭୟ ଦେଶର ପ୍ରବକ୍ତା ଖୋଲାଖୋଲି କହିବେ ନାହିଁ, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ଓ ରାଷ୍ଟ୍ରପତି ପ୍ରାବୋୟୋଙ୍କ ମଧ୍ୟରେ କଥାବାର୍ତ୍ତାରେ ଯେ ମଲକ୍କା ପ୍ରସଙ୍ଗ ସାମିଲ ହୋଇଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।❒❒

# ଅସୁରକ୍ଷିତ ପଥଚାରୀ

**ଯୁଧିଷ୍ଠିର ମହାରଣା**

ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଥିବା ଭାରତ ସଡ଼କ ଦୁର୍ଘଟଣାକୁ ନେଇ ଅଲୋଡ଼ା ରେକର୍ଡ଼ ମଧ୍ୟ କରିଛି । ସଡ଼କ ଦୁର୍ଘଟଣାରେ କିଛି ଦିନ ତଳେ ଜନୈକ ମହିଳା ସାମ୍ବାଦିକଙ୍କ ଅଭାବନୀୟ ପରଲୋକ ଓ ପ୍ରତୀକାତ୍ମକ ଭାବେ କଟକର କିଛି ସାମ୍ବାଦିକ ବନ୍ଧୁ ଜୁଡ଼ିସିଆଲ ଏକାଡ଼େମୀରୁ ସିଡ଼ିଏ ଆଡ଼କୁ ଆସିଥିବା କିଛି ଅଞ୍ଚଳ ସ୍ୱତଃ ରାସ୍ତା ସଫା କରି ବାଲି ଓ ଅନ୍ୟ ଆବର୍ଜନା ପରିଷ୍କାର କରିଥିଲେ । ଗୋଟିଏ ସଡ଼କ ଦୁର୍ଘଟଣା ହେବାପରେ ଅନେକ ଚର୍ଚ୍ଚା, ଆଲୋଚନା, ସମୀକ୍ଷା ହୋଇଥାଏ । ବାସ୍ତବ କଥା ହେଉଛି ନିଶାସକ୍ତ ଗାଡ଼ି ଚାଳନା, ହେଲମେଟ ବ୍ୟବହାର ନ କରିବା, କଦର୍ଯ୍ୟ ରାସ୍ତା, ଭିଡ଼ ନିୟନ୍ତ୍ରଣ ଓ ପ୍ରଶାସନର ମନମାନି ଇତ୍ୟାଦି ଏହାର କାରଣ ହୋଇଥାଏ । ତେବେ ଏ ସବୁ ଭିତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାରେ ଯେଉଁ ତତ୍ପରତା ଦେଖାଇଛନ୍ତି ତାହା ଅନେକଙ୍କ ଭିତରେ ଆଶାର କ୍ଷୀଣ ଆଲୋକ ରେଖାଟିଏ ପରି ସ୍ପଷ୍ଟ ହୋଇଛି । ମାନ୍ୟବର ସୁପ୍ରିମ କୋର୍ଟ ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବର୍ତ୍ତମାନର ସଡ଼କରେ ଯାନବାହାନର ସଂଖ୍ୟା ଯାହା, ବେଲଗାମ ଟ୍ରାଫିକ ବ୍ୟବସ୍ଥା ଏସବୁକୁ ଦେଖିଲେ ଅନେକ ପାଦରେ ଚାଲିବାକୁ ନିରାପଦ ମନେ କରୁଛନ୍ତି । ସେହିପରି ପ୍ରାତ୍ତ ହେଉ ବା ସାଂଧ୍ୟ ଭ୍ରମଣ ଏହା ବରିଷ୍ଠ ନାଗରିକଙ୍କ ଠାରୁ ମହିଳା ଏପରିକି ଶିଶୁ ଓ ଦିବ୍ୟାଙ୍ଗ ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ବିକଳ୍ପ । ତେବେ ଖୋଦ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପଥଚାରୀଙ୍କ ସଂଖ୍ୟା ପାଖାପାଖି ୨୫ ଭାଗ । ପଥଚାରୀଙ୍କ ପାଇଁ ସଡ଼କରେ ଯେଉଁଭଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି । ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟପାଥକୁ କବଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କର ସଂଖ୍ୟା କମ ନୁହେଁ । ଫୁଟପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସି ଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି । ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ, ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ । ଟ୍ରାଫିକ ପରିଚାଳନା ଅଭାବରୁ ମଧ୍ୟ ଅନେ ସମୟରେ ଦୁର୍ଘଟଣା ଘଟୁଛି । ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲମେଟରେ ଗାଡ଼ି ଚଳନା, ଏଲଇଡ଼ି ଲାଇଟର ପ୍ରଭାବକୁ ଯଥା ସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା / ମହାନଗର ନିଗମ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଭାରତୀୟ ରୋଡ଼ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ । ଏଥିପାଇଁ ଫୁଟପାଥର ଡିଜାଇନ ମଧ୍ୟ ପରିକଳ୍ପନା କରାଯାଇଛି । ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟପାଥର ଚଉଡା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ । କିନ୍ତୁ ଆମ ଫୁଟପାଥ ଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅନ୍ଧେ ବହୁତେ ଜାଣିଛେ । ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହର ମାନଙ୍କରେ ଫୁଟପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ଧାର୍ମିକ, ଅନୁଷ୍ଠାନ, ଐତିହାସିକ, ଶିକ୍ଷାୟତନ, ସ୍ୱାସ୍ଥ୍ୟ କେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି । ଏଥିସହିତ ପଥଚାରୀମାନଙ୍କ ଫୁଟପାଥ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନଲାଇନ ପୋର୍ଟାଲ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମତେ ପୌରପାଳିକା ମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ପଥଚାରୀଙ୍କ ସୁରକ୍ଷାସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୦୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ ।

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହ ରାସ୍ତାରେ ଗାଡ଼ି ସଂଖ୍ୟା ମଧ୍ୟ ଲମ୍ଭୁଛି । ଦ୍ରୁତ ଗାଡ଼ି ଚାଳନା, ନିଶାସକ୍ତ ଗାଡ଼ିଚାଳନା, ରାସ୍ତାଘାଟର ଦୂରବସ୍ଥା, କର୍କଶ ହର୍ଣ୍ଣ ଏସବୁକୁ ଦେଖିଲେ ରାସ୍ତାରେ ଚାଲି ଚାଲି ଯାଉଥିବା ଲୋକଟି ପ୍ରତି ଅନ୍ତତଃ ଟ୍ରାଫିକ ପୋଲିସ ମାନଙ୍କ ଠାରୁ କୌଣସି ସହାୟତା ମିଳିନଥାଏ । ପ୍ରଭାବଶାଳୀ ତଦାରଖ ଓ ଉତ୍ତରଦାୟୀ ପ୍ରଶାସନ ଦ୍ୱାରା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ଭିତ୍ତିକ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖନ୍ତୁ । ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପୁରୀ ଜିଲ୍ଲାର ଏକ ବିଦ୍ୟାଳୟର ପିଲାମାନଙ୍କର ରାସ୍ତା ଆରପଟେ ଥିବା ବିଦ୍ୟାଳୟକୁ ପହଞ୍ଚିବା ପାଇଁ ରାସ୍ତା ଅତିକ୍ରମ ସମସ୍ୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଗୁରୁତର ଭାବେ ଗ୍ରହଣ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ପରେ ସମସ୍ୟାର ସମାଧାନ ହୋଇଥିଲା । ତେବେ ସବୁ ପ୍ରସଙ୍ଗରେ ଅଦାଲତି କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୋଇଯାଇଥାଏ । ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନତାର ଗୁରୁ ଦାୟିତ୍ୱ ରହିଛି ।

କଟକ

ମୋ: ୯୪୩୭୧୬୩୫୨୮

# ସଂପାଦକଙ୍କୁ ପତ୍ର

## ଅନ୍ୟମାନଙ୍କ ପାଇଁ ଉଦାହରଣ ହେଉ

ମହାଶୟ,

ସମାଜରେ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ପୃଥିବୀର ପ୍ରତିଟି ଦେଶରେ ନିଜସ୍ୱ 'ଆଇନ' ବ୍ୟବସ୍ଥା ଅଛି । ଦେଶର ସମ୍ବିଧାନରେ ଏହା ପଞ୍ଜିକୃତ ଥାଏ । କିଛି ଦେଶରେ ଲିଖିତ ସମ୍ବିଧାନ ଥିବାବେଳେ କିଛି ଦେଶର ଅଲିଖିତ ସମ୍ବିଧାନ ଅଛି । ସମ୍ବିଧାନ ସଂଶୋଧନର ବ୍ୟବସ୍ଥା ମଧ୍ୟ ଲୋକପ୍ରତିନିଧିଙ୍କ ଦ୍ୱାରା ସମ୍ଭବ । ସ୍କୁଲରେ ପଢ଼ାଯାଉଥିବା 'ସାମାଜିକ ବିଜ୍ଞାନ' ବିଷୟରେ ଛାତ୍ର ଛାତ୍ରୀଙ୍କୁ କିଛି ଧାରଣା ଦିଆ ଯାଇଥାଏ, କିନ୍ତୁ 'ଆଇନ' ବିଷୟ ଯଦି ଅଷ୍ଟମ ଶ୍ରେଣୀର ସିଲବସରୁ ଆରମ୍ଭ କରାଯାଇ ପାରନ୍ତା ତେବେ ଆମ ପିଲାମାନେ ଆଇନ ବିଷୟରେ ସଚେତନ ହେବା ସହିତ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହୋଇପରନ୍ତେ । ଭାରତୀୟ ଦଣ୍ଡ ସଂହିତାର ଦୈନନ୍ଦିନ କାର୍ଯ୍ୟରେ ଲାଗୁଥିବା କିଛି ଧାରା ଜାଣିବା ଦ୍ୱାରା କିଶୋର ଓ କୋମଳମତି ବାଳକ ବାଳିକାଙ୍କ ଜୀବନରେ ଆଇନ ପ୍ରତି ସମ୍ମାନ ଆସିବା ସହିତ କିଛିମାତ୍ରାରେ ଅପରାଧ ବି କମିଯିବ । ଅଶିକ୍ଷିତ ବାଳ ଅପରାଧୀଙ୍କୁ ସରକାରୀ ସ୍ତରରେ ଶିକ୍ଷା ଦେବା ସହିତ ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଇନ ପାଠ୍ୟକ୍ରମ ଆମ ଶିକ୍ଷିତ ସମାଜକୁ ଅପରାଧ ଠାରୁ ନିଶ୍ଚିତ ଦୂରେଇ ରଖିବ । କୋମଳମତି ଛାତ୍ର ଛାତ୍ରୀ ମାନେ ଆଇନ ଓ ଦଣ୍ଡ ବ୍ୟବସ୍ଥା ବିଷୟରେ ଜାଣିବା ଭବିଷ୍ୟତ ପାଇଁ ଶୁଭଙ୍କର । ଆଇନର ପରିଧି ଭିତରେ ରହି ନିଜକୁ ସୁରକ୍ଷିତ ରଖିବା ସହିତ ସମାଜର ସୁରକ୍ଷାକୁ ବି ନଜର ଦେବା ଆମ ମାନଙ୍କ କର୍ତ୍ତବ୍ୟ, ପିଲାଟି ପ୍ରଥମେ ନିଜ ଘରୁ, ତାହା ପରେ ବିଦ୍ୟାଳୟ । ପରେ ସମାଜରୁ ନିଜ ଦେଶର ଆଇନ କାନୁନ ବିଷୟରେ ଜାଣିଥାଏ । ଅଧା ବା କିଂଚିତ ଜ୍ଞାନ ତା'କୁ ଆଇନ ବିଷୟରେ ସଚେତନ କରିବାରେ ଏତେଟା ସହାୟକ ହୁଏ ନାହିଁ ଓ ସ୍କୁଲ ଶିକ୍ଷାରେ ସ୍ୱତନ୍ତ୍ରେ ଭାବେ ଆଇନ ବିଷୟକୁ ଯଦି ସାମିଲ କରାଯାଇ ପାରନ୍ତା ।

ଶୈଳଭାମା ସାହୁ,
ଚୌଦ୍ୱାର, କଟକ

# ସନ୍ଥ ରାଘବ ଦାସ

ଜଗନ୍ନାଥ ସଂସ୍କୃତି ବିନା ଓଡ଼ିଆ ଜାତିର ଅସ୍ତିତ୍ୱ ନାହିଁ । ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ବଡ଼ଦେଉଳର ରତ୍ନସିଂହାସନରେ ବସି ଦୁଃଖିରଙ୍କିଙ୍କ ଡାକ ଶୁଣନ୍ତି । ଯାହାର ଯାହା ହାରି ଗୁହାରୀ ଓ ଭଲମନ୍ଦ ବୁଝନ୍ତି । ଭକ୍ତର ଅଭିଷ୍ଟ ମନୋବାଞ୍ଛା ପୂରଣ କରନ୍ତି । ସେଥିପାଇଁ ଭକ୍ତଟିଏ ଧାଇଁ ଯାଏ ଶ୍ରୀଜଗନ୍ନାଥଙ୍କୁ ଗୁହାରୀ ଜଣାଇବା ପାଇଁ । ହେଲେ ବର୍ଷକୁ ଥରେ ବଡ଼ ଠାକୁର ରଥଯାତ୍ରା ସମୟରେ ଧାଇଁ ଆସନ୍ତି ଭକ୍ତଙ୍କ ଦୁଃଖ ଶୁଣିବା ପାଇଁ । ଭକ୍ତଙ୍କୁ ଦର୍ଶନ ଦେବା ପାଇଁ । ଭକ୍ତ ସହିତ ଏକାକାର ହୋଇଯିବା ପାଇଁ । ମୁଣ୍ଡରେ ଟାହିଆ ବାନ୍ଧି ଝୁଲି ଝୁଲି ଆସି ଶ୍ରୀଜୀଉ ମାନେ ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ବହୁଦିନ ତଳେ ଶ୍ରୀକ୍ଷେତ୍ରରେ ଦାରୁଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ପାଇଁ ତାଙ୍କର ପରମ ଭକ୍ତ ସନ୍ନ୍ୟାସୀ ରାଘବ ଦାସ ଥରେ ପୁରୀ ଆସିଲେ । ବହୁବାଟ ଚାଲି ଚାଲି ରାଘବ ଦାସ ଆସି ଶରଧାବାଲିରେ ପହଞ୍ଚିଲେ । ଚାଲି ଚାଲି ଗୋଡ଼ ଫୁଲି ଯାଇଥାଏ । ମନରେ ଥାଏ କିଭଳି ପ୍ରଭୁ ଚକାଡୋଳାଙ୍କୁ ଦର୍ଶନ କରିବି । ମୁଣ୍ଡ ଉପରେ ପ୍ରଚଣ୍ଡ ଖରା ପଡୁଥାଏ । ସନ୍ନ୍ୟାସୀ ରାଘବ ଦାସ ଅସୁସ୍ଥ ହୋଇ ପଡ଼ିଲେ । ସେ ଭାବିଲେ ମୁଁ ଆଉ ଜଗନ୍ନାଥଙ୍କୁ ଦର୍ଶନ କରିପାରିବିନାହିଁ । ସେଇଠି ବସି ଜଗନ୍ନାଥଙ୍କ ସ୍ତୁତି ଗାନ କଲେ ।ପ୍ରଭୁ ଗଜପତିଙ୍କୁ ସ୍ୱପ୍ନରେ କହିଲେ, ମୋର ପ୍ରିୟ ଭକ୍ତ ରାଘବ ଦାସ ଅଧାବାଟରେ ଶରଧାବାଲିରେ ରହିଛନ୍ତି । ତାଙ୍କୁ ମୋ ଦର୍ଶନ ପାଇଁ ଆଣ ଓ ସେଠାରେ ତାଙ୍କର ରହିବାର ବ୍ୟବସ୍ଥା କର । ସକାଳୁ ସକାଳୁ ରାଜା ଯାଇ ଦେଖିଲେ ରାଘବ ଦାସ ବାଲିରେ ବସି ଜଗନ୍ନାଥଙ୍କୁ ଆକୁଳ ନିବେଦନ କରୁଛନ୍ତି । ପରେ ରାଜା ତାଙ୍କୁ ଆଣି ଜଗନ୍ନାଥଙ୍କ ଦର୍ଶନ କରାଇଲେ । ଯେଉଁଠାରେ ସେ ଧ୍ୟାନରେ ବସିଥିଲେ, ସେଠାରେ ତାଙ୍କ ପାଇଁ ଏକ ଘର ତିଆରି କରିଦେଲେ । ସେହିଦିନୁ ସେଠାରେ ରାଘବ ଦାସ ମଠ ରହିଛି । ରାଘବ ଦାସ ଜଗନ୍ନାଥଙ୍କ ଦର୍ଶନ ପାଇଁ ନିଜକୁ କୃତାର୍ଥ ମନେକଲେ । ରାଘବ ଦାସଙ୍କ ମଠ ତିଆରି ହେଲା । ପ୍ରତିଦିନ ସେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲେ । ରଥଯାତ୍ରା ସମୟ ଆସିଲା, ରାଘବ ଦାସ ଜଗନ୍ନାଥଙ୍କୁ ଚାହିଁ ଅଶ୍ରୁପୂର୍ଣ୍ଣ ନୟନରେ ନିବେଦନ କଲେ ପ୍ରଭୁ ମୋତେ ଆପଣ ବାସ ଦେଲେ । ମୁଁ ଆପଣଙ୍କ ପାଇଁ ମୁକୁଟ ଦେବି । ତାଙ୍କ ମନୋବାଞ୍ଛା ପୂର୍ଣ୍ଣ ହେଲା ଓ ପ୍ରଭୁଙ୍କ ନିର୍ଦ୍ଦେଶ ଅନୁସାରେ ସେ ଟାହିଆ ପ୍ରସ୍ତୁତ କଲେ । ଟାହିଆରେ ସୋଲ, ଜମ୍ବୁରା, ତୁଳସୀ, ଦୟଣା, ଫୁଲ ଆଦି ବ୍ୟବହାର କଲେ । ଜଗନ୍ନାଥ ବାହାରକୁ ଆସିଲେ ସେହି ଟାହିଆ ବାନ୍ଧି ଝୁଲି ଝୁଲି ଆସନ୍ତି । ସେହିଦିନ ଠାରୁ ଶ୍ରୀଜିଉମାନଙ୍କ ପାଇଁ ବର୍ଷକୁ ୧୮ଟି ଟାହିଆ ରାଘବ ଦାସ ମଠ ତରଫରୁ ଯୋଗାଯାଉଛି । ସେହି ଟାହିଆରୁ ଖଣ୍ଡେ ଭକ୍ତିରେ ଆଣି ସାଇତି ରଖେ ଭକ୍ତ । ବିଶ୍ୱାସ ଅଛି ଟାହିଆ ଘରେ ସାଇତି ରଖିଲେ ସନ୍ତାନ ସନ୍ତତିଙ୍କୁ ଦୁଃଖ ପଡ଼େ ନାହିଁ । ଯେତେବଡ଼ ଦୁଃଖ ଆସିଲେ ମଧ୍ୟ ଦୂର ହୋଇଥାଏ ।

ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ

# ମହାପ୍ରସାଦ-ମାଆପ୍ରସାଦ

**ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର**

ମହାପ୍ରଭୁଙ୍କ ମହାପ୍ରସାଦ ସମସ୍ତଙ୍କ ପାଇଁ ଅତି ଦୁର୍ଲ୍ଲଭ ଶ୍ରୀ ନୀଳକନ୍ଦରରେ ଅଧିଷ୍ଠିତ ବିଶ୍ୱବନ୍ଦ୍ୟ ପତିତପାବନ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଯୁଗାନ୍ତକାରୀ ବିସ୍ମୟ । ସେ କେବଳ ଉତ୍କଳୀୟ ଜନଜୀବନର ମୂର୍ତ୍ତିମନ୍ତ ପ୍ରତୀକ ନୁହଁନ୍ତି, ବରଂ ଚ ସମଗ୍ର ବିଶ୍ୱ ଜୀବନର ମୂଳାଧାର ତଥା ସକଳ ଧର୍ମ ଚେତନାର ଚରମ ଅଭିବ୍ୟକ୍ତି । ଶ୍ରୀଜଗନ୍ନାଥ ଏହି ବିଶ୍ୱ ବ୍ରହ୍ମାଣ୍ଡର ପ୍ରାଣୀମାନଙ୍କର ସମସ୍ତ ବ୍ୟଥା ବେଦନା ମୁକ୍ତ କରିବା ପାଇଁ ଦାରୁ ରୂପରେ ଆସୀନ । ପ୍ରାଣୀ ବା ମାନବ ସମାଜ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଭଗବତ୍ ସତ୍ତାକୁ ପାଇବାକୁ ଚେଷ୍ଟା କରନ୍ତି । ମୋକ୍ଷ ପାଇବା ହିଁ ତା ଜୀବନର ଅନ୍ତିମ ଲକ୍ଷ୍ୟ । ମାନବ ସମାଜର ନିତ୍ୟ ଆବଶ୍ୟକ ଆନନ୍ଦ ହିଁ ଅଟେ । କାରଣ ନିଜ ଅଜାଣତରେ ଏକ ସାଧାରଣ ମନୁଷ୍ୟ ଆନନ୍ଦ ପାଇବା ବିଷୟରେ ହିଁ ଚିନ୍ତା କରିଥାଏ । ଏହା ତାର ପରମଲକ୍ଷ୍ୟ ଅଟେ । ଉପନିଷଦରେ କୁହାଯାଇଛି – ଆନନ୍ଦୋ ବ୍ରହ୍ମେତି ବ୍ୟାଜାନାତ୍ ଆନନ୍ଦାଦ୍ଧେବ ଖଲ୍ୱିମାନି ଭୂତାନି ଜାୟନ୍ତେ । ଆନନ୍ଦେନ ଜାତାନି ଜୀବନ୍ତି ଆନନ୍ଦେ ପ୍ରତ୍ୟନ୍ତଭିସିଂବିଶନ୍ତୀତି ।' ଅର୍ଥାତ୍ ଆନନ୍ଦ ହିଁ ବ୍ରହ୍ମ ଅଟେ । ଆନନ୍ଦରୁ ହିଁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୋଇଥାନ୍ତି । ଆନନ୍ଦ ଦ୍ୱାରା ହିଁ ପ୍ରାଣୀ ଜୀବିତ ରହୁଅଛି ଏବଂ ଆନନ୍ଦ ଦ୍ୱାରା ହିଁ ତାର ମହାପ୍ରୟାଣ ଘଟୁଛି । ଏହି ଆନନ୍ଦର ସତ୍ତାକୁ ମଧ୍ୟ ଆମେ କେବଳ ସେହି ସର୍ବଦେବମୟ, ସର୍ବସ୍ୱରୂପ, ସର୍ବାଧାର, ସର୍ବକାମ, ସର୍ବଜନବନ୍ଦ୍ୟ, ସର୍ବତୋମୁଖି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ହିଁ ପାଇଥାଉ । ତାଙ୍କରି ପାଖରେ ହିଁ ମନୁଷ୍ୟର ସମସ୍ତ ମନୋକାମନା ପୂର୍ଣ୍ଣ ହେବା ସହ ଜୀବନର ଚରମ ଲକ୍ଷ୍ୟକୁ ଅତ୍ୟନ୍ତ ସହଜ ଏବଂ ସୁଗମ ଉପାୟରେ ପାଇପାରିଥାଉ । ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ମହାପ୍ରସାଦ କୁହାଯାଏ । ମହାପ୍ରସାଦ ଅର୍ଥାତ୍ ଯାହାକୁ ସେବନ କଲେ ମହାନ ପ୍ରସନ୍ନତା ହୋଇଥାଏ ।

ଆମ ଓଡ଼ିଆ ଚଳଣିରେ ଚାଉଳ ପ୍ରସ୍ତୁତ ଖାଦ୍ୟ ହେଉଛି ଅନ୍ନ । କିନ୍ତୁ ଏହା ଇଷ୍ଟ, ଦେବାଦେବୀଙ୍କୁ ଅର୍ପିତ ହେଲେ ତାକୁ ପ୍ରସାଦ କୁହାଯାଇଥାଏ ଆନନ୍ଦ ବଜାର ଅନୁଷ୍ଠିତ ହୋଇଥାଏ । କିନ୍ତୁ ମାନବୀୟ ଲୀଳାରେ ବଡ଼ ବିଚିତ୍ର କଥା ଏହି ଯେ ଉକ୍ତ ଚାଉଳ ପ୍ରସ୍ତୁତ ଖାଦ୍ୟ ମହାପ୍ରଭୁ ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହେଲେ ତାକୁ ମହାପ୍ରସାଦ କୁହାଯାଇଥାଏ । ସେହି ମହାପ୍ରସାଦର କ୍ଷୁଦ୍ରାତିକ୍ଷୁଦ୍ର କଣିକା ଟିକକ ପାଇବା ପାଇଁ ଦେବତାମାନେ ମଧ୍ୟ ଅପେକ୍ଷା କରିଥାନ୍ତି । ପ୍ରଭୁ ଶ୍ରୀଜଗନ୍ନାଥ ଦାରୁରୂପରେ ବସିଥିଲେ ମଧ୍ୟ ତାଙ୍କ ପ୍ରସାଦ ଚେତନରୂପକ କାର୍ଯ୍ୟ କରିଥାଏ ଏବଂ ଭକ୍ତଜନମାନଙ୍କୁ ଉଦ୍ଧାର କରିଥାଏ । 'ମହାପୂର୍ବୋ ଭୂତ୍ୱା ଭଜତାଂ କଳ୍ମଷକୁଳମ୍ ।' ଏହି ନ୍ୟାୟରେ ସେହି ଦେବ ଲୋକ ଦୁର୍ଲ୍ଲଭ ପ୍ରସାଦ ମହାପୂର୍ବ ରୂପପ୍ରାପ୍ତ ହୋଇ ଭକ୍ତଜନମାନଙ୍କ କଳ୍ମଷ କୂଳକୁ ହରଣ କରିଥାଏ । କାରଣ ପ୍ରତ୍ୟେକ ମନୁଷ୍ୟ ଶରୀରରେ ଅହୋରାତ୍ର ପ୍ରକ୍ରିୟାରେ ଏକ ଅନ୍ତସ୍ଥ ବ୍ରହ୍ମଯଜ୍ଞ ହୋଇଥାଏ । ଏବଂ ସେଠାରେ ସଂସ୍କାରିତ ହୋଇଥିବା ଜଠରାଗ୍ନି ହିଁ ଏହାର ମୂଳ ଆଧାର ହୋଇଥାନ୍ତି । ଏଥିରେ ନିରବଚ୍ଛିନ୍ନ ଭାବରେ ଆହୁତି ମଧ୍ୟ ପ୍ରଦାନ କରାଯାଇଥାଏ । ସେହି ଆହୁତି ଦ୍ରବ୍ୟ ହିଁ ଅନ୍ନ ବ୍ରହ୍ମ ଅଟେ । ଏହି ଅନ୍ନ ହିଁ ମହାପ୍ରସାଦ ଅଥବା ମାଆପ୍ରସାଦ ଅଟେ ।

ଅନ୍ନରୁ ଅନ୍ନତ୍ୱ ବାହାର କରି ଦେବତ୍ୱ ପ୍ରବେଶ କରାଇବା ପରେ ଉକ୍ତ ଅନ୍ନପ୍ରସାଦ ମହାପ୍ରସାଦର ରୂପ ନେଇଥାଏ । ସାଧାରଣତଃ ଷଡ଼ାଙ୍ଗ ସଂସ୍କାର ଦ୍ୱାରା ଅନ୍ନ ପ୍ରସାଦରୁ ଅନ୍ନତ୍ୱ ବାହାର କରାଯାଇ ତହିଁରେ ଦେବତ୍ୱ ଆରୋପ କରାଯାଇଥାଏ । ଜଗନ୍ନାଥଙ୍କ ରୋଷଶାଳାରେ ଛଅଟି ଝିଙ୍କା ତିଆରି ହୋଇଥାଏ ଏହି ଛଅଟି ଝିଙ୍କା ହେଉଛି ଷଟ ତ୍ରିକୋଣାତ୍ମକ ଅଗ୍ନିଚକ୍ର ଯେଉଁଥିରେ ଥରକେ ନଅଟି କୁଡୁଆ ବସିବାର ବ୍ୟବସ୍ଥା ହୋଇଛି । ଏହି ନଅ ହେଉଛି ମହାପ୍ରସାଦର ମହତ୍ୱ ଯାହା 'ନବଧାଭକ୍ତିର ପ୍ରତୀକ' । ମା'ଲକ୍ଷ୍ମୀର ସ୍ୱହସ୍ତ ପ୍ରସ୍ତୁତ ରନ୍ଧନ ପଦାର୍ଥ ହିଁ ମହାପ୍ରସାଦ । ବର୍ତ୍ତମାନ ଯେଉଁ ମହାପ୍ରସାଦ ଅର୍ପିତ ହେଉଛି ଏହା ହେଉଛି ନିତ୍ୟ ଭୋଗ । ଏହା ବ୍ୟତୀତ ନିସଂଖୁଡ଼ି ଅର୍ଥାତ୍ ଘୃତ ପାଚିତ ପିଷ୍ଟକାଦି ମହାପ୍ରସାଦ । ଯାହା ଲୋକାଚାରରେ ମହାର୍ଦ୍ଦ ନାମରେ ଖ୍ୟାତ । ଏକଦା ସୁଗନ୍ଧଯୁକ୍ତ ପୁଷ୍ପ ଶ୍ରୀଜୀଉଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରାଯାଉଥିଲା ଏହି ପୁଷ୍ପ ହିଁ ଥିଲ ସେ ସମୟର ମହାପ୍ରସାଦ । ଯଜାତି କେଶରୀ ପ୍ରଥମ ରାଜତ୍ୱଙ୍କ ସମୟ ଷଷ୍ଠ ଶବ୍ଦାତୀଠାରୁ ଶ୍ରୀମନ୍ଦିରରେ ମହାପ୍ରସାଦର ଆରମ୍ଭ ହୋଇଛି । ଶ୍ରୀଜଗନ୍ନାଥଙ୍କ ପ୍ରସାଦୀର ସ୍ୱତନ୍ତ୍ରତା ଓ ଅନନ୍ୟତା ସମ୍ପୂର୍ଣ୍ଣ ଭିନ୍ନ ଓ ଦୁର୍ଲଭ । କୌଣସି ବିଷ୍ଣୁ ମନ୍ଦିରରେ ବିଷ୍ଣୁଙ୍କୁ ଅର୍ପଣ କରାଯାଉଥିବା ପ୍ରସାଦକୁ ମହାପ୍ରସାଦ କୁହାଯିବାର ଉଦାହରଣ ନାହିଁ । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମା'ବିମଳାଙ୍କୁ ସମର୍ପଣ ହେଉଥିବା ହେତୁ ଏହା ମହାପ୍ରସାଦ ରୂପେ ଖ୍ୟାତ ।

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ଭୈରବୀଚକ୍ରରେ ପୂଜିତ ହେଉଛନ୍ତି । ଏହି କ୍ଷେତ୍ରରେ ବିମଳା ଭୈରବୀ ଓ ଶ୍ରୀଜଗନ୍ନାଥ ଭୈରବ । 'ଦକ୍ଷିଣାର୍ଣ୍ଣବ ତୀରେଣ ଉତ୍‌ତୀୟାନଂ ପରଂସ୍ଥଳମ୍, ଉଡ୍ଡୀଶ ଭୈରବ ସାକ୍ଷାତ ମାଧବ କମଳେକ୍ଷଣମ୍ ।

ବିମଳା ଭୈରବୀ ନିତ୍ୟାନିତ୍ୟ କୈବଲ୍ୟ ଭୋଜିନୀ, ଚିଳି କୌଳମତାଃ ସର୍ବେ କୌଳାବାରଃ ପରାୟଣାଃ ' (ଉଡ୍‌ଡୀୟାନ ତନ୍ତ୍ର) । ରତ୍ନସିଂହାସନ ନିକଟରେ ଯେଉଁ ଭୋଗ ସମର୍ପିତ ହୁଏ ତାହା ଭୈରବ ଚକ୍ରର ମାହାତ୍ମ୍ୟ ହେତୁ ମହାପ୍ରସାଦ ରୂପେ ଗୃହୀତ ହୁଏ । ରତ୍ନସିଂହାସନ ଉପରେ ଯନ୍ତ୍ରକଟା ହୋଇ ଠାକୁରମାନେ ବିଜେ ହୋଇଛନ୍ତି, ଯଥା ତାରା ଯନ୍ତ୍ର, ଭୁବନେଶ୍ୱରୀ ଯନ୍ତ୍ର ଓ ଶ୍ୟାମା ଯନ୍ତ୍ର ଖୋଦିତ ହୋଇ ତାହା ଉପର ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ ପୂଜା ପାଉଛନ୍ତି । ଏହି ରତ୍ନ ସିଂହାସନଟି ଶ୍ରୀଚକ୍ର ବା ଶ୍ରୀଯନ୍ତ୍ର ଉପରେ ଅବସ୍ଥିତ । ତେଣୁ ଠାକୁରମାନେ ଏହି ଯନ୍ତ୍ର ମାନଙ୍କ ଉପରେ ବସିଲେ ତାଙ୍କର ନୈବେଦ୍ୟ ମହାପ୍ରସାଦ ହୁଏ । ଏହି କାରଣରୁ ଗୁଣ୍ଡିଚାଘରେ ଠାକୁରମାନେ ଯନ୍ତ୍ର ଉପରେ ବସିନଥାନ୍ତି ବୋଲି ପୂର୍ବେ ଶାକ୍ତ ବ୍ରାହ୍ମଣମାନେ ସେ ସମୟର ଅନ୍ନ ଭୋଗକୁ ମହାପ୍ରସାଦ ରୂପରେ ଗ୍ରହଣ କରୁନଥିଲେ । ପୁନଶ୍ଚ ମହାପ୍ରସାଦର ତାତ୍ପର୍ଯ୍ୟ ହେଉଛି, ଷଡ଼ବିଧ ସଂସ୍କାର ବିଧିଦ୍ୱାରା ଏହାର ଅନ୍ନତ୍ୱ ଭୋଗ କରାଯାଇ ବ୍ରହ୍ମତ୍ୱ ଆରୋପଣ କରିବା ।

ଅନ୍ୟ ଏକ ଉଦାହରଣରେ ପ୍ରସ୍ତୁତି ହୋଇଥିବା ମହାପ୍ରସାଦକୁ ଅନ୍ୟ କୌଣସି ଖାଦ୍ୟ ସହିତ ଖାଇବା ଅନୁଚିତ । କାରଣ ମହାପ୍ରସାଦ ସଂସ୍କାରିତ ହୋଇଥିବା ବୈଷ୍ଣବାଗ୍ନି ଦ୍ୱାରା ପାକ କରାଯାଇଥାଏ । ଏଣୁ ଏହା ଅନ୍ୟ କୌଣସି ଖାଦ୍ୟଦ୍ରବ୍ୟ ସହିତ ଗ୍ରହଣ କରାଯାଇପାରେ ନାହିଁ । ସେହିପରି ମହାପ୍ରସାଦ ଭକ୍ଷଣ କଲାପରେ ହସ୍ତଧୌତ ଉପରେ ମଧ୍ୟ କେତେ ଗୁଡ଼ିଏ ଲୋକାଚାର ତଥା କଟକଣା ମାନ ଅଛି । ଯଥା ପ୍ରଥମତଃ ହସ୍ତଧୌତ ପ୍ରାରମ୍ଭରୁ ମୁଖ ଧୌତର ମଧ୍ୟ ବ୍ୟବସ୍ଥା ରହିଥାଏ । କିନ୍ତୁ ମହାପ୍ରସାଦ ସେବନ ପରେ ମୁଖଧୌତ ପୂର୍ବକ ସେହି ଜଳକୁ ବାହାରକୁ ନ କାଢ଼ି ତାକୁ ପାନ କରିବାକୁ ପଡ଼ିଥାଏ । ଦ୍ୱିତୀୟତଃ ହସ୍ତଧୌତ ଏପରି ସ୍ଥାନରେ କରାଯାଇଥାଏ, ଯେଉଁଠାରେ କି ନାଳ ନର୍ଦ୍ଦମାର ପାଣି ତଥା ପରିତ୍ୟକ୍ତ ଜଳ ସଂସ୍ପର୍ଶରେ ଆସିନଥାଏ । ସେହି ଜଳ କାହାରି ପାଦତଳେ ମଧ୍ୟ ଆସିନଥାଏ । ଅନ୍ୟ ଏକ ଲୋକୋକ୍ତି ଅନୁଯାୟୀ ମହାପ୍ରସାଦକୁ ଯଦି କୌଣସି ବ୍ୟକ୍ତି ଅନ୍ୟକୁ ଯାଚିଥାଏ ତେବେ ସେହି ବ୍ୟକ୍ତି ଉକ୍ତ ବ୍ୟକ୍ତିର ବାକ୍ୟକୁ ସମ୍ମାନ ଦେବା ସହ ଯେ କୌଣସି ଅବସ୍ଥାରେ ତଥା ପରିସ୍ଥିତିରେ ଥିଲେ ମଧ୍ୟ ମହାପ୍ରସାଦ କିଛି ପରିମାଣରେ ଗ୍ରହଣ କରିବା ତା ପକ୍ଷରେ ନିହାତି ଆବଶ୍ୟକ ବୋଲି ଧରାଯାଇଥାଏ ।

ଶ୍ରୀକ୍ଷେତ୍ରରେ ସର୍ବଧର୍ମର ବିଲୟ ହୋଇଛି । ସମସ୍ତେ ମହାପ୍ରସାଦ ସେବନ କରି ବିଶ୍ୱ ମୈତ୍ରୀ ମାନବୀୟ ମୂଲ୍ୟବୋଧରେ ଆବଦ୍ଧ ହୋଇଛନ୍ତି । ଶ୍ରୀମନ୍ଦିରର ଉତ୍ତର-ପୂର୍ବକୋଣରେ ଆନନ୍ଦବଜାର ରହିଛି । ଯାହାର ପୂର୍ବପଟରେ ସ୍ନାନ ମଣ୍ଡପ ଓ ଚାହାଣୀ ମଣ୍ଡପ । ଆନନ୍ଦ ବଜାରରେ ମହାପ୍ରସାଦ ସେବନରେ ଜାତି ଅଜାତି କିଛି ନଥାଏ ଏହା ହିଁ ଜଗନ୍ନାଥ ଧର୍ମର ଚେତନାର ମୂଳତତ୍ତ୍ୱ । ଭକ୍ତଗଣ ଆନନ୍ଦ ବଜାରରେ ମହାପ୍ରସାଦ ଏପରିକି ମାଗିଯାଚି ଆନନ୍ଦରେ ପାଇଥାନ୍ତି ଏହ ମହାକଣିକା ମହାଜ୍ଞାନ ଦିବ୍ୟଜ୍ଞାନର ମୂଳ ତତ୍ତ୍ୱ । ବିଶ୍ୱାସ ରହିଛିମହାପ୍ରସାଦ ଦାନ କଲେ ଓ ସେବନ କଲେ ଅନ୍ତର ଭିତରର ଶୁଦ୍ଧତା ଆସିଥାଏ । ମହାପ୍ରସାଦ ବା ନିର୍ମାଲ୍ୟ ସ୍ପର୍ଶରେ ସମସ୍ତ ବସ୍ତୁ ପବିତ୍ର ହୁଏ । ମହାପ୍ରପାସଦର ଅନେକ ମହିମା ରହିଛି । ଆମ ଓଡ଼ିଆ ଚଳଣିରେ ମହାପ୍ରସାଦ ଯିଏ ଯାହାହାତରେ ଦିଏ ଏହି ସ୍ୱର୍ଗୀୟ ଅମୃତ ତାହାର ମିତ୍ର ହୋଇଥାଏ । ଅନ୍ନପ୍ରସାଦକୁ ଶୁଖାଇ ନିର୍ମାଲ୍ୟ କରାଯାଇଥାଏ । ବିଶ୍ୱ ଭ୍ରାତୃଭାବ, ଜୀବ ପ୍ରତି ଦୟା, ଆତ୍ମ ଜ୍ଞାନରେ ଜୀବ ସେବା ହିଁ କୈବଲ୍ୟ ସଦୃଶ । ଏହି କୈବଲ୍ୟ ପ୍ରାପ୍ତି ହିଁ ଶ୍ରୀଜଗନ୍ନାଥଙ୍କର କରୁଣା ।

କଟକ,
ମୋ: ୯୪୩୭୦୫୧୯୫୭

## ଝୁରୁଛି ସେ ପିଲାଦିନ

### ଅନସୂୟା ପଣ୍ଡା

କଦଳୀ ବାସୁଙ୍ଗାରେ
ଜେଜେମାଆ କରୁଥିଲା
ଗୋଟେ କାଗଜ ଡଙ୍ଗା
ଜିଦିଖୋର ପିଲାଦିନ
ମାନିଲାନି ସେ ପୁରୁଣାକାଳିଆରେ ମନ
ଲୁହ ଶିଙ୍ଗାଣି ଏକାଠି କରି ଡରେଇଲି।

କିଣା ହେଲା ଫ୍ୟାନ୍ସି ଡଙ୍ଗା ସୋଲର
ରାତି ତିନିଟାରୁ ଉଠିପଡ଼ିଲି
ଥଣ୍ଡା ବାଟକାଟି ଠିଆ ହୋଇଥିଲା
ପରୀକ୍ଷା ନେବାକୁ
ତଥାପି ଡଙ୍ଗାଭସା ହେଲା ଗାଁ ପୋଖରୀରେ।

ଆ କା ମା ଆ ବୈ
ତାଳ ଫୋଟକା ଫୁଲଝରି
ତାପରେ ଦର୍ଶନ ମନ୍ଦିର ଦିଅଁ
ମନ୍ଦିରରେ ପାଅ ଖେଚଡ଼ି
ଘରକୁ ଫେରିଲେ ବଡ଼ଓଷାର ପୀଠ।

ଓଃ କି ସୁନ୍ଦର ସେ ଛୋଟବେଳ
ମଧୁର ମନୋହର
ଏବେ କେବଳ ଶୁଷ୍କ ସ୍ମୃତିଟିଏ
ପରଳମଡ଼ା ଆଖି ଆଗରେ
ଭାସିଯାଏ ବାଦଲରେ।

କଦଳୀ ବାସୁଙ୍ଗାର ଡଙ୍ଗା ଏବେ ସ୍ୱପ୍ନ
ଲୁଣିମାରି ଗଲାଣି ମନର କାନ୍ଥ
ତଥାପି ଝୁରୁଛି ସେଇ ପିଲାଦିନ
ମନବୋଧ ଚଉତିଶା।

ଭୁବନେଶ୍ୱର
ମୋ-୯୪୩୯୨୧୧୯୭୧



କ୍ଷୁଦ୍ର ଗଳ୍ପ

## ବିଶ୍ୱାସ

### ନିର୍ବିକାର ପ୍ରଭାତ

ପୁରୀ ଯିବାଲାଗି ଅନେକ ଦିନରୁ ଗୋଡ଼ ଟେକି ବସିଛନ୍ତି ବୃଦ୍ଧ ଭାଗୀରଥି। ଆଗରୁ ଅନେକ ଥର ଚେଷ୍ଟା କରି ମଧ୍ୟ ସେ ଜଗା ଦର୍ଶନ କରିପାରିନାହାନ୍ତି। ଶେଷ ଜୀବନରେ ଅନ୍ତତଃ ଥରୁଟେ ଠାକୁର ଦର୍ଶନ ନକଲେ ଅବସୋସ ରହିଯିବ। ତାଙ୍କ ବଂଶଧର କୁଆଡ଼େ ଥିଲେ ଜଗନ୍ନାଥଙ୍କ ସେବାୟତ। ରଥଯାତ୍ରା ବେଳେ ଘଣ୍ଟ ବାଡ଼େଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରାନ୍ତି। ଅନେକ ଦିନରୁ ନିଷ୍ଠାରେ ରହି ହବିଶାନ୍ନ ଖାଇ ସଂକଳ୍ପ କଲେ ଘଣ୍ଟ ବଜାଇବା ସୁଯୋଗ ମିଳେ। ନିଶ ଦାଢ଼ି କାଟି ସଫା ସୁତର ହୋଇ କଂସା ନିର୍ମିତ ଘଣ୍ଟ ସହିତ ପିଟଣା ଧରି ପହଞ୍ଚିବାକୁ ପଡ଼େ। ତିନିରଥ ପାଇଁ ତିନିପ୍ରକାର ପୋଷାକ ବରାଦ ହୋଇଥାଏ। ନୂଆ ଗାମୁଛା ପିନ୍ଧି ଘଣ୍ଟ ପିଟିଲେ ମଣିମା ପହଣ୍ଡି ବିଜେ ହୁଅନ୍ତି। ଡାଇଁ କି ଡାଇଁ ଶବ୍ଦ ତାଳରେ ତାଳ ମିଶାଇ ଘଣ୍ଟବଜାଇ ନପାରିଲେ ପାଖ ଘଣ୍ଟୁଆ ହାତକୁ ଆଘାତ ଦେବେ। ସେଥିଲାଗି ଆଗରୁ ଅଭ୍ୟାସ କରିବାକୁ ପଡେ। ଭାଗୀରଥଙ୍କ ଜେଜେ ଜେଜେବାପାଙ୍କର ଭକ୍ତି ଓ ନିଷ୍ଠା ଯଥେଷ୍ଟ ଥିଲା। ଘଣ୍ଟୁଆ ସେବକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ବାରମାସର ତେର ପର୍ବରେ ସେମାନଙ୍କ ମଧ୍ୟରୁ କେତେକ ଶ୍ରୀମନ୍ଦିର ବେଢ଼ାରେ ପତି ମହାପାତ୍ରମାନଙ୍କ ବୋଲହାକ କରୁଥିଲେ ଓ ରଥଯାତ୍ରାରେ ଘଣ୍ଟ ବାଡ଼େଇ ଶାନ୍ତି ପାଉଥିଲେ। ସେମାନେ ବୈଶ୍ୟ ସମ୍ପ୍ରଦାୟର ବ୍ୟବସାୟୀ ଜାତି। ବେପାର ଯୁଆଡ଼େ ରହଣୀ ସିଆଡ଼େ। ମୁହଁ ଯୁଆଡ଼େ ଅନୁକୂଳ ସିଆଡ଼େ। ଗାଁ ଗଣ୍ଡା ମେଳା ମଉଛବ ସବୁ ଆଡ଼େ ବୁଲି ରୋଜଗାର କରିବା ତାଙ୍କର ପେଷା। ସମ୍ବଲପୁର ବରଗଡ଼ରେ କଂସା ପିତଳର ଭଲ ଚାହିଦା ଥିବାରୁ ସେମାନଙ୍କ ପୂର୍ବ ପୁରୁଷ ସମ୍ବଲପୁରେ ଅବସ୍ଥାନ କଲେ। ପରେ ହୀରାକୁଦ ଡ୍ୟାମ୍ ତିଆରି ହେବାରୁ ଅଧିକାଂଶ ହେଲେ ବିସ୍ଥାପିତ। ସମ୍ବଲପୁର ଓ ବରଗଡ଼ର କିଛି ବାସିନ୍ଦା ଛତିଶଗଡ଼ର ଅଧିବାସୀ ହୋଇଗଲେ। କଂସା ବାସନ ଓ ପିତଳ କାମର ଶାଳକୁ ଅବଲମ୍ବନ କରି ସେମାନେ ଜୀବନ ନିର୍ବାହ କଲେ। ଓଡ଼ିଶାର ପୁରୀଧାମଠାରୁ ସେମାନେ ଅଧିକ ଦୂରେଇ ଗଲେ।

ପୁରୀ ଆଖପାଖରେ ରହି ଯେଉଁ ଧର୍ମ କାର୍ଯ୍ୟରେ ନିଜକୁ ଢାଳି ଦେଉଥିଲେ, ବିସ୍ଥାପିତ ହେଲା ପରେ ଧୀରେ ଧୀରେ ପୁରୁଷୋତ୍ତମ କ୍ଷେତ୍ରକୁ ଯିବା ଆସିବା ସେମାନେ ବନ୍ଦ୍ କରିଦେଲେ। ଫଳରେ ସେମାନେ ସେବାରୁ ବଞ୍ଚିତ ହେଲେ। ରଥଯାତ୍ରାରେ ବଂଶଧରଙ୍କ ସେବା କମିଗଲା। ଛତିଶଗଡ଼ରୁ ପୁରୀଯାଇ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ସହ ସୁଦର୍ଶନଙ୍କ ପାଇଁ ଘଣ୍ଟ ବାଡ଼େଇବା ସୁଯୋଗ କ୍ରମଶଃ ହାତଛଡ଼ା ହେଲା। ସେମାନଙ୍କ ସ୍ଥାନକୁ ଅନ୍ୟ କେତେକ ଅକ୍ତିଆର କରିନେଲେ। ଭାଗୀ ନାୟକ ଦୁଃଖକରନ୍ତି। ଏସନ ଜଗନ୍ନାଥ ଧାମ ଯିବାକୁ ଅଡ଼ି ବସିଛନ୍ତି। କଳେବଳେ କୌଶଳେ ସେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ କରି ତୃପ୍ତହେବେ।

ପୁଅ ପରାମର୍ଶ ଦେଲା,- 'ଅନ୍ୟ ଜାଗାକୁ ଯାଇ ଜଗନ୍ନାଥ ଦର୍ଶନ କର। ପୁରୀକୁ ଗାଡ଼ିଭିଡ଼। ସରକାର ଯେତେ ସୁବିଧା କରିବେ ଭକ୍ତ ସେତେ ଅଧିକ ସମାଗମ ହେବେ। ସୁରକ୍ଷା ବ୍ୟବସ୍ଥା ଯେତେ ଉନ୍ନତ ହେଲେ ବି ଠେଲାପେଲାକୁ ରୋକିବ କିଏ ? ଠାକୁର ସବୁଠାରେ ଅଛନ୍ତି। ଜଗନ୍ନାଥ ଜଗତର ନାଥ। ଜଗତ ଭିତରେ ଆମେ ରହି ଯେଉଁଠୁ ଡାକିଲେ ସେ ଓ' କରିବେ।' ଭାଗୀରଥିଙ୍କ ମନ ବୁଝିଲାନି। ଯେତେ ଯାହା ହେଲେ ବି ପୁରୀ ବଡ଼ଦେଉଳ ଯାହା ଆଉ କୋଉ ଜଗନ୍ନାଥ ମନ୍ଦିର କ'ଣ ସେୟା ? ଟୋକା ବୋକା ଲୋକ। ଯାହା କହିବେ ସେଥିରେ ତର୍କ ଅଧିକ ବିଶ୍ୱାସ କମ୍। ସେ ଯେମିତି ହେଲେ ପୁରସ୍ତମ ଯିବେ। ଜଗନ୍ନାଥଙ୍କ ଭକ୍ତ ସେ। ବହୁ ନିଷ୍ଠା ଓ ପବିତ୍ର ଭାବ ନେଇ ସେ ଈଶ୍ୱରଙ୍କୁ ପୂଜାକରନ୍ତି। ଅନେକ ଦିନରୁ ସେ ନୀଳାଚଳନାଥ କାଳିଆ ସାଆନ୍ତଙ୍କୁ ଦେଖିବା ପାଇଁ ମନ କରିଛନ୍ତି। କାଳିଆର ଡୋରି ଲାଗିଲାଣି କି କ'ଣ ନୀଳଚକ୍ର ବାନା ହାତଠାରି ଡାକିବା ସେ ଅନେକଥର ସ୍ୱପ୍ନରେ ଦେଖିଛନ୍ତି। ଭାଗୀରଥିଙ୍କ ଖିଆପିଆ ଠିକ୍ ନାହିଁ। ଅନେକ ସମୟ ସେ ଚୁପଚାପ୍। ଘରେ କାହା ସହିତ କଥାବାର୍ତ୍ତା କରୁନାହାନ୍ତି। ଉଠିଲେ ପୁରୀଧାମ ବସିଲେ ରଥଯାତ କଥା କହି କହି ଘରେ ସମସ୍ତଙ୍କୁ ବିରକ୍ତ କରାଉଛନ୍ତି। ପାଖରେ ଅକାଳେ ସକାଳେ କେହି ବସିଲେ କୁହନ୍ତି, 'ମୁଁ ପାଚିଲା ଫଳ, କେତେବେଳେ ଝଡ଼ିବି କିଏ କହିବ ? ମୁଁ ମରିଗଲେ ପାଖ ମଶାଣିରେ ନୁହେଁ ସ୍ୱର୍ଗଦ୍ୱାରେ ପୋଡ଼ିବ। ମୋ ଶୁଦ୍ଧିକ୍ରିୟାରେ ବହୁତ ଲୋକଙ୍କୁ ଖାଇବାକୁ ଦେଇ ଗର୍ବ କରିବନି। ମୋ ପେଟେରାରେ ଥିବା ସୁନା, ରୁପା, କଂସା, ପିତଳ ବିକି ଅଳପ ସଳପରେ ଦଶ ଏଗାର କରିବ। ଅଧିକ ଧନ୍ଦିହବନି।' ପୁରୀ ସ୍ୱର୍ଗଦ୍ୱାରେ ଶବ ସଂସ୍କାର କଲେ ଆତ୍ମା ଶୀଘ୍ର ମୋକ୍ଷ ପାଇବ ବୋଲି ତାଙ୍କର ବିଶ୍ୱାସ। ବୟସ ଅଧିକ ହେତୁ ପାଗଳାମୀ ବାହାରିଛି ବୋଲି ନାତି ନାତୁଣୀ ଜାଣି ଜେଜେଙ୍କ କଥାକୁ ଗୁରୁତ୍ୱ ଦିଅନ୍ତିନାହିଁ। ସେମାନେ କି ଜାଣିବେ ବୁଢ଼ା ମନର କଥା। ହରି ନାମେ କି ରସ ଅଛି ପାନ କଲା ଲୋକ ତାହା ଜାଣିଛି। ଜୀବନ କାଳରେ ଥରେ ହେଲେ ନୀଳାଚଳ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦର୍ଶନ ନ କଲେ ମାନବ ଜୀବନ ବ୍ୟର୍ଥ ଯିବ। ସେଥିପାଇଁ ସେ ପୁରୀକୁ ଯିବା ପାଇଁ ସାଥୀ ଖୋଜୁଛନ୍ତି। ବାଟଖର୍ଚ୍ଚର ବୋଝ ଓ ଦୂରତା ଅଧିକ ହେତୁ କେହି ଯିବାକୁ ରାଜିହେଲେନାହିଁ। ଏକେଲା ଏକେଲା ପୁରୁଷୋତ୍ତମ କ୍ଷେତ୍ର ଯିବା ପାଇଁ ବୁଢ଼ାଙ୍କର ଜିଦ୍। କେମିତି ବୁଢ଼ା ଯିବେ ? ରାସ୍ତାଘାଟ ପ୍ରବଳ ଭିଡ଼। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା। ପରିଣତ ବୟସରେ ଭାଗୀବୁଢ଼ା ଯୁବକ ଭଳି ଏକୁଟିଆ ମାଡ଼ିଯିବାକୁ ତତ୍ପର। ଘରେ ଗୋଡ଼େ ଗୋଡ଼େ ଜଗିଛନ୍ତି। ବୁଢ଼ାଲୋକ, ଏକା ଝୁଙ୍କ୍‌ରେ ଦରକାର ପଡ଼ିଲେ ସେ ଚାଲିଚାଲି ଶ୍ରୀକ୍ଷେତ୍ର ନାମରେ କୁଆଡ଼େ




ପଳାଇବେ। ତାଙ୍କ ଉପରେ ଭରସାନାହିଁ। ବାଟରେ ଯାଉ ଯାଉ ତାଙ୍କର ଚିହ୍ନବର୍ଣ୍ଣ ଉଡ଼ିନଯିବ ବୋଲି କିଏ କହିବ ? ପରିବାର ବର୍ଗଙ୍କ ଆଖି ଦିବାନିଶି ତାଙ୍କ ଉପରେ ରହିଛି। ଦିନେ ରାତି ନ ପାହୁଣୁ ସୁଯୋଗ ଦେଖି ଭାଗୀରଥି କାହାକୁ କିଛି ନକହି ଘରୁ ବାହାରି ଆସିଲେ। ପଛରେ ରହିଗଲେ ଗାଁ କୁଟୁମ୍ବ ଆଉ ପିଲାଛୁଆ। ଆଗକୁ ରଥଯାତ୍ରା। ପହଣ୍ଡି ବିଜେ ପରେ ଠାକୁରଙ୍କ ରଥଟଣା ହେବ। ପତିତ ଉଦ୍ଧାର ପାଇଁ ବଡ଼ଭାଇ, ଭଉଣୀଙ୍କୁ ଧରି ନଅଦିନ ପାଇଁ ଗୁଣ୍ଡିଚା ଘରକୁ ବାହାରିବେ ଶ୍ରୀଜଗନ୍ନାଥ। ପ୍ରଭୁଙ୍କ ଆଶିଷରୁ ବଞ୍ଚିତ ନିରୀହ ଭକ୍ତଗଣ ରଥ ଉପରେ ଠାକୁର ଦର୍ଶନ କରି ଧର୍ମପ୍ରାପ୍ତ କରିବେ, ମୁକ୍ତିପାଇବେ। ସେଇ ବିଶ୍ୱାସ ଓ ଭରସାରେ ଭାଗୀବୁଢ଼ା ସୁଦୂର ଛତିଶଗଡ଼ରୁ ପୁରୀମୁହାଁ ଚାଲିଛନ୍ତି। ସେ ଜାଣନ୍ତିନାହିଁ ପୁରୀ ଆଉ କେତେଦୂର ! ଭାବ ଭକ୍ତିର ଠାକୁର ସେ ଜଗନ୍ନାଥ। ପତିତ ଉଦ୍ଧାର ପାଇଁ ସେ ପତିତପାବନ। ତାଙ୍କରି ଦର୍ଶନ ପାଇଁ ଭାଗୀରଥି ଭାବପ୍ରବଣ। ଏ ଜନ୍ମରେ ନହେଲା ନାହିଁ ଆରଜନ୍ମରେ ଜଗନ୍ନାଥଙ୍କ ସେବକ ହେବାକୁ ତାଙ୍କର ଅନ୍ତିମ ଅଭିଳାଷ। ଘଣ୍ଟୁଆ ସେବକର ଜନ୍ମମିଳିଲେ ବଂଶଗତ ପରମ୍ପରା ବଜାୟ ରହିବ। ଈଶ୍ୱର ସେବାର ସୌଭାଗ୍ୟ କାହାର ଇଚ୍ଛା ନୁହେଁ ? ଅବିରାମ ଗତିରେ ଯାଇ ରେଳଷ୍ଟେସନ ପାଖରେ ସେ ପହଞ୍ଚିଗଲେ।

ସକାଳ ସିନ୍ଦୂରା ଫାଟିବା ଆଗରୁ ଧଳା କାର୍‌ଟେ ଆସି ପାଖରେ ଲାଗିଗଲା। ବୁଢ଼ା ଟିକେ ହଟିଗଲେ। ସେଥିରେ ବସିଥିବା ଜଣେ ମୁଖାପିନ୍ଧା ଆଗନ୍ତୁକ ତାଙ୍କୁ ଚାହିଁଲେ। ଲୋକଟା ଜଣେ ଆତଙ୍କବାଦୀ ଭଳି ଜଣା ପଡୁଥିଲା। - 'ଆସ ମଉସା ପୁରୀଯିବ।' ଆଗନ୍ତୁକ କଥାରେ ଭାଗୀ ନାୟକ ଆଶ୍ଚର୍ଯ୍ୟ। ମରଣ ମୁହଁରୁ ଡାକରା ଆସିଲାଣି ବୋଧେ। ପାଖରେ ଖାଦ୍ୟ ନାହିଁ କି ପଇସା ନାହିଁ। ଭୋକରେ ସେ ମରିବେ ନହେଲେ ରଥଚକ ତଳେ ମୋକ୍ଷ ପାଇବେ। ଏବେ ଯଦି ତା ସହିତ ଯିବେ ହୁଏତ ପୁରସ୍ତମରେ ସଅଳ ପହଞ୍ଚିବେ ନହେଲେ ମରିବେ। ଅଙ୍ଗ ତସ୍କରୀଙ୍କ ପ୍ରବଳ ଦୌରାତ୍ମ୍ୟ। ସେମାନେ ମଣିଷଙ୍କ ଅଙ୍ଗ ପ୍ରତ୍ୟଙ୍ଗ ବିକି କୋଟି କୋଟି ଟଙ୍କାର ବ୍ୟବସାୟ କରନ୍ତି। ଦିନେ କାଳେ ଦେଖି ନଥିବା ସେ ମଣିଷଟା ଉପରେ ସନ୍ଦେହ ଆସିଲା। କିଛିନା କିଛି ମନ୍ଦ ଉଦ୍ଦେଶ୍ୟ ରଖି ସେ କାର୍‌ରେ ବସିବାକୁ କହୁଛି। ତା ସହିତ ନଯିବା ଉଦ୍ଦେଶ୍ୟରେ କହିଲେ, 'ରାଇପୁର ସେ ହମ୍ ଟ୍ରେନ୍ ମେ ନିକଲେଙ୍ଗେ। ଆପ୍ ଯାଇୟେ।' ଭାଗୀରଥି କଥାର ରହସ୍ୟ ବୁଝି ସେ ଖାଣ୍ଟି ଓଡ଼ିଆରେ କହିଲେ,- 'ଡରନି ମଉସା ! ମୁଁ ଚୋର କି ଡକାୟତ ନୁହଁ। ଟ୍ରେନ ଅପେକ୍ଷା ଆମେ ଜଲ୍‌ଦି ଯାଇ ପହଞ୍ଚିବା। ଏହା ପ୍ରଭୁଙ୍କ ନିର୍ଦ୍ଦେଶ।' ପ୍ରଭୁ ଶବ୍ଦ ଶୁଣି ଭାଗୀରଥି ଭଳିଗଲେ ତାଙ୍କ କଥାରେ। ଦଣ୍ଡେ ନିମିଷେ ଥିଲେ ପ୍ରାଣ ନେଇ ନପାରେ ଯନ୍ତୁରାଣ। ଆଉଥରେ କଅଁଳେଇ ଡାକିବାରୁ ବୁଢ଼ା ତାଙ୍କ ପାଖକୁ ଗଲେ। ଫସିଗଲେ ତାଙ୍କର ମଧୁର ବଚନରେ। ଯନ୍ତ୍ରବତ୍ ଗାଡ଼ି ଉପରକୁ ସେ ଉଠିଗଲେ। ଆଗନ୍ତୁକ ଗାଡ଼ି ଛୁଟାଇ ଚାଲିଲେ। କ୍ଳାନ୍ତ ଶ୍ରାନ୍ତ ଭାଗୀରଥି ସିଟ୍ ଉପରକୁ ଆଉଜି ପଡ଼ିଲେ। କେତେବେଳେ ତାଙ୍କୁ ନିଦ ହୋଇଯାଇଛି ସେ ଜାଣିନାହାନ୍ତି, କିନ୍ତୁ ପୁରୁଷୋତ୍ତମ କ୍ଷେତ୍ର ଶରଧା ବାଲି ଉପରେ ଗାଡ଼ି ରହିଯିବାରୁ ସେ ନିଦରୁ ଉଠି ଓହ୍ଲାଇ ପଡ଼ିଲେ। ନିଜ ଦେହକୁ ଚୁମୁଟି ଦେଇ ନିଜେ ଜୀବିତ କି ମୃତ ପରୀକ୍ଷା କଲେ। ଆଖି ଆଗରୁ ଆଗନ୍ତୁକ କାର୍ ନେଇ ଚାଲିଗଲେ।

ମାତ୍ର କେତେ ଘଣ୍ଟା ଭିତରେ ଛତିଶଗଡ଼ରୁ ଆସି ଓଡ଼ିଶାର ପବିତ୍ର ବାଲୁକାରାଶି ଉପରେ ସେ ଦଣ୍ଡାୟମାନ। ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଭକ୍ତି ସହକାରେ ତାଙ୍କ ହାତ ଉପରକୁ ଉଠିଲା। ବଡ଼ଦାଣ୍ଡ ଗହଳ ଚହଳରେ ଫାଟି ପଡୁଥାଏ। ହରିବୋଲ ହୁଳହୁଳିରେ ଗଗନ ପବନ କମ୍ପୁଥାଏ। ଆଗନ୍ତୁକର ପରିଚୟ ଅସ୍ପଷ୍ଟ। ଈଶ୍ୱରଙ୍କ ଦୂତଭଳି ଆସି ସେ ବୁଢ଼ା ମଣିଷଟିକୁ ସାହାଯ୍ୟ କଲେ। ଏତେ ଦୂରରାସ୍ତାକୁ ମାତ୍ର କେତେଘଣ୍ଟାରେ ପାର୍ କରାଇ ଥିଲେ। ଈଶ୍ୱରଙ୍କ ଚମତ୍କାରିତା ନା ନିଜ ମନର ଭ୍ରମ ? ବୁଝିପାରିଲେନି ଭାଗୀରଥି। ତିନିରଥଙ୍କୁ ଗୁଣ୍ଡିଚାଘର ପାଖରେ ରଖାଯାଇଛି। ହଜାରହଜାର ଭକ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଚାରିପାଖେ ବୁଲି ଭକ୍ତି ନୈବେଦ୍ୟ ବାଢ଼ି ଦେଉଥାନ୍ତି। ଭାଗୀବୁଢ଼ା ଶରଧାବାଲିରୁ ମୁଠେ ମଥାରେ ବୋଳି ଗଦଗଦ୍ ହୋଇଗଲେ। କ୍ଳାନ୍ତ ଦେହଟାକୁ ତଳେ ଗଡ଼ାଇ ବିଭୋର ହେଲେ। ଦିବ୍ୟ ଅନୁଭୂତି ପାଇବା ପରେ ସେ ଆଗନ୍ତୁକକୁ ଖୋଜିଲେ ହେଲେ ପାଇଲେ ନାହିଁ। ଅବଶ ଶରୀରକୁ ଗଭୀର ନିଦ ମାଡ଼ିବସିଲା। ସ୍ୱପ୍ନ ଦେଖିଲେ ଭାଗୀରଥି।... କଳାଧଳା ଘୋଡ଼ାରେ ଆସି ଦୁଇଜଣ ସୁରମ୍ୟ ଦିବ୍ୟ ପୁରୁଷ ତାଙ୍କ ସମ୍ମୁଖରେ ଠିଆ। ତାଙ୍କୁ କହିଲେ,- ଭକ୍ତ, 'ତୁମ ଶ୍ରଦ୍ଧା ଓ ଭକ୍ତି ଅତୁଳନୀୟ। ତୁମ ବଂଶ ପରମ୍ପରାକୁ ବଜାୟ ରଖିବା ପାଇଁ ଆମେ ଜଣେ ଦୂତକୁ ପ୍ରେରଣ କରିଥିଲୁ। ସେ ତମକୁ ଛତିଶଗଡ଼ରୁ ଆଣି ଏଠାରେ ପହଁଚାଇ ଦେଲେ। ତାହା ତୁମ ଶ୍ରଦ୍ଧାର ଉପହାର। ତୁମର ଦେହାନ୍ତ ପରେ ତୁମେ ଆମ ସେବାରେ ନିୟୋଜିତ ହେବ। ବର୍ଷକରୁ ନଅଦିନ ଛାଡିଦେଲେ ଅନ୍ୟଦିନଗୁଡିକରେ ଗୁଣ୍ଡିଚାଘର ଜଗାରଖା କରିବ। ତୁମେ ହେବ 'ବାବନା ଭୂତ'। ତୁମର କର୍ତ୍ତବ୍ୟନିଷ୍ଠାକୁ ବିବେଚନା କରିବା ପରେ ତୁମେ ମାନବ ଜନ୍ମପାଇ ଖରୁଡା ଘଣ୍ଟୁଆ ସେବକର ଆସ୍ଥାନ ପାଇବ। ହଠାତ ନିଦ ଭାଙ୍ଗିଗଲା ଭାଗୀଙ୍କର। ପାଖରେ ପଡ଼ିଥିଲା ରଥକାଠର କିଛି ଭଙ୍ଗା ଅଂଶ ଓ ରଥ ଦଉଡ଼ିରୁ ଟିକେ। ତାକୁ ଅଣ୍ଟାରେ ବାନ୍ଧିଲେ। ଜୀବ ଯିବା ପରେ ଏତେଦୂରରେ ଥିବା ସ୍ୱର୍ଗଦ୍ୱାରକୁ ଆସିବା ତାଙ୍କ ପାଇଁ ଅସମ୍ଭବ। ଛଅ ଖଣ୍ଡ ବାଉଁଶରେ ପ୍ରସ୍ତୁତ କୋକେଇ ଉପରେ ରଥ କାଠ ଓ ଦଉଡିରୁ ଖଣ୍ଡେ ଥିଲେ ଆତ୍ମା ଶୀଘ୍ର ସଦଗତି ପ୍ରାପ୍ତ ହେବ। ରାମନାମ ସତ୍ଯ ହେ - ହରିନାମ ସତ୍ୟ ହେ...ଡାକରା ବେଳେ ଶରଧାବାଲିରୁ ମୁଠେ ଛିଞ୍ଚି ଦେଲେ ତାଙ୍କର ଆତ୍ମା ପରମାତ୍ମାଙ୍କ ସହିତ ମିଶିଯିବ। ଏହି ଆଶା ଓ ବିଶ୍ୱାସ ନେଇ ଭାଗୀରଥି କେତେମୁଠା ବାଲିଧରି ଘରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁଲେ। ହେଲେ ସେତେବେଳକୁ ତାଙ୍କ ପାଖରେ ଆଗନ୍ତୁକ ନଥିଲା କି ଗାଡ଼ିଭଡ଼ା ପାଇଁ କୌଣସି ଟଙ୍କା ନଥିଲା। ରଥଠାରୁ ଅନତୀ ଦୂରରେ ଗାମୁଛା ପାରି ବସୁ ବସୁ ନଦୀବନ୍ଧ ଭାଙ୍ଗି ଜଳସ୍ରୋତ ଗାଁରେ ପଶିବା ପରି କୁଆଡ଼େ ଥିଲେ ଲୋକମାନେ ମାଡ଼ି ଆସିଲେ। ଜନସ୍ରୋତରେ ଧସି ହୋଇଗଲେ ଭକ୍ତ ସହିତ ଦର୍ଶକ। ଧକ୍କା ମାରୁଥିବା ଶ୍ରଦ୍ଧାଳୁଙ୍କ ଉପରେ ମାଡ଼ିଗଲା ଜନସମୁଦ୍ର। ଆରମ୍ଭ ହେଲା ଠେଲାପେଲା। ଦଳାଚକଟାରୁ ବର୍ତ୍ତୀ ଯିବାକୁ କେହି କୌଣସି ବାଟପାଇଲେନାହିଁ। ରାତିର ଶେଷ ପ୍ରହରରେ ଭାଗୀ ନାୟକଙ୍କୁ କିଏ ଗୋଟେ ଧକ୍କା ମାରି ଦୂରକୁ ଫୋପାଡ଼ିଦେଲା। ରଥ ଉପରେ ଶ୍ରୀଜିଉଙ୍କୁ ଦର୍ଶନ କରିବାକୁ ସବୁ ଭକ୍ତ ତତ୍ପର। ପହଡ଼ ପଡ଼ିବା ଆଗରୁ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ତୀବ୍ର ରୂପରେ ପରିଣତ ହେଲା ଠେଲାପେଲା, ଦଳାଚକଟା। ଯେମିତି ସଙ୍କଟରୁ ମୁକ୍ତି ପାଇବାକୁ ଆରମ୍ଭ ହେଲା ବିରାଟ ପ୍ରତିଯୋଗିତା। ଦିବ୍ୟ ଦର୍ଶନ ଆଶାୟୀ କେତେଜଣ ଅଣନିଶ୍ୱାସୀ ହୋଇ ତଳେ ପଡ଼ିଗଲେ। ଶହଶହ ଦର୍ଶକ ଚଢ଼ିଗଲେ ସେମାନଙ୍କ ଉପରେ। କେତୋଟି ମୁହୂର୍ତ୍ତ ଭିତରେ ଶରଧାବାଲିରେ ତିନିଜଣଙ୍କର ଜୀବନ ଦୀପ ଲିଭିଗଲା। ଏହା ବୋଧହୁଏ ବିଧିରବିଧାନ। ମୃତ୍ୟୁର ଆହ୍ୱାନ। ବଞ୍ଚିଗଲେ ଶ୍ରଦ୍ଧାଳୁ ବୁଢ଼ା ମଣିଷ। ଘରମୁହାଁ ଭାଗୀରଥି ଅଧିକ ଭାବି ନପାରି ମନେ ମନେ ସାହାରାଟେ ଖୋଜୁଥିଲେ।

ହାପିକଲୋନୀ, ଗୋପ, ପୁରୀ
ମୋ-୭୯୭୮୬୩୫୨୭୬

## ଏଇ ବୋଧେ ପ୍ରେମ

### ପ୍ରଶାନ୍ତ କୁମାର ଦାଶ

ଆଖିରେ ନାହିଁ ତ ରାତିର ସପନ
ତୁମେ ଚାଲିଗଲା ପରେ
ଦୁଃଖ ଓ ଲୁହକୁ କରି ମୁଁ ନିଜର
ଏକା ଚାଲେ ବାଟଧାରେ।

କହିବି କାହାକୁ ହୃଦୟର ଭାଷା
ଶୁଣିବାକୁ ତୁମେ ନାହଁ
କାହିଁକି ଦେଇଛ ପ୍ରୀତିର ଚୁମ୍ବନ
ପ୍ରତିଶ୍ରୁତି ମାୟା ମୋହ।

ଅବୋଧ ମନକୁ ପାରୁନି ବୁଝେଇ
ତୁମକୁ ଖୋଜୁଛି ମନ
ଅଭିନୟ ସାରି ଦୂରେ ହଜିଯାଏ
ରାତି ଆକାଶର ଜହ୍ନ।

କଣ୍ଟକିତ ପଥେ ଚାଲୁଛି ଆଗକୁ
ତୁମକୁ ପାଇବି ବୋଲି
ତୁମେ କିନ୍ତୁ ଦୂରେ ରହିଛ ସଜନୀ
ଭଲ ପାଇବାକୁ ଭୁଲି।

ଫୁଲର ରଙ୍ଗରେ ପ୍ରୀତିର ବାସରେ
ତୁମେ ହସୁଥାଅ ନିତି
ତୁମେ ତୋଳିଥିବା ମୁଗ୍ଧ ମଧୁ ଗୀତି
ସବୁ ତ ହେଉଛି ଇତି।

କଳ୍ପନା ଆକାଶେ ତୁମ ପ୍ରେମ ଗଢ଼େ
ଫୁଲପରି ହସ ବାସ
ତୁମକୁ ନିଜର ମଣି କାଟେ ଦିନ
ବିରହରେ ବର୍ଷମାସ।

ତୁମେ ଗଲାଦିନୁ ମଉଳି ଯାଇଛି
ଜୀବନର ଆଶା ଫୁଲ
ବିରହ ନିଦାଘ ଜାଳି ପୋଡ଼ିଦିଏ
ଡାଳି ସତେ ନିଆଁଝୁଲ।

କୁଅଁର, ସଙ୍ଗଲାଇ, ପିପିଲି, ପୁରୀ
ମୋ-୯୬୬୮୮୨୨୧୯୦



## ସ୍ୱପ୍ନାବିଷ୍ଟ କବି ଓ ସତର୍କ ପ୍ରେମିକା

### ଅଭୟ କର

ସୋରିଷ କ୍ଷେତରେ ମୁଁ
ଧରା ଦେଉ ନଥିବା
ଛାଇ ଆଲୁଅର ଖେଳ
ତୁମେ ଅଶିଣର ସ୍ଥିର
କାଚ କେନ୍ଦୁ ଜଳ।
ଜୀବନକୁ ପିଠିକରି
ପେଜ ମିଶା ଡାଲି ଭାତ ଖାଇ
ପଥର ଛାତିରେ
କବିତା ଲେଖୁଥିବା
ମୁଁ ବିଭୋର କବି
ତୁମେ ମୋ ହୃଦୟ ପୃଷ୍ଠାରେ
କେଉଁ ଏକ ଦୂରନ୍ତ ଛବି।
ଭୂମିରୁ ଭୂମା ଯାଏ
ପ୍ରଲମ୍ବି ରହିଥିବା
ମୋର ଏଇ ବିଭୋର ମନ
ବାରବାର ଝୁଣ୍ଟୁଥାଏ
ପଡୁ ଥାଏ ଉଠୁ ଥାଏ
ପୁଣି ନିବିଡ଼ ପଣରେ ଚାଲୁଥାଏ
ନିଜ ଭିତରେ ନିଜେ ମୁଁ ମଗନ।
ତୁମେ କିନ୍ତୁ ନିରାପଦ
ଦୂରତାରେ ଥାଇ
ଜୀବନର ଛବି ଆଙ୍କ
ଗୋଲାପର ସ୍ୱପ୍ନ ଦେଖୁଥାଅ
ଜହ୍ନକୁ ଧରିବାର ଆସ୍ପର୍ଦ୍ଧାରେ
ନିଭୃତରେ ଶିଡ଼ି ଖୋଜୁଥାଅ।

ଧୋବାକୋଇଲି, ମଙ୍ଗଳପୁର
ଯାଜପୁର,
ମୋ- ୮୦୯୩୭୩୭୪୧୬

## ନାଲିରଙ୍ଗ

### ଦୀପକ କୁମାର ନାୟକ

ତୋତେ ଭଲ ଲାଗେ ନାଲି ରଙ୍ଗ ବୋଲି
ହାତକୁ ମୋ କାଟିଦେଲି
ସେହି ରକତରେ ତୋହରି ମଥାରେ
ସିନ୍ଦୂର ପିନ୍ଧାଇଥିଲି।
ତୋତେ ମୋର ମନ ପସନ୍ଦ ବୋଲିକି
ମନଟାକୁ ଦେଇଥିଲି
ପ୍ରତି ମୁହୂର୍ତ୍ତରେ ସେଇ ମନକଥା
କହୁଥିଲି ତୋତେ ଖୋଲି।
ଆପଣାର ଭାବି ହୃଦୟକୁ ମୋର
ସମର୍ପଣ କରିଥିଲି
ଜାଣି ମୁଁ ନଥିଲି ସାତପର ଦିନେ
ମୋତେ ତୁ ଭାବିବୁ ବୋଲି।
ସିନ୍ଦୂର ବଦଳେ ହାତ କାଟି ଲହୁ
ମଥାରେ ପିନ୍ଧେଇଥିଲି
ଜାଣି ମୁଁ ନଥିଲି ତୋ ମନେ ମୋପାଇଁ
ଛଳନା ରହିଛି ବୋଲି।
ନାଲି ରଙ୍ଗ ତୋତେ ଭଲ ଲାଗେ ବୋଲି
ହାତକୁ ମୋ କାଟିଥିଲି
ସେଇ ରକ୍ତ ନେଇ ହୋଲି ତୁ ଖେଳିବୁ
ଜମାରୁ ଭାବିନଥିଲି।
ଜୀବନଠାରୁ ମୁଁ ଅଧିକ ଲୋ ତୋତେ
ପାଇଥିଲି ଦିନେ ଭଲ
ଏଡ଼େ ସ୍ୱାର୍ଥପର ବୁଝି ପାରିଲୁନି
ମୋ ପ୍ରେମର ତୁହି ମୂଳ।
ଲହୁରେ ମୋହର ହୋଲି ଖେଳି ନିଶ୍ଚେ
ଖୁସି ଭାରି ହେଉଥିବୁ
ଜଣାନାହିଁ ତୋତେ କଲାକର୍ମ ଫଳ
ନିଶ୍ଚୟ ଦିନେ ଭୋଗିବୁ
ନିଶ୍ଚୟ ଦିନେ ଭୋଗିବୁ।

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ-୮୬୩୭୨୬୧୮୨୮

## ଦୃଶ୍ୟାନ୍ତର

### ଶୁଭସ୍ମିତା ତ୍ରିପାଠୀ

ଜହ୍ନ ଆଲୁଅରେ ରଫୁ କଲାବେଳେ
ନୀଳ ଓଢ଼ଣୀକୁ ମୋର
ଭଙ୍ଗା କାଚ ଖଣ୍ଡେର ମୋ ତଳିପା ପାଇଁ ଜିଦ୍‌କୁ
କେହିକେହି କହିଲେ "କବିତା"
ଅଥଚ ମୁଁ ଭାବୁଥିଲି ଗୋଟେ ଭଲ ଲାଗୁଥିବା ଯନ୍ତ୍ରଣାର
ନାରଙ୍ଗୀ ରଙ୍ଗର ନାଆଁ
ଆଖି ହଳେ ପିଇଗଲା ବେଳେ ଅଦିନ ମେଘର ବର୍ଷା
ଶୁଖି ଆସିଥିବା ମନ କୋଣରେ
ଗୋଟେ ପଳାଶ ରଙ୍ଗର ଝରିଲା ଦାଗକୁ
କେହିକେହି କହିଲେ "କ୍ଷତ"
ଅଥଚ ମୁଁ ଭାବୁଥିଲି ଦରଜର ଟିପା ଖାତାରେ
କେଉଁ ଏକ ପ୍ରିୟ ଦସ୍ତଖତ !

ସାଇତି ରଖିବାର ଥିଲା ମତେ
ଦରଜ, ଆତଙ୍କ, ଲୁହ ଆଉ କ୍ଷତସ୍ଥାନ,
ସଜାଡ଼ିବାର ଥିଲା ଭଙ୍ଗାଗଢ଼ା ସ୍ୱପ୍ନ,
ଅନିଦ୍ରିତ ରାତିଙ୍କର ନିରବ ନିର୍ବାସନ
ପାହାଡ଼ର ଛାତି ହଳେ ନଈ ଯାଚିଦେଲା
ଆଖିର ଇଲାକାରେ
ଅଥଚ କେଜାଣି କେମିତି
ମୁଁ ଧାରେ ପାଣି ସୁଅରୁ ସମୁଦ୍ର ପାଲଟି ଯାଇ
ନୀଳ ଓଢ଼ଣୀରେ ଆଙ୍କିଦେଲି
ଆକାଶ ପାଲଟି ସାରିଥିବା
ମୋ ଆଖିଙ୍କ ଗଢ଼ଣ !

ବ୍ରହ୍ମପୁର, ଗଞ୍ଜାମ

ନୂଆ ଲେଖକ/ଲେଖିକାଙ୍କୁ ପ୍ରାଧାନ୍ୟତା ଦିଆଯିବ।
ମେଲ୍ କରନ୍ତୁ:
Prajatantrasahitya@gmail.com

## ଏତିକି ତ ମୋର...

### ପୀୟୂଷ ପଟ୍ଟନାୟକ

ପାଶେ ଥାଅ ତୁମେ ଉଦାସ ଏ ମନ ଯେବେ
ମଉଳା ମନକୁ କରିପାର ସୁରଭିତ
ସ୍ୱପ୍ନରେ ଛୁଇଁ ହୃଦର ତନ୍ତ୍ରୀ ତେବେ
ବିବଶ ଦେହକୁ କରକି ହିଲ୍ଲୋଳିତ।

ତୁମେ ସେ.. ଅଧୁରା ଆଶାର ଇସ୍ତାହାର,
ଦିଗନ୍ତ ବ୍ୟାପି ଅବସୋସ ଯବନିକା
ପଡ଼ିବା ଆଗରୁ,.. ନବ ଉନ୍ମେଷ ସ୍ୱର
ଶୁଣାଅ ଗୋ କାନେ ବଂଶୀରେ ଏକା ଏକା।

ଆଉଁସି ଦିଏ ଗୋ ତୁମରି ହାତର ସ୍ପର୍ଶ
ରୋମାଞ୍ଚ ଆଣି ଛାୟା ଛନ୍ନ ଏ ମନେ
କେତେ ଜନ୍ମର ଅପେକ୍ଷାର ସେ ବର୍ଷ
ନିର୍ବାସନରେ ଯାଏ ଗୋ କି ଜଣେ ଜଣେ।

ଏତିକି ତ ମୋର ଏଇ ଜନ୍ମର ଆଶା
ମନର ଅଜଣା କୋଣର, ହୃଦର ଭାଷା
ସମର୍ପି ଦେଲି ପାପ ଓ ପୁଣ୍ୟ ମମ
ଦିଅ ଆଶ୍ରୟ, ପାଦ ପଦ୍ମରେ ତୁମ।

ମୋ-୭୫୦୬୧୮୯୦୩୦



# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଝାରସୁଗୁଡ଼ା: ଜିଲ୍ଲା ପ୍ରଶାସନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଏକ ବୃହତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାନ୍ୟବର ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ।ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏହି ମେଳାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ମେଳାରେ ଝାରସୁଗୁଡ଼ା ଜିଲ୍ଲାର ୫ଟି ପ୍ରମୁଖ ବ୍ଲକ ଯଥା— ଲାଇକେରା, କିର୍ମିରା, ଝାରସୁଗୁଡ଼ା, ଲଖନପୁର ଏବଂ କୋଲାବିରାରୁ ୫୦୦ରୁ ଅଧିକ ସଫଳ ଚାଷୀ, ପଶୁପାଳକ ଏବଂ ମତ୍ସ୍ୟଜୀବୀ ଅଂଶଗ୍ରହଣ କରିଥିଲେ। ସଭାକୁ ସମ୍ବୋଧିତ କରି ମାନ୍ୟବର ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଚାଷୀଙ୍କ ପାଇଁ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ କହିଥିଲେ ଯେ, 'ଓଡ଼ିଶାର ବର୍ତ୍ତମାନର ସରକାର ହେଉଛି ଜନସାଧାରଣଙ୍କ ସରକାର ଏବଂ ଚାଷୀଙ୍କ ବିକାଶ ପାଇଁ ଆମେ ସର୍ବଦା 'ପ୍ରୋ-ଆକ୍ଟିଭ୍' ଭାବେ କାର୍ଯ୍ୟ କରୁଛୁ। ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ କେବଳ ଏକ ପାରମ୍ପରିକ ଜୀବିକା ନୁହେଁ, ବରଂ ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ଆଧାର। ଆମ ସରକାରଙ୍କ ଲକ୍ଷ୍ୟ ହେଉଛି ଶେଷ ଧାଡ଼ିରେ ଥିବା ଚାଷୀଙ୍କ ପାଖରେ ସରକାରୀ ଯୋଜନା ଓ ସାହାଯ୍ୟ ପହଞ୍ଚାଇବା, ଯେପରି ପ୍ରତିଟି ଗ୍ରାମୀଣ ପରିବାର ଆତ୍ମନିର୍ଭରଶୀଳ ହୋଇପାରିବେ। ଆମ ରାଜ୍ୟର କୃଷକ ମାନେ ହେଉଛନ୍ତି ନୂତନ ଓଡ଼ିଶାର ବିଧାତା।'ଏହି ଜିଲ୍ଲାସ୍ତରୀୟ ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ବିଭିନ୍ନ ବିଭାଗ ପକ୍ଷରୁ ସ୍ଥାପିତ ୨୦ରୁ ଅଧିକ ପ୍ରଦର୍ଶନୀ ଷ୍ଟଲ୍, ଯାହା ଚାଷୀମାନଙ୍କୁ ସରକାରୀ ଯୋଜନା ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ସହ ସିଧାସଳଖ ଯୋଡ଼ିବାରେ ସଫଳ ହୋଇଥିଲା। ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ଟି ସ୍ୱତନ୍ତ୍ର ପଞ୍ଜୀକରଣ ଓ ପରାମର୍ଶ କେନ୍ଦ୍ର ଖୋଲାଯାଇ ଚାଷୀଙ୍କ ସମସ୍ୟାର ସମାଧାନ କରାଯାଇଥିବା ବେଳେ ୫ଟି କାଉଣ୍ଟରରେ ଜୀବନ୍ତ ପଶୁ ଓ ମାଛ ଚାଷର 'ଲାଇଭ୍ ଡେମୋନଷ୍ଟ୍ରେସନ' ମାଧ୍ୟମରେ ଆଧୁନିକ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଆର୍ଥିକ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ଝଓଓ ପକ୍ଷରୁ ଆର୍ଥିକ ସାକ୍ଷରତା ଶିବିର ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସ୍ୱତନ୍ତ୍ର ଷ୍ଟଲ୍ ଜରିଆରେ ସରକାରୀ ସହାୟତା ଓ ଋଣ ସୁବିଧା ବିଷୟରେ ବୁଝାଯାଇଥିଲା। ଏଥିସହ କୃଷି ବିଜ୍ଞାନ କେନ୍ଦ୍ର, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ଓ ଓମଫେଡ୍ ଭଳି ବିଭିନ୍ନ ବିଭାଗ ପକ୍ଷରୁ ନୂତନ ଜ୍ଞାନକୌଶଳ ପ୍ରଦର୍ଶିତ ହେବା ସହ ମା' ସରସ୍ୱତୀ ମିଶନ ଶକ୍ତି ଗ୍ରୁପ୍ ପକ୍ଷରୁ ମହିଳା ଉଦ୍ୟୋଗୀଙ୍କ ସଫଳ ମଡେଲ୍ ଉପସ୍ଥାପନ କରାଯାଇଥିଲା।ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୟା ସାଗର ଦୁରିଆଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ସଭାର ଶେଷ ପର୍ଯ୍ୟାୟରେ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଫଳ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ମତ୍ସ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧରେ ପେନ୍‌ସନ୍ ମାମଲାର ସମାଧାନ ପାଇଁ ଭର୍ଚୁଆଲ୍ ସମୀକ୍ଷା



ବୌଦ୍ଧ,(ପିଏସ୍):ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଯେପରି ସମୟୋପଯୋଗୀ ଭାବେ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପାଇପାରିବେ, ସେଥିପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନରେ ଭର୍ଚୁଆଲ୍ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ଆକାଉଣ୍ଟାଣ୍ଟ ଜେନେରାଲ୍ ଓଡ଼ିଶା ଏବଂ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍, ଓଡ଼ିଶାଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ। ବୌଦ୍ଧ ଜିଲ୍ଲାରୁ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଡେପୁଟି କଲେକ୍ଟର ଏଷ୍ଟାବ୍ଲିସମେଣ୍ଟ ପରିପୂର୍ଣ୍ଣକ୍ଷ ଦେବୀ ଏହାର ପରିଚାଳନା କରିଥିଲେ। ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଏହି ଭର୍ଚୁଆଲ୍ ବୈଠକରେ ଯୋଗଦେଇ ଜିଲ୍ଲାରେ ବାକି ରହିଥିବା ପେନସନ, ଗ୍ରାଚୁଇଟି ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ସମ୍ବନ୍ଧୀୟ ମାମଲାର ଅଗ୍ରଗତି ଉପସ୍ଥାପନ କରିଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ ବୌଦ୍ଧ ଜିଲ୍ଲାରେ ୧୪ଟି ପେନସନ ମାମଲା, ୧୪ଟି ଗ୍ରାଚୁଇଟି ମାମଲା ଏବଂ ଆକାଉଣ୍ଟାଣ୍ଟ ଜେନେରାଲ୍ (ଇଏ) କାର୍ଯ୍ୟାଳୟରୁ ତ୍ରୁଟି ସଂଶୋଧନ ପାଇଁ ଫେରିଥିବା ୧୩ଟି ପେନସନ ମାମଲା ବିଚାରାଧୀନ ରହିଛି। ଏହି ସମସ୍ତ ମାମଲା ମଧ୍ୟରୁ ସର୍ବାଧିକ ସଂଖ୍ୟକ ମାମଲା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଥିବା ବିଷୟ ବୈଠକରେ ଉଠିଥିଲା। ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଝୁଲି ରହିଥିବା ପେନସନ, ଗ୍ରାଚୁଇଟି ଓ ଏ ଜି କାର୍ଯ୍ୟାଳୟରୁ ଫେରିଥିବା ମାମଲାଗୁଡ଼ିକର ଆବଶ୍ୟକ ତ୍ରୁଟି ସଂଶୋଧନ କରି ଯଥାଶୀଘ୍ର ନିଷ୍ପତ୍ତି ନେବେ। କୌଣସି ଯୋଗ୍ୟ ଅବସରପ୍ରାପ୍ତ କର୍ମଚାରୀ ଯେପରି ତାଙ୍କର ପ୍ରାପ୍ୟ ପାଇବାରେ ବିଳମ୍ବର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ବିଭାଗଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ କୁହାଯାଇଛି। ଏହା ସହିତ ଜିଲ୍ଲା ସ୍ତରରେ ପେନସନ ଅଦାଲତ ନିୟମିତ ଆୟୋଜନ, ବିଚାରାଧୀନ ମାମଲାର ନିରନ୍ତର ସମୀକ୍ଷା ଏବଂ ସମସ୍ତ ବକେୟା ମାମଲାର ଶୀଘ୍ର ସମାଧାନ ଦିଗରେ ଫଳପ୍ରଦ ପଦକ୍ଷେପ ନେବାକୁ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

# 'କୃଷକନେତା ଦେବେନ୍ଦ୍ରଙ୍କ ଅକାଳ ବିୟୋଗ ସମ୍ବଲପୁର ପାଇଁ ଅପୂରଣୀୟ କ୍ଷତି'

ସମ୍ବଲପୁର: ପଶ୍ଚିମ ଓଡିଶା କୃଷକ ସଂଗଠନର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଜେପି କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଦେବେନ୍ଦ୍ର ପ୍ରଧାନଙ୍କର ଏକ ସଡ଼କ ଦୁର୍ଘଟଣାରେ ଦୁଃଖଦ ପରଲୋକ ହୋଇଯାଇଛି। ସୋନପୁରରୁ ବିନିକା ଦେଇ ସମ୍ବଲପୁର ଆସୁଥିବା ସମୟରେ ବିନିକା ପାଖରେ ହିଁ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଆଜି ସକାଳେ ତାଙ୍କର ନିଜ ଗାଁ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ତାଙ୍କର ଶେଷ ଦର୍ଶନ ପାଇଁ ରାଜ୍ୟ ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ଘରେ ପହଂଚିଥିଲେ। ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ଜଣେ ସଚ୍ଚୋଟ, ନିଷ୍ଠାବାନ, ନିସ୍ୱାର୍ଥପର ବ୍ୟକ୍ତି ଥିଲେ। ଜଣେ ସ୍ପଷ୍ଟବାଦୀ ମଣିଷ ଭାବରେ ସେ ସମ୍ବଲପୁର ରେ ସର୍ବତ୍ର ପରିଚିତ ଥିଲେ। ତାଙ୍କର ବିୟୋଗରେ ସମ୍ବଲପୁର ଜିଲ୍ଲାର ଅପୂରଣୀୟ କ୍ଷତି ହୋଇଛି ବୋଲି ସମ୍ବଲପୁର ବିଜେପିର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ, ଦେଓକିରଣ ପଟ୍ଟନାୟକ, ସରୋଜ ସାହୁ, ଶ୍ରୀକାନ୍ତ ପାଣିଗ୍ରାହୀ, ଡାକ୍ତର ପ୍ରଭାସ ଦେବତା, ମୁକେଶ ଜରିୱାଲ ଓ ନରେଶ ବର୍ମା ପ୍ରମୁଖ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ବିଜେପି ନେତୃବୃନ୍ଦ କହିଛନ୍ତି ଯେ, ସାଥି ଦେବେନ୍ଦ୍ର ଅନେକ ଦିନରୁ ବିଜେପି ଦଳ ଜଡିତ ହୋଇ ଡାକ୍ତର ଦେବେନ୍ଦ୍ର ପ୍ରଧାନ, ରବି ନାରାୟଣ ନାଏକ, ଧର୍ମେନ୍ଦ୍ର ପ୍ରଧାନ, ସୁରେଶ ପୂଜାରୀଙ୍କ ପାଇଁ ନିରନ୍ତର ଭାବେ ନିର୍ବାଚନ ସମୟରେ କାର୍ଯ୍ୟ କରିବା ସହ ସଂଗଠକ ସ୍ତରରେ ମଧ୍ୟ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ, ମାନେଶ୍ୱର ମଣ୍ଡଳ ର ବିଭିନ୍ନ ଦାୟିତ୍ୱ ରେ ରହି କାର୍ଯ୍ୟ କରିଛନ୍ତି। ପରେ ଚାଷୀ ସଂଗଠନ ରେ ସକ୍ରିୟ ଦାୟିତ୍ୱ ନେଲାପରେ ଦଳୀୟ ସଂଗଠନ ରୁ କିଛି ମାତ୍ରାରେ ଦୁରେଇ ଯାଇଥିଲେ। ପ୍ରତିଟି ଦାୟିତ୍ୱ ସେ ନିଷ୍ଠାପର ଭାବେ କରିଆସିଥିଲେ। ପ୍ରକୃତରେ ଦେବେନ୍ଦ୍ର ଙ୍କର ଭଳି କର୍ମତତ୍ପର ଓ ସ୍ପଷ୍ଟବାଦୀ ମଣିଷ ସମାଜ ରେ ବିରଳ ବୋଲି ନେତୃବର୍ଗ ପ୍ରକାଶ କରିଛନ୍ତି। ସାଥି ଦେବେନ୍ଦ୍ରଙ୍କ ଆତ୍ମାର ସଦଗତି କାମନା ସହ ତାଙ୍କର ପରିବାର ବର୍ଗଙ୍କୁ ଭଗବାନ ଅଶେଷ ଧର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ନେତୃବର୍ଗ ମାନେ ଏକ ବିବୃତିରେ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ମାରାଥନ୍

କନ୍ଧମାଳ : ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମାରାଥନ (ନମୋ ଯୁବା ରନ୍ ଫର୍ ନିଶା ମୁକ୍ତ ଭାରତ )ଆୟୋଜିତ ହୋଇଯାଇଛି। ଏହା ସ୍ଥାନୀୟ କୋରୋନେସନ ଗ୍ରାଉଣ୍ଡରୁ ବାହାରି ମାଦିକୁନ୍ଦା ଛକ ଏବଂ ମାଦିକୁନ୍ଦା ଛକରୁ ଆସି କୋରୋନେସନ ଗ୍ରାଉଣ୍ଡରେ ଶେଷ ହୋଇଥିଲା। ଏହି ମାରଥନରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ , ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ, ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ ଅଂଶଗ୍ରହଣ କରିଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଜିଲ୍ଲା ସଂଚାଳନ ସମିତି ବୈଠକ

କେନ୍ଦୁଝର: ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଗୃହ ଓ ନଗରଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୮୪ଟି ଗ୍ରାମ ପଂଚାୟତରୁ ସ୍ୱଚ୍ଛଭାରତ ମିଶନ ଗ୍ରାମୀଣ କାର୍ଯ୍ୟକ୍ରମ ଅଧିନରେ ସଂଗ୍ରହ କରାଯାଉଥିବା ଶୁଖିଲା ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସିଧାସଳଖ ଭାବରେ ଗୃହ ଓ ନଗରଉନ୍ନୟନ ବିଭାଗ ଅଧିନରେ ଥିବା ଏହି ପାଂଚୋଟି ନଗର ପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ଜିଲ୍ଲାର ଆନନ୍ଦପୁର ପୌରପରିଷଦ, କେନ୍ଦୁଝରଗଡ ପୌରପରିଷଦ, ଯୋଡ଼ା ପୌରପରିଷଦ, ବଡ଼ବିଲ ପୌରପରିଷଦ ଏବଂ ଚମ୍ପୁଆ ବିଜ୍ଞାପିତ ଅଂଚଳ ଗୁଡ଼ିକରେ ନିର୍ମାଣ ହୋଇଥିବା ଏମଆରଏଫଗୁଡ଼ିକୁ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବା ସହିତ ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ରୁଟ ଚାର୍ଟ ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିସହ ଜିଲ୍ଲାର ମୋଟ ୨୨ଗୋଟି ପର୍ଯ୍ୟଟନ ସ୍ଥଳୀ ଓ ଏହା ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ପର୍ଯ୍ୟଟକ ପ୍ରଭାବିତ ଗ୍ରାମ ଓ ଏହା ଅନ୍ତର୍ଗତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସହାଇଂଚଳ ଗୁଡିକରେ ନିତିଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରାଯାଇ ଏହି ପର୍ଯ୍ୟଟନ ପ୍ରଭାବିତ ଅଂଚଳ ଗୁଡିକରେ ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବା ସହ ଏହି ଅଂଚଳର ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ଓ ନଗରଉନ୍ନୟନ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସରେ ଏକ କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଥିଲା। ଏହି ଜିଲ୍ଲା ସ୍ତରୀୟ ସଂଚାଳନ ସମିତି ବୈଠକରେ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କେନ୍ଦୁଝରର ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଯୋଗେନ୍ଦ୍ର ସିଂ, ରାଜ୍ୟ ସ୍ତରୀୟ ପରିମଳ ପରାମର୍ଶଦାତା, ଇଉନିସେଫ ରିସୋର୍ସ ପର୍ସନ ଭାବରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଂଚାୟତ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପୌରପରିଷଦ ଓ କରଞ୍ଜିଆ ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପରିମଳ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ଜଳ ଓ ପରିମଳ ମିଶନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରିଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା, କେନ୍ଦୁଝର ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ କିଭଳି ଭାବରେ ସୁଚାରୁ ରୂପେ ତ୍ୱରାନ୍ୱିତ କରାଯିବ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ ବେଦିକ୍ ସେମିନାର

ଜୟପୁର: ଜାତୀୟ ବେଦିକ ସେମିନାର ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ରେ ଅନୁଷ୍ଠିତ ହୋଇଯାଇଛି। ସିଓଓର ସଂସ୍କୃତ ବିଭାଗ ଓ ମହର୍ଷି ସନ୍ଦୀପନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନଙ୍କ ସଂଯୁକ୍ତ ଆୟୋଜନରେ ହୋଇଥିବା ଏହି ସେମିନାର ବିଭିନ୍ନ ପ୍ରାଯୁକ୍ତିକ ଅଧିବେଶନରେ ବେଦ ଉପରେ ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ପ୍ରଫେସର ମୁରଲୀ ମନୋହର ପାଠକ (ମୁଖ୍ୟଅତିଥି), ଓଡିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସତ୍ରୁଘ୍ନ ପାଣିଗ୍ରାହୀ (ସମ୍ମାନନୀୟ ଅତିଥି), ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ପାତଞ୍ଜଳୀ ମିଶ୍ର (ବିଶେଷ ବକ୍ତା ), ସିୟୁଓର ଅର୍ଥ ଅଧିକାରୀ ଦୁର୍ଯୋଧନ ସେଠୀ ଓ ସଂସ୍କୃତ ବିଭାଗର ଭରପ୍ରାପ୍ତ ମୁଖ୍ୟ ତଥା ସେମିନାର ସମ୍ପାଦକ ଡ଼ଃ ନବୀନ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସେମିନାରର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଏକ ବେଦିକ ଯଜ୍ଞର ସହ ଆରମ୍ଭ ହୋଇଥିଲା। ସଭାପତିତ୍ୱ ଉଦବୋଧନରେ ପ୍ରଫେସର ପଣ୍ଡା ବେଦମନ୍ତ୍ର ଓ ଏହାର ବ୍ୟାଖ୍ୟାରେ ଶାସ୍ତ୍ରଗୁଡିକର ଗୁରୁତ୍ୱକୁ ଉଦ୍ଧାର କରିଥିଲେ। ପ୍ରଫେସର ପାଠକ କୋରାପୁଟ ଭଳି ସଂସ୍କୃତିକ ସମୃଦ୍ଧ ଅଂଚଳରେ ବେଦିକ ସେମିନାର ଆୟୋଜନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ବେଦକୁ ଦେଶର ଅମୂଲ୍ୟ ସମ୍ପଦ ବୋଲି ବାଖ୍ୟା କରିଥିଲେ। ସେ କହିଥିଲେ ଯେ ବେଦମନ୍ତ୍ରମାନଙ୍କ ସଠିକ୍ ବୁଝାମଣାରେ ତାହାର ପ୍ରକୃତ ଅର୍ଥ ପ୍ରକାଶିତ ହୁଏ। ପ୍ରଫେସର ପତଞ୍ଜଳି ମିଶ୍ର ବେଦର ସାର୍ବଜନୀନ ଆଧାତ୍ମିକ ପ୍ରସଙ୍ଗିକତା ଏବଂ ତାହାଙ୍କ ସଠିକ୍ ଅଧ୍ୟୟନ ଓ ଉଚ୍ଚାରଣ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସେ ବେଦଜ୍ଞାନର ଗହନତାକୁ ବ୍ରହ୍ମଜ୍ଞାନ ସହ ସମ୍ପର୍କିତ କରି ବ୍ୟାଖ୍ୟା କରିଥିଲେ। ପ୍ରଫେସର ପାଣିଗ୍ରାହୀ ବେଦର ଆଧାତ୍ମିକ ଓ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ବର୍ଣ୍ଣନା କରି 'ବେଦାଙ୍ଗ' ଶିକ୍ଷା, କଳ୍ପ, ନିରୁକ୍ତ, ବ୍ୟାକରଣ, ଛନ୍ଦ ଓ ଜ୍ୟୋତିଷ— କେତେ ଜରୁରୀ, ତାହାକୁ ଉଲ୍ଲେଖ କରିଥିଲେ। ଶ୍ରୀ ସେଠୀ ଏଭଳି ଗୁରୁତ୍ୱପୂର୍ଣ୍ଣ ସେମିନାରର ଆୟୋଜନ ପାଇଁ ସଂସ୍କୃତ ବିଭାଗକୁ ଅଭିନନ୍ଦନ ଜଣାଇଲେ। ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଏକ ସାରସଂଗ୍ରହ ପୁସ୍ତିକାର ମୋଚନ କରାଯାଇଥିଲା। ଡ଼ଃ ପ୍ରଧାନ ସ୍ୱାଗତ ଭାଷଣ ଦେଲେ ଏବଂ ଡ଼ଃ ସଞ୍ଜୀବ ସର୍କାର ଧନ୍ୟବାଦ ଜଣାଇଲେ।

# ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ

ମାଲକାନଗିରି: ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ମାଲକାନଗିରି ଶାଖାର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ଼ିଭିଜନ ସେକ୍ରେଟାରୀ ମଳୟ ପଟ୍ଟନାୟକ ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା କିଭଳି ସୁଚାରୁ ରୂପେ ସମ୍ପାଦନ ହୋଇପାରିବ ଓ ଆଗାମୀ ଦିନରେ କର୍ମଚାରୀଙ୍କ ବିଭିନ୍ନ ଦାବି ଉପସ୍ଥାପନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବତନ ସଂଘ କର୍ମକର୍ତ୍ତା ନିଜ ନିଜ ପଦପଦବୀରୁ ଇସ୍ତଫା ଦେବା ସହ ସର୍ବସମ୍ମତି କ୍ରମେ ୨୦୨୬ ମସିହା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମଳୟ ପଟ୍ଟନାୟକ ପୁନର୍ବାର ଡ଼ିଭିଜନ ସେକ୍ରେଟାରୀ, ଗୌରହରି ସାମଲ ସହକାରୀ ଡ଼ିଭିଜନ ସେକ୍ରେଟାରୀ, ସୁନିଲ୍ କୁମାର ସାବତ ଓ ଯଜ୍ଞ ପ୍ରସାଦ ସିଂ କେନ୍ଦ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଓ ପି. ସନ୍ତୋଷ କୁମାର କୋଷାଧକ୍ଷ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ ଗୋଲାପ ରଞ୍ଜନ ଜେନା ମାଲକାନଗିରି ସବ୍ ଡ଼ିଭିଜନାଲ୍ ସେକ୍ରେଟାରୀ, ସୁଶାନ୍ତ କୁମାର କର(ବାଲିମେଳା), ଶଙ୍କର କୁମାର ପାତ୍ର, ଦୀପ୍ତି ରଞ୍ଜନ ବାରିକ୍, ତନୟ କୁମାର ମିଶ୍ର, ଚନ୍ଦ୍ରମଣି ବେହେରା, ସଞ୍ଜୟ କୁମାର ପରିଡ଼ା, ସାଗର ପ୍ରଧାନ, ଗୁପ୍ତପ୍ରସାଦ ମହାନ୍ତି ଓ ବୀରେନ୍ଦ୍ର ଭୂମିଆ ପ୍ରମୁଖ ଜିଲ୍ଲାର ବିଭିନ୍ନ ଅଂଚଳ ପାଇଁ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସଂଘ ସଦସ୍ୟ ଅଭିନନ୍ଦନ ଜଣାଇଥିଲେ।

# ନୂଆପଡ଼ାରେ ସ୍ୱାସ୍ଥ୍ୟ ସମୀକ୍ଷା

ନୂଆପଡ଼ା: ନୂଆପଡ଼ା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସିଡିଏମଓ ଡ. ଧନେଶ୍ୱର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମେଇବାକୁ ସର୍ବାଧିକ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଜୋର ଦେଇଥିଲେ। ଗତ ଫେବୃଆରୀ ମାସରେ ୩ଟି ମାତୃ ମୃତ୍ୟୁ ଓ ୧୮ଟି ଶିଶୁ ମୃତ୍ୟୁ ଘଟଣା ରିପୋର୍ଟ ହୋଇଥିବାରୁ ସେଗୁଡ଼ିକର ମୂଳ କାରଣ ଚିହ୍ନଟ କରି ନିରାକରଣମୂଳକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଆଣ୍ଟିନେଟାଲ କେୟାର କ୍ଷେତ୍ରରେ ୧୦୩ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି ଏବଂ ଡେଲିଭେରି ପଏଣ୍ଟରେ ନବଜାତ ଶିଶୁ ସ୍କ୍ରିନିଂ ୯୪ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି, ଯାହାକୁ ନେଇ ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ସୂଚକରେ ସୁଧାର ଆଣିବାକୁ ମଧ୍ୟ ସେ କହିଥିଲେ। ଜିଲ୍ଲାପାଳ ସମସ୍ତ ବିଦ୍ୟାଳୟରେ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରିଚୟ ପତ୍ର (ଆଭା ଆଇଡି) ସୃଷ୍ଟି କରି ସ୍ୱାସ୍ଥ୍ୟ ତଥ୍ୟକୁ ଡିଜିଟାଲ ମାଧ୍ୟମରେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରୂପେ ୮୦ ବର୍ଷ ଊର୍ଦ୍ଧ୍ୱ ବୟସ୍କ ନାଗରିକମାନଙ୍କ ପାଇଁ ଘରେ ଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ବିଶେଷ 'ଅଭିଯାନ' ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରତି ମାସ ଥରେ ବରିଷ୍ଠ ନାଗରିକ ମାନଙ୍କ ଘରକୁ ଯାଇ ତାଙ୍କ ରକ୍ତଚାପ ଓ ମଧୁମେହ ପରୀକ୍ଷା କରିବେ। ଏହା ଦ୍ୱାରା ବୃଦ୍ଧମାନଙ୍କୁ ସହଜରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ ସମିତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ହସ୍ପିଟାଲ ଉନ୍ନୟନ ଓ ସେବା ସୁଧାର ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ, ଡିପିଏମଓ ସତ୍ୟନାରାୟଣ ତ୍ରିପାଠୀ, ଡିଏମଓ (ଏମଏସ୍)- କମ୍-ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଲଳିତ ମୋହନ ବିଶି, ଡିପିଏଚଓ ଡାକ୍ତର ଦ୍ୱାରିକାନାଥ ସତପଥୀ, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଏଡିପିଏଚଓ (କୁଷ୍ଠ) ଡାକ୍ତର ତନ୍ମୟ ତ୍ରିପାଠୀ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିଶାମୁକ୍ତ ସମାଜ ପାଇଁ ଜିଲ୍ଲାସ୍ତରୀୟ ଗଣଦୌଡ଼

କେନ୍ଦୁଝର,: 'ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ଉପରେ ବିଶେଷ ଧ୍ୟାନ ଦେଇ ଜିଲ୍ଲା ପ୍ରଶାସନ, କେନ୍ଦୁଝର ଚାଲିଥିବା ସେବା ପକ୍ଷ ଅଭିଯାନର ଅଂଶ ଭାବରେ ଏକ ଜିଲ୍ଲାସ୍ତରୀୟ ଗଣ ଦୌଡ଼ର ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କଠାରୁ ବିପୁଳ ସମର୍ଥନ ଦେଖିବାକୁ ମିଳିଥିଲା, ପ୍ରାୟ ଏକ ହଜାର ଅଂଶଗ୍ରହଣକାରୀ ଏହି ସଚେତନଧର୍ମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଗଣ ଦୌଡକୁ ବନଖଣ୍ଡ ଅଧିକାରୀ ଏଚ୍ ଡି ଧନରାଜ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ମଣ୍ଡୁଆ ପର୍ଯ୍ୟନ୍ତ ଯାଇଥିଲା। ସୂଚନାଯୋଗ୍ୟ ନିଶାମୁକ୍ତ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବା ପାଇଁ ଯୁବ ପିଢ଼ିଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଏବଂ ଜିଲ୍ଲା ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ସକ୍ରିୟ ଭାବରେ ଗଣଦୌଡରେ ଯୋଗ ଦେଇଥିଲେ, ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହି ଉଦ୍ଦେଶ୍ୟକୁ ଦୃଢ଼ ସମର୍ଥନ ଦେଇଥିଲେ। ସମସ୍ତଙ୍କ ସ୍ୱତଃ ଅଂଶଗ୍ରହଣ କେନ୍ଦୁଝରର ଲୋକଙ୍କ ମଧ୍ୟରେ ଫିଟନେସ୍ ଏବଂ ସାମାଜିକ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶାସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୃତିଗତ, କ୍ରୀଡ଼ାପ୍ରେମୀ ଏବଂ ସମସ୍ତ ବୟସ ବର୍ଗର ନାଗରିକଙ୍କ ପର୍ଯ୍ୟନ୍ତ ଧାବକ/ଧାବିକା ମାନଙ୍କ ଉତ୍ସାହର ଏଥିରେ ଭାଗ ନେବା କାର୍ଯ୍ୟକ୍ରମକୁ ଶକ୍ତି ଏବଂ ଏକତାର ଏକ ସ୍ପନ୍ଦନଶୀଳ ଅବସରରେ ପରିଣତ କରିଥିଲା। ଗଣଦୌଡର ସଫଳ ଆୟୋଜନ କେନ୍ଦୁଝରର ଦୃଢ଼ ସାମୁଦାୟିକ ମନୋଭାବ ଏବଂ ଏକ ସୁସ୍ଥ, ନିଶାମୁକ୍ତ ଜିଲ୍ଲା ଗଠନ ପାଇଁ ସାମୂହିକ ସଂକଳ୍ପକୁ ପ୍ରଦର୍ଶିତ କରିଥିଲା। ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଏବଂ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଭାରତ ବିକାଶ ପରିଷଦର ସେବା ପକ୍ଷ ପାଳିତ

ସମ୍ବଲପୁର: ଭାରତ ବିକାଶ ପରିଷଦର ସମ୍ବଲପୁର ଶାଖା ପକ୍ଷରୁ ସେବା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଦ୍ୱାରା ପରିଚାଳିତ ହାତୀବାରି ସ୍ଥିତ ପ୍ରେରଣା ପାଠଶାଳାରେ ଅଧ୍ୟୟନରତ ଦୁର୍ବଳ ଆର୍ଥିକ ସ୍ଥିତି ପରିବାରର ଛାତ୍ରଛାତ୍ରୀମାନଙ୍କୁ ପଠନ ସାମଗ୍ରୀ ସହ ଖାଦ୍ୟ ବିତରଣ କରାଯାଇଥିଲା। ଶାଖା ସଭାପତି ହେମନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଚିବ ସରୋଜ କୁମାର ମିଶ୍ର ଭାରତ ବିକାଶ ପରିଷଦର ପଞ୍ଚସୂତ୍ର ସମ୍ପର୍କ, ସଂସ୍କାର, ସହଯୋଗ, ସମର୍ପଣ ଓ ସେବାର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିବା ସହ ଏକ ସୁସ୍ଥ, ସମର୍ଥ ଓ ସଂସ୍କାରିତ ଭାରତ ଗଠନରେ ଭାରତ ବିକାଶ ପରିଷଦର ସହଭାଗିତା ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ସଭାପତି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସେବା ପରାୟଣ ମନୋବୃତି ଗଢ଼ି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ। ପରିଷଦର ପର୍ଯ୍ୟାବରଣ ଟୋଲିର ପ୍ରାନ୍ତ ସଂଯୋଜକ ଡ଼. ନରେନ୍ଦ୍ର କୁମାର ବେହେରା ସ୍ୱଚ୍ଛ ପରିବେଶର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିଥିଲେ। ବରିଷ୍ଠ ସଦସ୍ୟ ରାମେଶ୍ୱର ପୁରୋହିତ ବିଦ୍ୟା ସହ ବିନୟ ଗୁଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ସଂସ୍କାର ଟୋଲିର ସଂଯୋଜକ ଶ୍ୟାମ ସୁନ୍ଦର ବିଶ୍ୱାଳ, ମହିଳା ସହଭାଗିତା ଟୋଲିର ସଂଯୋଜିକା ତୃପ୍ତି ପୁରୋହିତ, ସେବା ଟୋଲିର ସଂଯୋଜକ ଶେଷଦେବ ପାଣିଗ୍ରାହୀ, ସଦସ୍ୟ ପ୍ରଦ୍ୟୋତ କୁମାର ମିଶ୍ର, ଭୋଳାନାଥ ମେହେର ପ୍ରମୁଖ ଯୋଗଦେଇ ପଠନସାମଗ୍ରୀ ବିତରଣ କାର୍ଯ୍ୟରେ ପରିଚାଳନା କରିଥିବା ବେଳେ ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଜଣାଇଥିଲେ।

# ଯୋଗାଣ ସହାୟକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଜୟପୁର: ନିୟମିତ ଦାବୀ ନେଇ ଯୋଗାଣ ସହାୟକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ସାମୁହିକ ଛୁଟି ରେ ରହିଲେ ସମସ୍ତ କର୍ମକର୍ତା। ଖାଉଟି ସାମଗ୍ରୀ ସୁଚାରୁରୂପେ ବଂଟନ କରିବା ନିମନ୍ତେ ତତ୍କାଳୀନ ରାଜ୍ୟ ସରକାର ୨୦୧୨ ମସିହାରେ ଯୋଗାଣ ସହାୟକ ନିଯୁକ୍ତି କରିଥିଲେ। ୬ ବର୍ଷ ପରେ ନିୟମିତ ହେବା ନେଇ ବିଜ୍ଞାପନ ପ୍ରକାଶ କରଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏଣୁ ରାଜ୍ୟ ସ୍ତରୀୟ ସଙ୍ଘ ନିଷ୍ପତି କ୍ରମେ ଆଜି ତଥା ଶୁକ୍ରବାର ଠାରୁ ରାଜ୍ୟର ସମସ୍ତ କାର୍ଯ୍ୟରତ ସାମୁହିକ ଛୁଟିରେ ଅଛନ୍ତି। ଏନେଇ ସ୍ଥାନୀୟ ବିଡ଼ିଓ ସୁବ୍ରତ ସାହୁଙ୍କ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି।

# ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଏସ୍‌ଏମ୍‌ସି ଗଠିତ

ବଲାଙ୍ଗୀର, (ପିପିଏସ) : ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରାର ନୂତନ ବିଦ୍ୟାଳୟ ପରିଚାଳନା ସମିତି(ଏସ୍‌ଏମ୍ସି) ଅସ୍ଥାୟୀ ସଭାପତି ପୂର୍ଣ୍ଣଚନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ପିଟିଏ ବୈଠକରେ ସ୍ଥାନୀୟ ସିଆର୍‌ସିସି ପର୍ଯ୍ୟବେକ୍ଷକ ଭାବେ ଯୋଗ ଏସ୍‌ଏମ୍ସିର ଗଠନ ପ୍ରକ୍ରିୟା, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଡ.ହେମନ୍ତ କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସଭା ସଂଚାଳନ କରିଥିଲେ। ଚେୟାରମେନ ଓ ଭାଇସ୍ ଚେୟାରପରସନ୍ ଚୟନ ସଭାରେ ବିଇଓ ନମିତା ରାଣୀ ଭୋଇ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସର୍ବ ସମ୍ମତି କ୍ରମେ ଚେୟାରମେନ ଭାବେ ଟୁନା ସୁନା, ଭାଇସ୍ ଚେୟାରପରସନ୍ ଭାବେ କମଳିନୀ ମନହୀରା, ଏସ୍ଟି ସଦସ୍ୟ ଭାବେ ଦୁର୍ଯ୍ୟୋଧନ ଧରୁଆ,ଓବିସି ସଦସ୍ୟ ଭାବେ ଟୁକୁମଣି ସାହୁ, ସିଡବ୍ଲୁଏସ୍‌ଏନ୍ ସଦସ୍ୟା ଭାବେ ସୁନିତା ଛତ୍ରିଆ ଏବଂ ସଦସ୍ୟ ଭାବେ କେନସିଂ ତାଣ୍ଡି, ତ୍ରିଲୋଚନ ବଢିଆ, ଧନଞ୍ଜୟ ସାହୁ ଏବଂ ସଦସ୍ୟା ଭାବେ ଗୀତାଞ୍ଜଳି ମହାନନ୍ଦ, ଜୁଲି ଜୟନ୍ତୀ ଝାଙ୍କର, ସରୋଜିନୀ କଏଣ୍ଡା, ଶୁଭମିତା ସାହୁ, ରିଙ୍କି ସୁନା, ଡୋଲେଶ୍ୱରୀ ନାୟକ ଓ ଉଦିଆଁ ଭୋଇ ପ୍ରମୁଖ ମନୋନୀତ ହୋଇଥିଲେ। ଏକ୍ସ ଅଫିସିଓ ସଦସ୍ୟା ଭାବେ କାଉନସିଲର ମାମୀ ଦାସ, ଅଙ୍ଗନୱାଡ଼ି କର୍ମୀ ମାୟାବତୀ ଛତ୍ରିଆ, ଆଶାକର୍ମୀ ବିତିସୁତା କୁମ୍ଭାର, ବରିଷ୍ଠ ସହକାରୀ ଭାବେ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ ଓ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ଙ୍କୁ ଆବାହକ ଭାବେ ମନୋନୀତ କରା ଯାଇଥିଲା। ବିଦ୍ୟାଳୟର ସୁପରିଚାଳନା ପାଇଁ ଦୁଇଟି ସବ୍ କମିଟି ଗଠିତ ହୋଇଥିଲା। ପ୍ରଥମତଃ ସ୍କୁଲ ଶିକ୍ଷା କମିଟୀ ଗଠିତ ହୋଇଥିଲା। ଏଥିରେ ଚେୟାରମେନ ଟୁନା ସୁନା, ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ, ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ, ଅବସର ପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ସା, ବାଳିକା ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଡାକ୍ତର ବାଗ ଓ ସିଆର୍‌ସିସି ଜଗମୋହନ ତ୍ରିପାଠୀଙ୍କୁ ମନୋନୀତ କରା ଯାଇଥିଲା। ଦ୍ୱିତୀୟତଃ ସ୍କୁଲ୍ ବିଲଡିଂ କମିଟିରେ ଚେୟାରମେନ ଟୁନା ସୁନା, ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ, ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ, ବ୍ଲକ୍ ଶିକ୍ଷା ବିଭାଗ ଟିସି ଶୁଭେନ୍ଦୁ ମାନସିଂହ ଓ ସିଆର୍‌ସିସି ଜଗମୋହନ ତ୍ରିପାଠୀଙ୍କୁ ମନୋନୀତ କରା ଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ବିନ୍ଦୁ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ନାଗ ଓ ଆକାଂକ୍ଷା ରାଣୀ ଯୋଶୀ ସହଯୋଗ କରିଥିଲେ।

## ଶ୍ରୀଗୁରୁକୁଳ ଶିଷ୍ୟାର ବାର୍ଷିକ ସମାରୋହ

କେନ୍ଦୁଝର: ଘଟଗାଁ ବ୍ଲକ ଢେଙ୍କିକୋଟ ସ୍ଥିତ ଶ୍ରୀଗୁରୁକୁଳ ଶିଷ୍ୟା ଅନୁଷ୍ଠାନର ବାର୍ଷିକ ଉତ୍ସବ 'ସମର୍ପଣ' ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଧବଳେଶ୍ୱର ବେହେରା ଙ୍କ ସଂଯୋଜନା ରେ ଆୟୋଜିତ ସଭାରେ ସେବା ଫାଉଣ୍ଡେସନର ପରାମର୍ଶଦାତା ଦିଲ୍ଲୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କିକୋଟ ବନପାଳ ଅକ୍ଷୟ କୁମାର ମହାନ୍ତି, ବରେଣ୍ୟ ଅତିଥି ଭାବେ ଗୁରୁକୁଳ ଇଂରାଜୀ ମାଧ୍ୟମ ର ଅଧ୍ୟକ୍ଷା କିରଣବାଳା ସାହୁ, ସମ୍ମାନିତ ଅତିଥି ଭାବେ ଢେଙ୍କିକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ପୂର୍ଣ୍ଣଚନ୍ଦ୍ର ବଳ, ସତ୍ୟନାରାୟଣ ବିଦ୍ୟାପୀଠ ର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ଶ୍ରୀଗୁରୁକୁଳ ଶିଷ୍ୟାର ନିର୍ଦ୍ଦେଶକ ଦେବୀପ୍ରସାଦ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ନୂତନ ଡାକ୍ତରଖାନା କାର୍ଯ୍ୟକ୍ଷମ ଦାବି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲ୍ଲା ନାଗରିକ କମିଟିର ଧାରଣା




ବୌଦ୍ଧ(ପିପିଏସ୍) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ନାଗରିକ କମିଟି, ବୌଦ୍ଧ ପକ୍ଷରୁ ୪ ଦଫା ଦାବି ନେଇ ଗଣଧାରଣା ଦିଆଯିବା ସହ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ନୂତନ କୋଠାରେ ଡାକ୍ତରଖାନା କାର୍ଯ୍ୟ ଆରମ୍ଭ କରିବା, ପାତାଳି ଶ୍ରୀକ୍ଷେତ୍ର ନାଏକପଡ଼ା ଗୁମ୍ଫାକୁ ପ୍ରସ୍ତାବିତ ୧୮ କୋଟି ଟଙ୍କା ଅନୁମୋଦନ ଦାବିରେ ଶୁକ୍ରବାର ସକାଳ ୧୦ ଘଣ୍ଟା ସମୟରୁ ଏହି ଗଣଧାରଣା ଦିଆଯାଇଥିଲା। ଏହାପରେ ନାଗରିକ କମିଟି ତରଫରୁ ଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରି ସମସ୍ୟା ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଥିଲେ। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ନେତୃତ୍ୱରେ ହୋଇଥିଲା। କଂଗ୍ରେସର ଜିଲ୍ଲା ସଭାପତି ଅବଦୁଲ୍ କଲିମ୍ ଖାଁ, ବରିଷ୍ଠ ନାଗରିକ ଚିତ୍ତରଞ୍ଜନ ଦାଶ, ଶ୍ୟାମସୁନ୍ଦର ମହାପାତ୍ର , ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଦେବାଶିଷ ପୁରୋହିତ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ମିଶ୍ର, ଯୁବନେତା ଅବକାଶ ସାହୁ, ଦିବ୍ୟରଞ୍ଜନ ପଟ୍ଟନାୟକ, ସୁମନ୍ ଷଡ଼ଙ୍ଗୀ, ଦୁର୍ଯ୍ୟୋଧନ ବିଶି, ରଘୁନାଥ ଷଡ଼ଙ୍ଗୀ, ଜୟ ନାରାୟଣ ମହାନ୍ତି, ଇଂ ବିକାଶ ମହାକୁଡ଼, ରାଜୁ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ , କଳା ଓ ସାରସ୍ୱତ ଅନୁଷ୍ଠାନର କର୍ମକର୍ତ୍ତା ତଥା ବିଭିନ୍ନ ବର୍ଗର ଜନସାଧାରଣ ସାମିଲ୍ ହୋଇଥିଲେ।

# ବିଷାକ୍ତ ଖାଦ୍ୟ ଖାଇ ଘରୋଇ ନର୍ସିଂ କଲେଜରେ ୯ଉର୍ଦ୍ଧ୍ୱ ଛାତ୍ରୀ ଗୁରୁତର

ଖୋର୍ଦ୍ଧା, (ପିପିଏସ୍): ବିଷାକ୍ତ ଖାଦ୍ୟ ଖାଇ ଘରୋଇ ନର୍ସିଂ କଲେଜରେ ୯ଉର୍ଦ୍ଧ ଛାତ୍ରୀ ଗୁରୁତର। ଅସୁସ୍ଥ ଛାତ୍ରୀମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବରୁ କଲେଜ କର୍ତ୍ତୃପକ୍ଷଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଛାତ୍ରୀମାନେ ଅଭିଯୋଗ କରିଥିଲେ।ହେଲେ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଆଜି ଛାତ୍ରୀମାନେ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇ ପଡିଥିବା ନେଇ ଅଭିଭାବକ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ କ୍ୟାଣ୍ଟିନ ମାଲିକ ଖାଦ୍ୟ ବିଷାକ୍ତ ଘଟଣାକୁ ଖଣ୍ଡନ କରିଛନ୍ତି। ସେହିପରି ଚିକିତ୍ସାରତ ଡାକ୍ତର ଏସିଡିଟି ନେଇ ଛାତ୍ରୀ ମାନେ ଅସୁସ୍ଥ ହୋଇ ଥିବା ନେଇ ସୂଚନା ଦେଇଛନ୍ତି।ତେବେ ଏମାନଙ୍କ ମଧ୍ୟରୁ ଜଣେ ଛତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ପାଇଖାନା ଟାଙ୍କିରେ ପଡ଼ି ୨ଶ୍ରମିକ ମୃତ

ଭୁବନେଶ୍ୱର, (ପିପିଏସ୍): ଭୁବନେଶ୍ୱର ବିଜେବି ନଗରରେ ପାଇଖାନା ଟାଙ୍କିରେ ପଡ଼ି ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ବିଜେବି ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ନିର୍ମାଣାଧୀନ ପାଇଖାନା ଟାଙ୍କି ଭୁଷୁଡି ପଡିବାରୁ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା । ତେବେ ସେମାନଙ୍କର ମୃତ୍ୟୁ ଘଟିଛି।

# ଲଜ୍ଜା: ଝିଅ ସହ ଶାରୀରିକ ସମ୍ପର୍କ ରଖି ଗିରଫ ହେଲା ବାପା

ବ୍ରହ୍ମପୁର(ପିପିଏସ୍): ଝିଅ ସହ ଶାରୀରିକ ସମ୍ପର୍କ ରଖି ଗିରଫ ହେଲା ବାପା । ଝିଅକୁ ଯୌନ ନିର୍ଯ୍ୟାତନା, ବ୍ଲାକମେଲିଂ ଓ ଆତ୍ମହତ୍ୟା ଉଦ୍ୟମ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ପୀଡିତାଙ୍କ ବାପା ସୁବାଷ ଚନ୍ଦ୍ର

## ଅଭିଯୋଗକୁ ଖଣ୍ଡନକଲେ ଝିଅର ମା' ଓ ମାମୁ



ମିଶ୍ର(୫୭)ଙ୍କୁ ଗିରଫକରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତଜଣକ କେ.ନୂଆଗାଁ ଥାନା ଅର୍ନ୍ତଗତ ବଜ୍ରଗୁମ୍ଫା ଗ୍ରାମର ବୋଲି ଜଣାପଡିଛି । ପୀଡିତାଙ୍କ ଅଭିଯୋଗ ପ୍ରକାରେ ଅଭିଯୁକ୍ତ ବାପାର ଫରେନ୍ସିକ ମେଡିକାଲ୍ ପରୀକ୍ଷା କରାଯିବା ସହ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ କରିଛି । ପୀଡିତା ଝିଅ ଓ ଅଭିଯୁକ୍ତ ବାପାଙ୍କ ମୋବାଇଲ୍ ଫୋନ୍ ଜବତକରି ପୋଲିସ ତଦନ୍ତକରି ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିବା କୁହାଯାଇଛି । ପୋଲିସର ସୂଚନା ପ୍ରକାରେ, ୨୦୨୫ମସିହାରେ ପୀଡିତାଙ୍କ ବିବାହ ବ୍ରହ୍ମପୁର ସହରର କାଳି ପ୍ରସାଦ ମିଶ୍ରଙ୍କ ସହ ହୋଇଥିଲା । ବିବାହର ୬ମାସପରେ ପୀଡିତା ଝିଅ ସୋସିଆଲ ମିଡିଆରେ ନିଜ ବାପାଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଓ ହଇରାଣ ଅଭିଯୋଗ ଆଣିଥିଲେ । ଏହାକୁ କେନ୍ଦ୍ରକରି ତାଙ୍କ ବୈବାହିକ ଜୀବନରେ ବିବାଦ ସୃଷ୍ଟିହୋଇ ସେ ଶଶୁର ଘର ଠାରୁ ଅଲଗା ହୋଇଯାଇଥିଲେ । ଗତ ୯ତାରିଖ ସକାଳେ ପୀଡିତା ପୁଣି ଶଶୁର ଘରକୁ ଫେରି ଘରର ଉପର ଘରେ କବାଟ ଦେଇ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କ ଦିଅର ରାମପ୍ରସାଦ ମିଶ୍ର ତାଙ୍କୁ ଉଦ୍ଧାରକରି ବ୍ରହ୍ମପୁର ବଡ ମେଡିକାଲ୍‌ରେ ଭର୍ତି କରିଥିଲେ । ପରେ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସମ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରିଥିଲେ । ତଦନ୍ତ ବେଳେ ପୋଲିସ ଅଭିଯୁକ୍ତଙ୍କ ୨ଟି ମୋବାଇଲ୍ ଫୋନ୍ ଓ ଅନ୍ୟ ଏକ ମୋବାଇଲ୍ ଫୋନ୍ ଜବତ କରିଛି । ତଦନ୍ତରୁ ଜଣାପଡିଛି ଯେ, ବିବାହ ପୂର୍ବରୁ ଅଭିଯୁକ୍ତ ବାପା ପୀଡିତା ଝିଅଙ୍କ ଶଶୁର ଠାରୁ ୧୦ଲକ୍ଷ ଟଙ୍କା ନେଇଥିଲେ । ପୀଡିତା ସେହି ଟଙ୍କା ଫେରାଇବାକୁ କହିବାରୁ ତାଙ୍କର ଆପତି ଜନକ ଫଟୋ ଦେଖାଇ ବ୍ଲାକମେଲିଂ କରିଥିବା ଝିଅ ପୋଲିସ ନିକଟରେ ଅଭିଯୋଗ କରିଛି । ଏହାସହ ଦୀର୍ଘ ସମୟଧରି ପୀଡିତାଙ୍କୁ ଯୌନ ନିର୍ଯ୍ୟାତନା ଦେଇ ଆସୁଥିବା କଥା ମଧ୍ୟ ସାମ୍ନାକୁ ଆସିଛି ବୋଲି ପୋଲିସ କହିଛି । ଏହିପରି ମାନସିକ ଚାପ ହିଁ ପୀଡିତାଙ୍କ ଆତ୍ମହତ୍ୟା ଉଦ୍ୟମର କାରଣ ବୋଲି ପୋଲିସ କହିଛି । ସେପଟେ ପୀଡିତା ଝିଅ ସୋସିଆଲ ମିଡିଆରେ କହିଥିବା କଥା ଅନୁସାରେ ବାପା ନିଜ ଝିଅ ସହ ଶାରୀରିକ ସମ୍ପର୍କ ରଖୁଥିଲେ । ଏପରିକି ଦେହ ବ୍ୟବସାୟରେ ମଧ୍ୟ ଲଗାଉଥିଲେ । ଏପରିକି ନିର୍ବନ୍ଧପରେ ମଧ ମାରପିଟ୍‌କରି ଦେହ ବ୍ୟବସାୟରେ ଲଗାଉଥିଲେ ବାପା । ଏହି ଭିଡିଓ ଭାଇରାଲ ହେବାପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା । ସେପଟେ କୋର୍ଟଚାଲାଣ ପୂର୍ବରୁ ଗିରଫ ବାପା ସୁବାଷ ନିଜର ବୟାନ ଗଣମାଧ୍ୟମ ନିକଟରେ ରଖିଛନ୍ତି । ସେ କହିଛନ୍ତି ଯେ, ମୋ ଝିଅ ମୋତେ ମିଥ୍ୟା କେଶ୍‌ରେ ଫଶାଇଛି । ଝିଅର କଥାରେ କିଛି ସତ୍ୟତା ନାହିଁ । ଅଧିକ ତଦନ୍ତକଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି । ସେପଟେ ଗିରଫ ସୁବାଷଙ୍କ ପତ୍ନୀ ତଥା ପୀଡିତା ଝିଅଙ୍କ ମାଁ ନିଜ ଝିଅର ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଝିଅ ବିବାହପରେ କେବେବି ଘରକୁ ଆସୁନଥିଲା । ଜଣେ ବାପା ହୋଇ କିଭଳି ନିଜ ଝିଅ ସହ ଶାରୀରିକ ସମ୍ପର୍କ ରଖିପାରିବ । ଏହା ସମ୍ପୂର୍ଣ୍ଣ ମିଥ୍ୟା । ଝିଅର ଶଶୁର ଘର ଲୋକେ ହିଁ ଚକ୍ରାନ୍ତକରି ସ୍ୱାମୀ ସୁବାଷଙ୍କ ନାମ ନେଇ ଭିଡିଓ କରିବାକୁ କହି ତାଙ୍କୁ ଫଶାଇ ଦେଇଛନ୍ତି ବୋଲି ସେ କହିଛନ୍ତି ।

# ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଝଲସିବ ଭଦ୍ରକର ବାଇପାସ୍

## ୮.୪୦ କୋଟି ଟଙ୍କାରେ ଫୁଡକୋର୍ଟ ସହ ମୁଖ୍ୟ ରାସ୍ତା ଓ ଶୌଚାଳୟ ନିର୍ମାଣ

## ବିଶାଳ ରାଲିରେ ଆସି ମନ୍ତ୍ରୀ , ସାଂସଦ ଏବଂ ବିଧାୟକ କଲେ ଭିତିପ୍ରସ୍ଥର ସ୍ଥାପନ

ଭଦ୍ରକ (ପିପିଏସ) ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭଦ୍ରକ ମୁନିସିପାଲିଟି ତରଫରୁ ଭଦ୍ରକ ଜିଲ୍ଲା ପ୍ରଶାସନର ସଂଯୋଜନାରେ ୮ କୋଟି ୪୦ ଲକ୍ଷ ଅଟକଳ ମୂଲ୍ୟରେ ଫୁଡକୋର୍ଟ ସହ ମୁଖ୍ୟରାସ୍ତା ଓ ଶୌଚାଳୟ ନିର୍ମାଣ ହେବ । ସଂପୂର୍ଣ୍ଣ ସୌନ୍ଦର୍ଯ୍ୟକରଣରେ ଆଗକୁ ବାଇପାସ ଝଲସିବ। ସହ ରାସ୍ତାର ଦୁଇପାର୍ଶ୍ୱରେ ହେବାକୁଥିବା ଫୁଡକୋର୍ଟରୁ ମିଳିବ ଲୋକମାନଙ୍କୁ ସବୁ ପ୍ରକାର ଖାଦ୍ୟ । ସେହିପରି ମହତାବ ଛକରୁ ଶନିମନ୍ଦିର , ଗୋପବନ୍ଧୁ ଛକଠାରୁ ମୁଖ୍ୟ ଚାନ୍ଦବାଲି ବାଇପାସ ଛକର କାୟକଳ୍ପକୁ ନୂତନ ରୂପରେଖ ଦିଆଯିବାକୁ ନେଇ ମାନ୍ୟବର ମନ୍ତ୍ରୀ ଉଚ୍ଚଶିକ୍ଷା, ଓଡିଆ ଭାଷାସାହିତ୍ୟ ଓ ସଂସ୍କୃତି ଓ କ୍ରିଡା ଯୁବବ୍ୟାପାର ଶ୍ରୀମାନ ସୂର୍ଯବଂଶୀ ସୂରଜ ଭଦ୍ରକଗସ୍ତରେ ଆସି ଏକ ଶୁଭ ଭିତିପ୍ରସ୍ଥର ସାପନ ଉତ୍ସବର ଅବସରରେ ଯୋଗଦେଇ କହିଛନ୍ତି । ଏହି ଅବସରରେ ଭଦ୍ରକର ଉପଜିଲ୍ଲାପାଳ ତଥା ପୈରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସୌରଭ ଚକ୍ରବର୍ତୀଙ୍କ ସଂଯୋଜନାରେ ବାଇପାସ ଠାରେ ଆୟୋଜିତ ଏକ ଶିଳାନ୍ୟାସ ସଭାକୁ ଓଡିଶା ସରକାରଙ୍କ ତରଫରୁ



ମାନ୍ୟବର ମନ୍ତ୍ରୀ ଶ୍ରୀମାନ ସୂରଜ ସୂର୍ଯ୍ୟବଂଶୀ ନିଜର ଦଳୀୟ କର୍ମୀଙ୍କ ସହ ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରାରେ ଆସିବା ସହ ମୁଖ୍ୟଅତିଥିଭାବେ ଯୋଗ ଦେଇ ୬କୋଟି ୪୦ଲକ୍ଷ ଅଟକଳ ମୂଲ୍ୟରେ ବହୁ ପ୍ରକଳ୍ପର ଶୁଭ ଭିତିପ୍ରସ୍ଥର ସ୍ଥାପନ କରିଛନ୍ତି । ସେହିପରି ଏହି ସଭାକୁ ମନ୍ତ୍ରୀଙ୍କ ସହ ଅନ୍ୟତମ ସମ୍ମାନୀତ ଅତିଥିଭାବେ ଭଦ୍ରକର ଲୋକପ୍ରିୟ ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ , ମାନ୍ୟବର ବିଧାୟକ ଭଦ୍ରକ ତଥା ଯୋଜନାବୋର୍ଡର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୀତାଂଶୁ ଶେଖର ମହାପାତ୍ର , ଭଦ୍ରକର ଲୋକପ୍ରିୟ ଜିଲ୍ଲାପାଳ ଡକ୍ଟର ଦିଲ୍ଲୀପ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ନିର୍ମାଣହେବାକୁ ଥିବା ୬ ଗୋଟି ବିଭିନ୍ନ ଜନଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଖାଲି ସେତିକି ନୁହଁ ଆଗକୁ ସଜେଇ ହେବା ଭଦ୍ରକରେ ଯିଏ ଅସଜଡା ଓ ଅସହଯୋଗ କରିବ ବୋଲଡୋଜରର ସହଯୋଗ ନିଆଯିବ ବୋଲି ଭଦ୍ରକର ବିଧାୟକ ତଥା ଯୋଜନାବୋର୍ଡର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୀତାଂଶୁ ଶେଖର ମହାପାତ୍ର ସଭାସ୍ଥଳରୁ ଶହ ଶହ ସଂଖ୍ୟାରେ ଯୋଗଦେଇ ଥିବା ଦଳୀୟ କର୍ମୀ ଓ ଭଦ୍ରକବାସୀଙ୍କୁ ନିଜର ଉଦବୋଧନରେ କହିଛନ୍ତି । ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ମନବଳରେ ବିକାଶ କାର୍ଯ୍ୟର ସବୁ ସମ୍ଭବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀମାନ ସୂର୍ଯବଂଶୀ ଭାଷଣରେ କହିଥିଲେ। ସେହିପରି ଭଦ୍ରକର ଲୋକପ୍ରିୟ ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ ଭଦ୍ରକର ବିକାଶ ସହଯୋଗରେ ହୁଏ । ମୁଁ ମୋର ସଂସଦୀୟ କ୍ଷେତ୍ର ସହ ଭଦ୍ରକସହର ସମସ୍ତ ବିକାଶକୁ ଆପଣଙ୍କ ସହଯୋଗରେ ଛାଡୁଛି । ଏଥିରେ ବିରୋଧାଭାଷା ଓ ଅସହଯୋଗ ଆସିଲେ ସେହି ସମାନ ବୋଲଡୋଜର ପରିସ୍ଥିତି ନ ଆସୁ ବୋଲି ନିଜ ଚିରାଚରିତ ହସମୁଖରେ ସଂଭାଷଣରେ ପ୍ରକାଶ କରିବା ସହ ଭଦ୍ରକର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗକୁ ବଧାଇ ଜଣାଇଥିଲେ । ଏହି ଯୋଜନାରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ୱାର୍ଡ ନଂ ୧୬ ବାଇପାସ ନିକଟସ୍ଥ ଫୁଡକୋର୍ଟ ଅଟକଳ ମୂଲ୍ୟ ଟ.୮୮.୦୪.୦୦୦.୦୦ , ଚାନ୍ଦବାଲି ବାଇପାସ ଛକ ନିକଟସ୍ଥ ସୁଲଭ ଶୌଚଳାୟ ଟ. ୬୦.୧୭.୩୦୦.୦୦, ୱାର୍ଡ ନଂ ୧୬ରେ ବାଇପାସ ଛକର ସୈନ୍ଦର୍ଯ୍ୟକରଣ ଟ.୪୯.୭୪.୬୦୦.୦୦, ଗୋପବନ୍ଧୁ ଛକ ଠାରୁ ଶନିମନ୍ଦିର ପର୍ଯ୍ୟନ୍ତ ରାସ୍ତାର ସୌନ୍ଦର୍ଯ୍ୟ କରଣ ଟ.୫.୨୮.୨୮୦୦୦.୦୦ , ୱାର୍ଡ ନଂ ୭ରେ ଦୁର୍ଗାମଣ୍ଡପ ଟ୍ୟାଙ୍କ ଟ.୪୭.୫୦.୩୨୫.୦୦ ସହିତ ଗୋପବନ୍ଧୁ ଛକର ସୌନ୍ଦର୍ଯ୍ୟକରଣ ବାବଦକୁ ଅଟକଳ ମୂଲ୍ୟ ଟ.୬୬.୫୫.୩୫୦.୦୦ ଆଦି ମୋଟ ୬ଟି ପ୍ରକଳ୍ପକୁ ମିଶାଇ ୮କୋଟି ୪୦ ଲକ୍ଷ ଟଙ୍କାରେ ନିର୍ମାଣ ହେବ ବୋଲି ଏକ ସରକାରୀ ଚିଠାରେ ଭଦ୍ରକର ଉପଜିଲ୍ଲାପାଳ ତଥା ଦାୟିତ୍ୱରେ ଥିବା ପୈରପାଳିକାର କାର୍ଯ୍ୟନିର୍ବାହ ଅଧିକାରୀ ଶ୍ରୀଯୁକ୍ତ ସୌରଭ ଚକ୍ରବର୍ତୀ ସଭାରେ ପ୍ରକାଶ କରିଥିଲେ ।

## ବେଆଇନ ମୋରମ ଓ ପଥର ଚୋରି

# ପ୍ରଶାସନର ରାତ୍ରିକାଳୀନ ଚଢ଼ଉ: ୪ଟି ଗାଡ଼ି ଜବତ

ବ୍ରହ୍ମପୁର(ପିପିଏସ୍): କୁକୁଡାଖଣ୍ଡି ବ୍ଲକରେ ବେଆଇନ ଗୌଣ ଖଣିଜ ସମ୍ପଦ ଉତ୍ତୋଳନ ଓ ପରିବହନକୁ ନେଇ ଦୀର୍ଘଦିନ ଧରି ବିଭିନ୍ନ ମହଲରୁ ଅଭିଯୋଗ ଆସୁଥିବା ବେଳେ ବିଳମ୍ବରେ ପଛେ ହେଉ ବର୍ତ୍ତମାନ ଜିଲ୍ଲା ପ୍ରଶାସନ ସକ୍ରିୟ ହୋଇ ଏହାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଆରମ୍ଭ କରିଛି। ଏହି କ୍ରମରେ ଶୁକ୍ରବାର ବିଳମ୍ବିତ ରାତିରେ କୁକୁଡାଖଣ୍ଡି ତହସିଲ ତରଫରୁ ପ୍ରଶାସନ ଓ ଖଣି ବିଭାଗର ମିଳିତ ସହଯୋଗରେ ବେଆଇନ ମୋରମ ପରିବହନ ବିରୋଧରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ କୁକୁଡାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ରମେଶ ଜେନା, ନୀଳାଞ୍ଚଳ ବେହେରା, ଜୀବନଜ୍ୟୋତି ସାହୁ, ସୁଶାନ୍ତ ପାତ୍ର ଓ ରାଜେଶ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ବୋରିଗାଁ ଆର୍‌ଆଇ ସର୍କଲ ଅଧୀନ ବରପଲ୍ଲୀ ମୌଜାରୁ ଓଡି.୧୪କ୍ୟୁ-୬୬୧୫ ନମ୍ବର ବିଶିଷ୍ଟ ଏକ ଟ୍ରକକୁ ବେଆଇନ ମୋରମ ପରିବହନ ଅଭିଯୋଗରେ ଜବତ କରାଯାଇ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ରହ୍ମପୁର ସଦର



ଥାନାକୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଲାଠି ଆର୍‌ଆଇ ସର୍କଲ ଅଧୀନ ମହୁଡା ମୌଜାରୁ ଓଡି.୦୫.ବିୱାଇ-୦୫୪୪, ଓଡି.୦୫.ବିୱାଇ-୦୫୩୧ ଓ ଓଡି.୦୫.ବିୱାଇ-୦୫୮୩ ନମ୍ବର ବିଶିଷ୍ଟ ତିନୋଟି ହାଇୱାକୁ ଜବତ କରାଯାଇ ଗୋଳନ୍ଥରା ଥାନାକୁ ହସ୍ତାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ପ୍ରତି କୁକୁଡାଖଣ୍ଡି ବ୍ଲକରେ ବେଆଇନ ଖଣି ଖନନ, ମୋରମ ଓ ପଥର ପରିବହନ, କ୍ରସର ପରିଚାଳନା ଏବଂ ପରିବେଶ ପ୍ରଦୂଷଣକୁ ନେଇ ବିଭିନ୍ନ ସଂଗଠନ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ଉଠିଆସୁଛି। ଏହାର ପ୍ରେକ୍ଷାପଟରେ ପ୍ରଶାସନ ପକ୍ଷରୁ ହୋଇଥିବା ଏହି ଚଢ଼ାଉକୁ ବେଆଇନ ଖଣି କାରବାର ବିରୋଧରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି। ପ୍ରଶାସନିକ ସୂତ୍ରରୁ ପ୍ରକାଶ ଯେ, ବେଆଇନ ଖଣି ଖନନ ଓ ଗୌଣ ଖଣିଜ ପରିବହନ ଯୋଗୁଁ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେବା ସହ ପରିବେଶ ଉପରେ ମଧ୍ୟ କୁପ୍ରଭାବ ପଡୁଛି। ତେଣୁ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ାଉ ଜାରି ରହିବ ଏବଂ ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିଏମ୍‌ସିର ନୂଆ ଷ୍ଟାଇଲ୍ !

# ସାଧାରଣ ପିଣ୍ଡି ପାଇଁ ଆର୍କିଟେକ୍ଟ ଖର୍ଚ୍ଚ ୪ଲକ୍ଷ

ବ୍ରହ୍ମପୁର : ସୁଉଚ୍ଚ ଅଟ୍ଟାଳିକା ନୁହେଁ କି ଅତ୍ୟାଧୁନିକ ଡିଜାଇନ୍ ବି ନୁହେଁ । ତଥାପି ମର୍ଦ୍ଦରାଜ ମାର୍କେଟ୍ କମ୍ପ୍ଲେକ୍ସର ପାହାଚ ସଦୃଶ ପିଣ୍ଡି ନିର୍ମାଣ ପାଇଁ ଘରୋଇ ଆର୍କିଟେକ୍ଟ ବ୍ୟବହାର କରି ବିଏମ୍‌ସି ଅର୍ଥଶ୍ରାଦ୍ଧ କରିଥିବା ପରିବା ବେପାରୀମାନେ କୁହାକୁ ହିଁ ହେଉଛନ୍ତି। ନିଗମରେ ଡଜନେରୁ ଅଧିକ ଯନ୍ତ୍ରୀ ଥିବାସତ୍ତ୍ୱେ ଏଭଳି ସାଧାରଣ କାମ ପାଇଁ ଲକ୍ଷାଧିକ ଟଙ୍କା ଦେଇ ଆର୍କିଟେକ୍ଟ ନିୟୋଜିତ କରିବା ପ୍ରସଙ୍ଗକୁ କେତେକ କର୍ପୋରେଟର୍ ବି ପସନ୍ଦ କରୁ ନାହାନ୍ତି। ସେଥିପାଇଁ ଜୁନ୍ ୧୬ରେ ଅନୁଷ୍ଠିତ କର୍ପୋରେସନ୍ ବୈଠକରେ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ଏ ବିଷୟକୁ ନେଇ ଆପରି ଉଠାଇଥିଲେ। ପ୍ରଶ୍ନ କରି ଉତ୍ତର ଲେଡ଼ିଥିଲେ। ବାସ୍ତବରେ ମର୍ଦ୍ଦରାଜ ମାର୍କେଟ୍ କମ୍ପ୍ଲେକ୍ସ କୋଠା ଡିଜାଇନ୍ ଓ ପିଣ୍ଡି ଆକୃତି ଦେଖୁଥିବା ଲୋକ କହୁଛନ୍ତି, ଏଠାରେ ଅଯଥା ଆର୍କିଟେକ୍ଟ ନିୟୋଜିତ କରାଯାଇଥିବା ଅଭିଯୋଗ ହେଉଛି।
୨୦୨୨ ଏପ୍ରିଲ୍‌ରେ ବିଏମ୍‌ସି ମର୍ଦ୍ଦରାଜ ମାର୍କେଟ କମ୍ପ୍ଲେକ୍ସ ଘୋଷଣା କରିଥିଲା । ବ୍ୟବସାୟୀଙ୍କୁ କମାପଲ୍ଲୀ ରେଳ ଓଭରବ୍ରିଜ୍ ତଳକୁ ସ୍ଥାନାନ୍ତର କରି ସେହି ବର୍ଷ ସ୍ୱାୟତ୍ତ ଶାସନ ଦିବସରେ ନିର୍ମାଣର ଶୁଭ ଦିଆଯାଇଥିଲା । ତେବେ ଡିପିଆର୍(ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହୋଇଥିଲା । ପ୍ରକଳ୍ପ ଆରମ୍ଭ ବେଳେ ୨.୮୫ କୋଟି ଟଙ୍କା ବ୍ୟୟ ହେବ ବୋଲି କୁହାଯାଇଥିଲା । ତା'ପରେ କୁଆଡ଼େ ପ୍ରକଳ୍ପରେ ପରିବର୍ତ୍ତନ ହୋଇଛି।




ଏବେ ତ ଏହା (ଜି+୧) ସମୁଦାୟ ଦୁଇମହଲା ହୋଇଛି। ତଳ ମହାଲାରେ ୯୬ଟି ପିଣ୍ଡି ନିର୍ମାଣ କରାଯାଇଛି। ଅତି ସାଧାରଣ କିସମର କୋଠା। ଏଠାରେ ବିଶେଷ କିଛି କଳାକୃତି ହୋଇନି। ନୂତନତ୍ୱ ବୋଲି କିଛି ବି ନାହିଁ । ତଥାପି ଘରୋଇ ଆର୍କିଟେକ୍ଟ ନିୟୋଜିତ କରି ବିଏମ୍‌ସି ପ୍ରକଳ୍ପ ମୂଲ୍ୟର ୧.୫% କମିସନ୍ ଆକାରରେ ୪.୨୭ ଲକ୍ଷ ଟଙ୍କା ଅଯଥା ବ୍ୟୟ କରିଛି । ଏଇ ସାଧାରଣ ପାହାଚ ଭଳି ପିଣ୍ଡି ପାଇଁ ଆର୍କିଟେକ୍ଟ ଆବଶ୍ୟକ କି ବୋଲି କାଲି ଆବଣ୍ଟନ ବେଳେ ପରିବା ବେପାରୀମାନେ କୁ ହାକୁହି ହେଉଥିଲେ । କାରଣ ପ୍ରକଳ୍ପ ଆରମ୍ଭ ବେଳେ ଆକର୍ଷଣୀୟ ୩ଡି ଚିତ୍ରରେ ଯେଉଁ ଡିପିଆର୍ ଦେଖାଯାଇଥିଲା ତା'ସହ ବାସ୍ତବତାରେ ଟିକେ ବି ତାଳମେଳ ନାହିଁ । ସାଧାରଣ କୋଠା ଓ ପିଣ୍ଡି ନିର୍ମାଣ କରାଯାଇଛି । ପ୍ରକଳ୍ପ ସମୟରେ ବିଏମ୍‌ସିରେ ୧୫ରୁ ଅଧିକ ଯନ୍ତ୍ରୀ ଥିଲେ। ୨ ନିର୍ବାହୀ ଯନ୍ତ୍ରୀ, ୪ ସହକାରୀ ନିର୍ବାହୀ ଯନ୍ତ୍ରୀ, ୮ରୁ ୧୦ କନିଷ୍ଠ ଯନ୍ତ୍ରୀ ବିଏମ୍‌ସିରେ କାର୍ଯ୍ୟରତ ଥିଲେ। ଏତେ ସଂଖ୍ୟକ ଯନ୍ତ୍ରୀ ଥାଇ ସୁଦ୍ଧା ସାଧାରଣ ପ୍ରକଳ୍ପ ଓ ପିଣ୍ଡି କରିବାକୁ ଘରୋଇ ଆର୍କିଟେକ୍ଟ ଆବଶ୍ୟକ କାହିଁକି ପଡ଼ିଲା ବୋଲି ପ୍ରଶ୍ନ ଉଠୁଛି। ସମାନ ପ୍ରଶ୍ନ ଗତ କର୍ପୋରେସନ୍ ବୈଠକରେ ହୋଇଛି।
ବିଏମ୍‌ସିରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୫୦ କୋଟି ଟଙ୍କାର ଡିପିଆର ଆର୍କିଟେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହା ବାବାଦକୁ ଆର୍କିଟେକ୍ଟ ପାଖାପାଖି ୨ କୋଟି ଅର୍ଥ ବିଏମସିରୁ ନେଇଛି। ଯଦିଓ ଗତ ତିନି ବର୍ଷରେ ବଡ଼ ପ୍ରକଳ୍ପ କିଛି ହୋଇନାହିଁ, ତଥାପି ଅନୁଧ୍ୟାନ ବେଳେ ଜଣାପଡ଼ିଛି ଯେ, ବିଏମସି ପକ୍ଷରୁ ଶୌଚାଳୟ ଠାରୁ ଆରମ୍ଭ କରି କଲ୍ୟାଣମଣ୍ଡପ, କୋଠଘର ସାଙ୍ଗକୁ ପୋଖରୀ ପୁନରୁଦ୍ଧାରର ଡିପିଆର ମଧ୍ୟ ଆର୍କିଟେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଯାହାକି ବିଏମ୍‌ସିର ଯନ୍ତ୍ରୀମାନେ ଅତି ସହଜରେ ଏହାକୁ କରିପାରେ। ତେବେ ପ୍ରଶ୍ନ ଉଠୁଛି ଯେ, ଯନ୍ତ୍ରୀମାନେ ଛୋଟ ଛୋଟ ପ୍ରକଳ୍ପ କରିବାକୁ ଅସମର୍ଥ ନା ଆର୍କିଟେକ୍ଟ ସହ ସଲାସୁତୁରା ହୋଇ ଏଭଳି କାର୍ଯ୍ୟ କରାଯାଉଛି। କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ଗତ କାଉନ୍‌ସିଲ୍ ବୈଠକରେ ଏ ବିଷୟରେ ପ୍ରଶ୍ନ କରିଥିଲେ ବି କର୍ତ୍ତୃପକ୍ଷ ସଠିକ ଉତ୍ତର ଦେଇପାରିନଥିଲେ

## ସାପ କାମୁଡ଼ାରେ ଆଶା କର୍ମୀଙ୍କ ମୃତ୍ୟୁ

# ଡାକ୍ତରଙ୍କ ଅବହେଳା ନେଇ ଆଶାକର୍ମୀଙ୍କ ଧାରଣା

ଦୋବଲ,(ପିପିଏସ୍): ଧାମନଗର ଏନ୍‌ଏସିର ୫ ନମ୍ବର ୱାର୍ଡର ଆଶା କର୍ମୀ ଲୀଳାବତୀ ଗୋଛାୟତ (୫୧)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବାବେଳେ, ଚିକିତ୍ସାରେ ଅବହେଳା ଅଭିଯୋଗକୁ କେନ୍ଦ୍ର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ, ଶୁକ୍ରବାର ରାତିରେ ଲୀଳାବତୀଙ୍କୁ ଏକ ବିଷଧର ସାପ କାମୁଡ଼ିଥିଲା। ପରିବାର ସଦସ୍ୟମାନେ ତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରାଣୀ ମଧୁଶ୍ରୀ ସାହୁ ସଠିକ ଚିକିତ୍ସା କରିନଥିଲେ।




ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ଭଦ୍ରକ ଓ ପରେ କଟକ ନେବା ବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଲୀଳାବତୀ ଦୀର୍ଘଦିନ ଧରି ଆଶା କର୍ମୀ ଭାବେ କାର୍ଯ୍ୟ କରୁଥିବା ସହ ସ୍ଥାନୀୟ ଅଞ୍ଚଳରେ ଜଣେ ପରିଶ୍ରମୀ ଓ ଲୋକପ୍ରିୟ ସ୍ୱାସ୍ଥ୍ୟକର୍ମୀ ଭାବେ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗରେ ପରିବାର, ସହକର୍ମୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଗଭୀର ଶୋକର ପରିବେଶ ସୃଷ୍ଟି ହୋଇଛି। ଏପରିକି, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାରେ ଅବହେଳା ହୋଇଥିବାରୁ ଲୀଳାବତୀଙ୍କ ମୃତ୍ୟୁ ଘଟିଥିବା ନେଇ ଆଶା କର୍ମୀମାନେ ଅଭିଯୋଗ ଉଠାଇଛନ୍ତି। ଏହାକୁ କେନ୍ଦ୍ରକରି ବହୁ ସଂଖ୍ୟକ ଆଶା କର୍ମୀ ଧାମନଗର ମେଡିକାଲ ପରିସରରେ ଧାରଣାରେ ବସିଛନ୍ତି। ମୃତ ଆଶା କର୍ମୀଙ୍କ ପରିବାରକୁ ଆର୍ଥିକ ସହାୟତା, ତାଙ୍କ ଝିଅଙ୍କୁ ଆଶା କର୍ମୀ ଭାବେ ନିଯୁକ୍ତି ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବଦଳି ଦାବି କରି ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଅଲ୍ ଓଡ଼ିଶା ଆଶା କର୍ମଚାରୀ ସଂଘର ସଦସ୍ୟମାନେ ମଧ୍ୟ ଏହି ଧାରଣାରେ ସାମିଲ ହୋଇଛନ୍ତି। ଏନେଇ ଧାମନଗର ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ମନମୟ ସାମନ୍ତ ସିଂହାରଙ୍କୁ ପଚାରିବାକୁ କୁହନ୍ତି, ଏନେଇ ମୁଁ ସିଡିଏମଙ୍କ ସହିତ କଥା ହୋଇ ତାଙ୍କ ଦାବି ବିଷୟରେ ଜଣାଇଦେଇଛି। ତେବେ ସିଡିଏମଓଙ୍କ ନିଷ୍ପତି ପରେ ଯାହା ହେବ ବୋଲି କହିଛନ୍ତି। ଅନ୍ୟପକ୍ଷେ ସନ୍ଧ୍ୟା ୭ସୁଦ୍ଧା ସୁଦ୍ଧା ଶବ ପହଞ୍ଚି ନଥିବା ଜଣାପଡ଼ିଛି।

## ଯୁଦ୍ଧରେ ବିଜୟ ପାଇଁ ସେନା ହିଁ ଜରୁରୀ: ରାଜନାଥ

ମୁମ୍ବାଇ: ଭବିଷ୍ୟତର ଯୁଦ୍ଧଗୁଡ଼ିକ କୃତ୍ରିମ ବୁଦ୍ଧିମତା (ଏଆଇ) ଦ୍ୱାରା ଲଢ଼ାଯାଇପାରେ, କିନ୍ତୁ ଶେଷରେ ବିଜୟ କେବଳ ଦୃଢ଼ ଜାତୀୟ ସଂକଳ୍ପ, ସୁଶିକ୍ଷିତ ସୈନିକ ଓ ଶକ୍ତିଶାଳୀ ପାରମ୍ପରିକ ସାମରିକ ସାମର୍ଥ୍ୟ ଦ୍ୱାରା ହିଁ ହାସଲ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଶନିବାର ମାଜଗାଓଁ ଡକ୍ ସିପବିଲ୍ଡର୍ସ ଲିମିଟେଡ୍ (ଏମଡିଏଲ୍) ଦ୍ୱାରା ନିର୍ମିତ 'ପ୍ରୋଜେକ୍ଟ ୧୭ଏ' ସିରିଜର ଷଷ୍ଠ ତଥା ଶେଷ ଷ୍ଟେଲ୍ଥ ଫ୍ରିଗେଟ୍ 'ଆଇଏନଏସ୍ ମହେନ୍ଦ୍ରଗିରି'ର ସାମରିକ ଅନ୍ତର୍ଭୁକ୍ତିକରଣ ଉତ୍ସବରେ ସେ ଏହି ସୂଚନା ଦେଇଛନ୍ତି। ରାଜନାଥ ସିଂହ କହିଛନ୍ତି ଯେ, ଆଧୁନିକ ପ୍ରଯୁକ୍ତିବିଦ୍ୟା ପାରମ୍ପରିକ ଯୁଦ୍ଧ କୌଶଳର ବିକଳ୍ପ ନୁହେଁ, ବରଂ ଏହା ତାର ପରିପୂରକ। ଏହି ଅବସରରେ ସେ ଆନ୍ଧ୍ରପ୍ରଦେଶର ପ୍ରତିରକ୍ଷା ଓ ଏରୋସ୍ପେସ୍ ଉତ୍ପାଦନ କ୍ଷେତ୍ରରେ ବଢ଼ୁଥିବା ଅବଦାନକୁ ପ୍ରଶଂସା କରିଥିଲେ। ୬,୬୭୦ ଟନ୍ ଓଜନ ବିଶିଷ୍ଟ 'ଆଇଏନଏସ୍ ମହେନ୍ଦ୍ରଗିରି' ୨୮ ନଟ୍ ବେଗରେ ଗତି କରିବା ସହ ଆକାଶ, ଜଳପଥ ଓ ସମୁଦ୍ର ଗର୍ଭର ସମସ୍ତ ବିପଦକୁ ଏକ ସମୟରେ ମୁକାବିଲା କରିବାକୁ ସକ୍ଷମ, ଯାହା ନୌସେନାର ଶକ୍ତିକୁ ଦ୍ୱିଗୁଣିତ କରିବ।

## ପଶ୍ଚିମବଙ୍ଗ ୟୁସିସି ଡ୍ରାଫ୍ଟ ସମୀକ୍ଷା



କୋଲକାତା: ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ସରକାର ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ବିଲ୍ ଡ୍ରାଫ୍ଟ ସମୀକ୍ଷା କରିବା ପାଇଁ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ନଅ ଜଣିଆ କମିଟି ଗଠନ କରିଛନ୍ତି। କମିଟିର ଅନ୍ୟ ଆଠଜଣ ସଦସ୍ୟ ହେଉଛନ୍ତି ମେଘାଳୟର ପୂର୍ବତନ ରାଜ୍ୟପାଳ ତଥାଗତ ରୟ, ଆଇଏଏସ୍ ଏବଂ ରେସିଡେଣ୍ଟ୍ କମିସନର ଦୁଶ୍ୟନ୍ତ ନରିଆଲା, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶତ୍ରୁଘ୍ନ ସିଂ,ଗୃହ ବିଭାଗର ମୁଖ୍ୟ ସଚିବ ସଙ୍ଘମିତ୍ରା ଘୋଷ, ବାଙ୍ଗାବାସି ମହାବିଦ୍ୟାଳୟର ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର ରତ୍ନା ଭଟ୍ଟାଚାର୍ଯ୍ୟ,ଗୌ?ର ବଙ୍ଗ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଗୋପାଳ ଚନ୍ଦ୍ର ମିଶ୍ର,କୋଲକାତା ହାଇକୋର୍ଟର ଆଇନଜୀବୀ ଓସମାନ ଗନି ମଲ୍ଲିକ ଏବଂ ସମ୍ବାଗର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ମଳା ଭଟ୍ଟାଚାର୍ଯ୍ୟ ।ରାଜ୍ୟ ନ୍ୟାୟିକ ବିଭାଗ ଜୁଲାଇ ୧୦ ତାରିଖରେ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଥିଲା। ନ୍ୟାୟିକ ବିଭାଗ ଦ୍ୱାରା ବିଜ୍ଞପ୍ତି ଜାରି ହେବା ପୂର୍ବରୁ ରାଜ୍ୟ ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ ଗୁରୁବାର ନୂଆଦିଲ୍ଲୀରେ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଦେଶାଇଙ୍କ ସହ ଏକବୈଠକ କରିଥିଲେ। ରାଜ୍ୟ ସରକାର ପୂର୍ବରୁ ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତୁତ କରିସାରିଛନ୍ତି। ଏହା ରାଜ୍ୟର ସମସ୍ତ ନାଗରିକଙ୍କ ପାଇଁ ଏକ ବ୍ୟାପକ ଆଇନଗତ ଢାଞ୍ଚା ସ୍ଥାପନ କରିବା ଉଦ୍ଦେଶ୍ୟରେ କରାଯାଇଛି ।ଜୁଲାଇ ୨ ତାରିଖରେ, ଶୁଭେନ୍ଦୁ ଅଧିକାରୀ କ୍ୟାବିନେଟ୍ ୟୁସିସି ବିଲ୍ ଡ୍ରାଫ୍ଟ ସମୀକ୍ଷା କରିବା ପାଇଁ ଜଷ୍ଟିସ୍ ଦେଶାଇଙ୍କ ନେତୃତ୍ୱରେ ଏକ କମିଟି ଗଠନକୁ ଅନୁମୋଦନ କରିଥିଲେ। ଜଷ୍ଟିସ୍ ଦେଶାଇ ବିଜେପି ଶାସିତ ଉତ୍ତରାଖଣ୍ଡ, ଗୁଜରାଟ ଏବଂ ଛତିଶଗଡ଼ରେ ସମାନ ୟୁସିସି ପ୍ୟାନେଲର ଅଧ୍ୟକ୍ଷତା କରିଛନ୍ତି।

## ଭାରତୀୟ ନୌସେନାରେ ସାମିଲ ହେଲା ଆଇଏନ୍ଏସ୍ ମହେନ୍ଦ୍ରଗିରି

ବିଶାଖାପାଟଣା : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର ବିଶାଖାପାଟଣା ଡକୟାର୍ଡରେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଯୁଦ୍ଧଜାହାଜ ଓଘଝ ମହେନ୍ଦ୍ରଗିରିକୁ ଲୋକାର୍ପିତ କରିଛନ୍ତି। ଏହା ସହିତ ଯୁଦ୍ଧଜାହାଜ ଓଘଝ ମହେନ୍ଦ୍ରଗିରି ଭାରତୀୟ ନୌବାହିନୀରେ ବିଧିବଦ୍ଧ ଭାବେ ସାମିଲ ହୋଇଛି। ରାଜନାଥ ଅଭିଭାଷଣରେ ମହେନ୍ଦ୍ରଗିରି ପର୍ବତ କଥା କହି ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ମହେନ୍ଦ୍ରଗିରି ପର୍ବତମାଳାର ନାମ ଅନୁସାରେ ନାମିତ, ଏହି ଯୁଦ୍ଧଜାହାଜ ସ୍ଥିରତା, ଶକ୍ତି ଏବଂ ଅଟଳ ସଂକଳ୍ପର ପ୍ରତୀକ ବୋଲି ରାଜନାଥ କହିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଓଘଝ ମହେନ୍ଦ୍ରଗିରି ଭାରତର ସାମୁଦ୍ରିକ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡ଼ିବ ବୋଲି ଆଶା କରାଯାଉଛି। ଭାରତୀୟ ନୌସେନାର ଯୁଦ୍ଧଜାହାଜ ଡିଜାଇନ ବ୍ୟୁରୋ(ଡଡଈ) ଦ୍ୱାରା ଡିଜାଇନ ଏବଂ ମାଜାଗାନ ଡକ୍ ସିପ୍ବିଲ୍ଡର୍ସ ଲିମିଟେଡ (ଗଡଖ) ମୁମ୍ବାଇ ଦ୍ୱାରା ନିର୍ମିତ, ମହେନ୍ଦ୍ରଗିରି ହେଉଛି ପ୍ରୋଜେକ୍ଟ ୧୭ଇ ଶ୍ରେଣୀର ଷ୍ଟିଲ୍ଥ ଫ୍ରିଗେଟ୍ସର ଷଷ୍ଠ ଜାହାଜ।

## ମମତାଙ୍କଠାରୁ ଅଲଗା ହେବାକୁ ଯାଉଛନ୍ତି ଅନୁବ୍ରତ ମଣ୍ଡଳ



କୋଲକାତା : ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ବୋଲି ବିବେଚିତ ଅନୁବ୍ରତ ମଣ୍ଡଳ ଏବେ ତାଙ୍କଠାରୁ ଅଲଗା ହୋଇ ରୀତାବ୍ରତ ବାନାର୍ଜୀଙ୍କ ଶିବିରରେ ଯୋଗ ଦେଇପାରନ୍ତି। ସୂତ୍ର ଅନୁଯାୟୀ, ଏହି ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଶେଷ ହୋଇଛି ଏବଂ ଶନିବାର ଏକ ଆନୁଷ୍ଠାନିକ ଘୋଷଣା କରାଯାଇପାରେ। ସୂତ୍ର ଦାବି କରୁଛି ଯେ ଶୁକ୍ରବାର ବିଧାନସଭାରେ ରାଜନୈତିକ ଘଟଣାକ୍ରମ ପରେ, ରୀତାବ୍ରତ ଶିବିରର ଜଣେ ବିଧାୟକ ଅନୁବ୍ରତ ମଣ୍ଡଳଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଏହି ଆଲୋଚନା ସମୟରେ ହିଁ ତାଙ୍କୁ ନୂତନ ଶିବିରରେ ଯୋଗ ଦେବା ପାଇଁ ଏକ ଚୁକ୍ତି ହୋଇଥିଲା।

ଖବର ମିଳିଛି ଯେ ତାଙ୍କୁ ରୀତାବ୍ରତଙ୍କ ସମର୍ଥିତ ତୃଣମୂଳ ଗୋଷ୍ଠୀର ବୀରଭୂମି ଜିଲା ସଭାପତି ପଦ ମଧ୍ୟ ପ୍ରଦାନ କରାଯାଇଛି – ଯାହାକୁ ସେ ଗ୍ରହଣ କରିଛନ୍ତି। ରୀତାବ୍ରତ ଶିବିରର କାର୍ଯ୍ୟକାରୀ କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହେବାର ଅଛି। ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁବ୍ରତ ମଣ୍ଡଳଙ୍କ ନୂତନ ଦାୟିତ୍ୱ ସମ୍ପର୍କରେ ଘୋଷଣା କରାଯାଇପାରେ। ଦୀର୍ଘ ସମୟ ଧରି, ଅନୁବ୍ରତ ମଣ୍ଡଳଙ୍କୁ ମମତା ବାନାର୍ଜୀଙ୍କ ସବୁଠାରୁ ବିଶ୍ୱସ୍ତ ନେତାଙ୍କ ମଧ୍ୟରେ ଗଣନା କରାଯାଉଥିଲା। ରାଜନୈତିକ ଏବଂ ଆଇନଗତ ବିବାଦ ମଧ୍ୟରେ ମଧ୍ୟ ମମତା ତାଙ୍କୁ ଅନେକ ସମୟରେ ସାର୍ବଜନୀନ ଭାବରେ ସମର୍ଥନ କରିଥିଲେ। ଅନୁବ୍ରତ ମଧ୍ୟ ମମତାଙ୍କ ପ୍ରତି ନିରନ୍ତର ତାଙ୍କର ଆନୁଗତ୍ୟ ପ୍ରଦର୍ଶନ କରିଥିଲେ; ତଥାପି, ବିଧାନସଭା ନିର୍ବାଚନ ପରେ ତାଙ୍କ ମତରେ ପରିବର୍ତ୍ତନ ସ୍ପଷ୍ଟ ହୋଇଥିଲା। ସେ ଅନେକ ପ୍ରସଙ୍ଗରେ ଦଳର ରଣନୀତି ସହିତ ମତଭେଦ ପ୍ରକାଶ କରିଥିଲେ ଏବଂ ସମ୍ମାନର ଅଭାବ ଦର୍ଶାଇ ସଂଗଠନ ଛାଡିବାକୁ ଇଙ୍ଗିତ ଦେଇଥିଲେ।

## ମୋଦୀ ରହୁଥିବା ହୋଟେଲରେ ପଶିଲେ ବିକ୍ଷୋଭକାରୀ

ମେଲ୍ବୋର୍ନ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନିଆ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ବୁଧବାର ସେଠାରେ ପହଞ୍ଚିବାର କିଛି ସମୟ ପରେ ମେଲ୍ବୋର୍ନର ଏକ ହୋଟେଲରେ ଜଣେ ଅତି ଦକ୍ଷିଣପନ୍ଥୀ ଆପ୍ରବାସନ ବିରୋଧୀ ବିକ୍ଷୋଭକାରୀ ତାଙ୍କ ବିରୋଧରେ ଅଶ୍ଳୀଳ ଭାଷାରେ ସ୍ଲୋଗାନ ଦେଇଥିଲେ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ଗୁରୁବାର ମେଲ୍ବୋର୍ନର ମାର୍ଭେଲ ଷ୍ଟାଡିୟମ୍ରେ ମୋଦି ପ୍ରବାସୀ ଭାରତୀୟମାନଙ୍କୁ ଉଦ୍ବୋଧନ ଦେଉଥିବାବେଳେ ଉକ୍ତ ବ୍ୟକ୍ତି ବାଧା ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। ତେବେ ସେଠାରେ ଉଚ୍ଚ ସ୍ୱରରେ ବାଜୁଥିବା ସଙ୍ଗୀତ ଯୋଗୁ ତାଙ୍କ ଶବ୍ଦ ଚପିଯାଇଥିଲା। ପରେ ସୁରକ୍ଷା କର୍ମୀ ତାଙ୍କୁ ସେଠାରୁ ତଡ଼ିଦେଇଥିଲେ। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏକ କ୍ଲିପ୍ସ ବିକ୍ଷୋଭକାରୀ ଜଣକ ହ୍ୟୁଗୋ ଲେନନ୍ ଓ ଜଣେ ଅନ୍ଲାଇନ ଅପରେଟର ବୋଲି ଚିହ୍ନଟ ହୋଇଛନ୍ତି। ହୋଟେଲ ଲବିରେ ମୋଦିଙ୍କୁ ରେଡ୍ କାର୍ପେଟ ସ୍ୱାଗତ କରାଯାଉଥିବାବେଳେ ଲେନନ୍ ତାଙ୍କୁ ଚାହିଁ ଚିତ୍କାର କରୁଥିବା ଦେଖାଯାଇଥିଲା। ଏହା ଅଷ୍ଟ୍ରେଲିଆ, ଏଠାରେ ଆଉ ଭାରତୀୟଙ୍କ ସ୍ଥାନ ନାହିଁ, ଆମେ ଆଉ ଅଧିକ ଅପ୍ରବାସୀଙ୍କୁ ଚାହୁଁନାହୁଁ, ଏହି ଦେଶ କେବଳ ଅଷ୍ଟ୍ରେଲୀୟମାନଙ୍କ ପାଇଁ ବୋଲି ଲେନନ୍ ଚିତ୍କାର କରି କହୁଥିଲେ। ପ୍ରଥମ ମହଲା ବାଲ୍କୋନିରୁ ଲେନନ୍ଙ୍କୁ ପୋଲିସ ଘୋଷାରି ନେଇଥିଲା। ଗସ୍ତ ବେଳେ ମୋଦି ସହରର କେଉଁ ସ୍ଥାନକୁ ଯିବେ ତାହା କେତେକ ଦକ୍ଷିଣପନ୍ଥୀ ଇନ୍ଫ୍ଲୁଏନ୍ସର ପୂର୍ବରୁ ଶେୟାର କରିଥିଲେ ବୋଲି ସିଡ୍ନୀ ମର୍ନିଂ ହେରାଲ୍ଡ ପ୍ରକାଶ କରିଛି।

# ଭାରତ ଓ ଆଫଗାନିସ୍ତାନ ଡିଏନ୍ଏ ଗୋଟିଏ: ଅତାଉଲ୍ଲା




ନୂଆଦିଲ୍ଲୀ : ପାକିସ୍ତାନ ସହ ତୀବ୍ର ହେଉଥିବା ତିକ୍ତତା ମଧ୍ୟରେ ଭାରତ ସହ ନିଜ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ସ୍ପଷ୍ଟ ସଙ୍କେତ ଦେଇଛି ଆଫଗାନିସ୍ତାନ । ଭାରତ ଗସ୍ତରେ ଆସିଥିବା ଆଫଗାନିସ୍ତାନର କୃଷି, ଜଳସେଚନ ଏବଂ ପଶୁପାଳନ ମନ୍ତ୍ରୀ ମୌଲବୀ ଅତାଉଲ୍ଲା ଓମାରୀ ଦୁଇ ଦେଶର ଐତିହାସିକ ଓ ସାଂସ୍କୃତିକ ସମ୍ପର୍କକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, 'ଭାରତ ଏବଂ ଆଫଗାନିସ୍ତାନର ଡଘଇ ଏକ । ଭାରତ ଆସି ମତେ ଏମିତି ଲାଗିଲା ଯେମିତି ମୁଁ ମୋ ନିଜ ଦେଶ ଏବଂ ନିଜ ଲୋକଙ୍କ ଗହଣରେ ଅଛି ।' ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ (ଗରଇ) ସହାୟତାରେ ଆୟୋଜିତ 'ଇଣ୍ଡିଆ-ଆଫଗାନିସ୍ତାନ ଟ୍ରେଡ୍ ଅପରଚ୍ୟୁନିଟିଜ୍ ଇଣ୍ଡଷ୍ଟ୍ରି ଇଣ୍ଟରଆକ୍ଟିଭ୍ ସେସନ'କୁ ସମ୍ବୋଧିତ କରି ଓମାରୀ ଏହା କହିଛନ୍ତି। ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ଏବଂ ଏଠାରେ ମିଳିଥିବା ସମ୍ମାନ ଓ ଆପଣାପଣ ତାଙ୍କ ହୃଦୟ ଜିତି ନେଇଛି ବୋଲି ସେ ପ୍ରକାଶ କରିଛନ୍ତି । ଓମାରୀ କହିଛନ୍ତି, 'ଭାରତରେ ପହଞ୍ଚିବା ଦିନଠାରୁ ଭାରତ ସରକାର, ବୈଦେଶିକ ମନ୍ତ୍ରାଳୟ ଏବଂ ମୁଁ ଭେଟିଥିବା ପ୍ରତ୍ୟେକ ବ୍ୟକ୍ତି ମତେ ଖୁବ୍ ସ୍ନେହର ସହ ସ୍ୱାଗତ କରିଛନ୍ତି । ଆମ ଭିତରେ ଥିବା ସମ୍ପର୍କ କେବଳ କୂଟନୀତିର ନୁହେଁ, ବରଂ ଏହା ଇତିହାସ, ସଂସ୍କୃତି ଓ ସଭ୍ୟତାର ସମ୍ପର୍କ । ଭାରତରେ ମିଳିଥିବା ଏହି ସମ୍ମାନ ଆଫଗାନିସ୍ତାନବାସୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏକ ନୂଆ ଆଶାର କିରଣ । ଆମ ଦେଶର ପ୍ରାୟ ୮୦ ପ୍ରତିଶତ ଲୋକ କୃଷି, ଜଳସେଚନ ଓ ପଶୁପାଳନ ଉପରେ ନିର୍ଭରଶୀଳ । ଏବେ ଏହି କ୍ଷେତ୍ରକୁ ଆଧୁନିକ ଜ୍ଞାନକୌଶଳ ସହ ଯୋଡ଼ିବାର ସମୟ ଆସିଛି ଏବଂ ଭାରତ ଏଥିରେ ଏକ ପ୍ରମୁଖ ସହଯୋଗୀ ସାଜିପାରିବ।' ଓମାରୀ ଆଫଗାନିସ୍ତାନର ଆର୍ଥିକ ବିକାଶ ପାଇଁ ଭାରତୀୟ ଶିଳ୍ପ ଜଗତକୁ ନିବେଶ, କୃଷି ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଜଳସେଚନ କ୍ଷେତ୍ରରେ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଅନ୍ୟପଟେ ସୀମା ବିବାଦ, ସୁରକ୍ଷା ଏବଂ ରାଜନୈତିକ ମତଭେଦକୁ ନେଇ କାବୁଲ ଏବଂ ଇସଲାମାବାଦ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି । ଏଭଳି ପରିସ୍ଥିତିରେ ଭାରତ ଓ ଆଫଗାନିସ୍ତାନର ବଢୁଥିବା ନିକଟତରତା ଆଞ୍ଚଳିକ ରାଜନୀତି ଦୃଷ୍ଟିକୋଣରୁ ପାକିସ୍ତାନ ପାଇଁ ଏକ ବଡ଼ ଝଟ୍କା ବୋଲି କୁହାଯାଉଛି । ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ଭାରତ-ଆଫଗାନିସ୍ତାନ ଜଏଣ୍ଟ କମିଟିର ଚତୁର୍ଥ ବୈଠକ ଆୟୋଜିତ ହୋଇଯାଇଛି। ବୈଦେଶିକ ମନ୍ତ୍ରାଳୟର ସୂଚନା ଅନୁସାରେ, ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ମାନବୀୟ ସହାୟତା ଓ ବିକାଶମୂଳକ ପ୍ରକଳ୍ପ, ଖାଦ୍ୟ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସେବା, ଶିକ୍ଷା, କ୍ରୀଡ଼ା ଏବଂ ବାଣିଜ୍ୟ କ୍ଷମତା ନିର୍ମାଣ ଓ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ସହମତି ପ୍ରକାଶ ପାଇଛି ।

## ମଧ୍ୟପ୍ରଦେଶର ଦତିଆରେ ଭୟଙ୍କର ହିଂସା



ଭୋପାଳ: ମଧ୍ୟପ୍ରଦେଶର ଦତିଆରେ ଶୁକ୍ରବାର- ଶନିବାର ଦଳୀୟ ଟିକେଟ ବଣ୍ଟନକୁ ନେଇ ବିଜେପି କର୍ମୀ ଭୟଙ୍କର ହିଂସାକାଣ୍ଡ ଘଟାଇଥିବା ଦେଖିବାକୁ ମିଳିଛି। ଦତିଆରେ ହେବାକୁ ଥିବା ବିଧାନସଭା ଉପନିର୍ବାଚନ ପାଇଁ ଟିକେଟ ନ ମିଳିବାକୁ ନେଇ ବିଜେପି ନେତା ତଥା ରାଜ୍ୟର ପୂର୍ବତନ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କର ୩୦୦୦ରୁ ଅଧିକ ସମର୍ଥକମାନେ ଏନ୍ଏଚ୍-୪୪ରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ୧୨ ଘଣ୍ଟାରୁ ଅଧିକ ସମୟ ଧରି ସେମାନଙ୍କ ପ୍ରତିବାଦ ଚାଲିଥିବାରୁ ଜାତୀୟ ରାଜପଥରେ ଟ୍ରାଫିକ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ନରୋତ୍ତମ ମିଶ୍ରଙ୍କ ସମର୍ଥକମାନେ ପୁଲିସ ଉପରକୁ ପଥର ଫିଙ୍ଗିବା ସହିତ ଟ୍ରକ୍ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ଅନେକ ଲୋକ ଆହତ ହୋଇଥିଲେ। ପୁଲିସ ଭିଡ଼କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା ଓ ଜିଲ୍ଲା କାର୍ଯ୍ୟାଳୟରେ ବିଜେପି ନେତାମାନଙ୍କୁ ଗୃହବନ୍ଦୀ କରିଥିଲା। ଜିଲ୍ଲା ପ୍ରଶାସନ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍)ର ଧାରା ୧୬୩ ମଧ୍ୟ ଲାଗୁ କରିଥିଲା ।ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେବିଜେପିଦତିଆ ଉପନିର୍ବାଚନ ପାଇଁ ଆଶୁତୋଷ ତିୱାରୀଙ୍କୁ ଦଳର ପ୍ରାର୍ଥୀ ଭାବରେ ଘୋଷଣା କରିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କଂଗ୍ରେସ ବିଧାୟକ ରାଜେନ୍ଦ୍ର ଭାରତୀଙ୍କୁ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯିବା ପରଠାରୁ ମିଶ୍ର ନିଜେ ଏଠାରୁ ଉପନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିସାରିଥିଲେ। ସୂଚନାଯୋଗ୍ୟ, କଂଗ୍ରେସ ନେତା ରାଜେନ୍ଦ୍ର ଭାରତୀ ୨୦୨୩ ବିଧାନସଭା ନିର୍ବାଚନରେ ରାଜ୍ୟର ସେତେବେଳେ ଗୃହମନ୍ତ୍ରୀ ଥିବା ମିଶ୍ରଙ୍କୁ ୭,୫୦୦ ରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ମିଶ୍ରଙ୍କୁ ଟିକେଟ ନ ମିଳିବା ପ୍ରତିବାଦରେ ଜିଲ୍ଲାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପ୍ରାୟ ୩୦୦ ପଦାଧିକାରୀ ସେମାନଙ୍କ ପଦବିରୁ ଇସ୍ତଫା ଦେଇଥିଲେ। ଶୁକ୍ରବାର ସନ୍ଧ୍ୟାରୁ ରାସ୍ତା ଅବରୋଧ ଆରମ୍ଭ ହୋଇ ସକାଳ ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା, ଯାହା ଫଳରେ ଝାନ୍ସି ଓ ଗ୍ୱାଲିୟର ରାସ୍ତାରେ୧୫-୨୦ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଥିଲା ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦତିଆ ଜିଲ୍ଲାପାଳ ସ୍ୱପ୍ନିଲ ୱାଙ୍ଖେଡେ କହିଛନ୍ତି, ବିକ୍ଷୋଭ ପ୍ରଦର୍ଶନ ଏନ୍ଏଚ୍-୪୪ ରେ ଭୋର ୪ଟା ୩୦ ସମୟରେ ହିଂସାତ୍ମକ ରୂପ ନେଇଥିଲା।

## ଆନ୍ଧ୍ରରେ କରୋନା ନେଲା ୨ ଜୀବନ



ଅମରାବତୀ : ଆନ୍ଧ୍ରପ୍ରଦେଶର କଡ଼ପ୍ପା ଜିଲାରେ କରୋନା ସଂକ୍ରମଣ ଯୋଗୁଁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏହା ବ୍ୟତୀତ ଆଉ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଆନ୍ଧ୍ରପ୍ରଦେଶରେ ଦୀର୍ଘ ୪ ବର୍ଷ ପରେ କରୋନା ଜନିତ ମୃତ୍ୟୁର ପ୍ରଥମ ମାମଲା ସାମ୍ନାକୁ ଆସିଛି। ଗତ ଜୁନ ୨୮ ତାରିଖରେ ଭେଲୋରସ୍ଥିତ ଖ୍ରୀଷ୍ଟିଆନ ମେଡିକାଲ କଲେଜରେ ଜଣେ ୬୦ ବର୍ଷ ବୟସ୍କ ବୃଦ୍ଧଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କୁ ପ୍ରଥମେ ତିରୁପତିର ଶ୍ରୀ ଭେଙ୍କେଟେଶ୍ୱର ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଥିଲା; କିନ୍ତୁ ଅବସ୍ଥା ଗୁରୁତର ହେବାରୁ ଭେଲୋର ସ୍ଥାନାନ୍ତର କରାଯାଇଥିଲା। ଏଠାରେ ସେ କରୋନା ସଂକ୍ରମିତ ବୋଲି ସ୍ପଷ୍ଟ ହୋଇଥିଲା। ସେ ମଧୁମେହ, ବୃକ୍କ ଜନିତ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ସେହିପରି କରୋନା ସଂକ୍ରମିତ ଜଣେ ୪୩ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କ ଘର କାଡ଼ପ୍ପା ଜିଲାର ମାସାପେଟାରେ ବୋଲି ଜଣାପଡ଼ିଛି। ଅନ୍ୟ ୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ସେମାନଙ୍କ ଘରେ ସଙ୍ଗରୋଧ କରାଯାଇଥିବା ବେଳେ ଜଣେ ରୋଗୀଙ୍କୁ ହସ୍ପିଟାଲର ସ୍ପେସାଲ କୋଭିଡ ୱାର୍ଡରେ ଭର୍ତ୍ତି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଚାରିଜଣ କରୋନା ଟିକାର ଡବଲ ଡୋଜ୍ ନେଇଥିଲେ। ଏପରି କି ସେମାନଙ୍କ ମଧ୍ୟରୁ ଜଣେ ବୁଷ୍ଟର ଡୋଜ ମଧ୍ୟ ନେଇଥିଲେ। କଡ଼ପ୍ପା ଭାଇରୋଲୋଜି ଲାବୋରେଟୋରୀରେ ହୋଇଥିବା ପରୀକ୍ଷାରୁ ସେମାନେ କରୋନା ସଂକ୍ରମିତ ବୋଲି ଜଣାପଡ଼ିଛି।

## ଖାମେନିଙ୍କ ମୃତ୍ୟୁର ପ୍ରତିଶୋଧ ନେବେ ମୋଜତବା

ନୂଆଦିଲ୍ଲୀ : ଇରାନର ସୁପ୍ରିମ ଲିଡର ଅୟାତୁଲ୍ଲା ମୋଜତବା ଖାମେନି ଦେଲେ ରଣହୁଙ୍କାର। ନିଜ ପିତା ଓ ଫେବ୍ରୁଆରୀରେ ଇସ୍ରାଏଲ-ଆମେରିକୀୟ ହମଲାରେ ପ୍ରାଣ ହରାଇ ଥିବା ତତ୍କାଳୀନ ସୁପ୍ରିମ ଲିଡର ଅୟାତୁଲ୍ଲା ଅଲୀ ଖାମେନିଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଶନିବାର ଶପଥ ନେଇଛନ୍ତି। ମୋଜତବା କହିଛନ୍ତି ଯେ, ତାଙ୍କର ପୂର୍ବ ନେତା ଅୟାତୁଲ୍ଲା ଅଲୀ ଖାମେନି ତଥା ପିତାଙ୍କ ହତ୍ୟାର ପ୍ରତିଶୋଧ ନେବା ଦେଶର ଦାବି। ଏହା ନିଶ୍ଚୟ ହେବା ଉଚିତ। ସେ ଏହି କଥା ତାଙ୍କର ଟେଲିଗ୍ରାମ୍ ଆକାଉଣ୍ଟରେ ଜାରି ଏକ ଲିଖିତ ମେସେଜରେ କହିଛନ୍ତି। ଖାମେନି ଏହି ମେସେଜ ତାଙ୍କ ପିତା ଅୟାତୁଲ୍ଲା ଅଲୀ ଖାମେନିଙ୍କ ଅନ୍ତିମ ସଂସ୍କାରର ଅବସରରେ ଦେଇଥିଲେ। ଖାମେନି ମେସେଜରେ କହିଥିଲେ , ଆମେ ସହିଦ ନେତା ଓ ଏହି ସମୟରେ ଯୁଦ୍ଧର ସବୁ ସହିଦଙ୍କ ରକ୍ତର ପ୍ରତିଶୋଧ ଅପରାଧୀ ଓ କୁଖ୍ୟାତ ହତ୍ୟାକାରୀଙ୍କ ଠାରୁ ନେବାର ପ୍ରତିଶ୍ରୁତି ଦେଉଛୁ।ଏହା ପୂର୍ବରୁ ଖାମେନିଙ୍କର ଅନ୍ତିମ ସଂସ୍କାରରେ ଆମେରିକୀୟ ରାଷ୍ଟ୍ରପତିଙ୍କ ହତ୍ୟାର ଖୋଲାଖୋଲି ଦାବି ପରେ ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ ଇରାନକୁ ଧମକ ଦେଇଛନ୍ତି। ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ ଏହି କଥା ସେତେବେଳେ କହିଛନ୍ତି, ଯେତେବେଳେ ସିନିୟର ଆମେରିକୀୟ ଅଧିକାରୀମାନେ ଦାବି କରିଥିଲେ ଯେ, ଇରାନ ଏକ ପବ୍ଲିକ୍ ବିବୃତ୍ତି ଦେଉ ଯେ ହୋର୍ମୁଜ ପ୍ରଣାଳୀ ଖୋଲା ହୋଇଛି ଏବଂ ଏହି ଜରୁରୀ କରିଡରକୁ ଅତିକ୍ରମ କରୁଥିବା ଜାହାଜ ଗୁଡ଼ିକ ଉପରେ ଆକ୍ରମଣ କରାଯିବ ନାହିଁ। ହେଲେ, ଏବେସୁଦ୍ଧା ତେହେରାନ ଏମିତି କରି ନାହିଁ , ବରଂ ଏହି କଥା ଉପରେ ଜୋର ଦେଇଛି ଯେ, ଏହି ରାସ୍ତା ତାର କଣ୍ଟ୍ରୋଲରେ ଅଛି।

## ମୁଁ ଗାନ୍ଧୀ କିମ୍ବା ହିରୋ ନୁହେଁ : ସୋନମ ୱାଙ୍ଗଚୁକ୍





ନୂଆଦିଲ୍ଲୀ: ପରୀକ୍ଷାରେ ହେଉଥିବା ଅନିୟମିତତା ବିରୋଧରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ଆଜି ୨୨ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନରେ ସାମିଲ ହୋଇ ପ୍ରଖ୍ୟାତ ଶିକ୍ଷାବିତ୍ ତଥା ପରିବେଶ ପ୍ରେମୀ ସୋନମ ୱାଙ୍ଗଚୁକ୍ ତାଙ୍କର ଆମରଣ ଅନଶନର ୧୪ତମ ଦିନରେ ପ୍ରବେଶ କରିଛନ୍ତି। ଅନଶନ ଯୋଗୁଁ ତାଙ୍କ ଓଜନ ପ୍ରାୟ ୭.୫ କିଲୋଗ୍ରାମ ହ୍ରାସ ପାଇଛି। ଏହି ସମୟରେ ଏକ ଭିଡିଓ ବାର୍ତ୍ତା ଜାରି କରି ସେ କହିଛନ୍ତି, 'ମୁଁ କୌଣସି ୨୧ତମ ଶତାବ୍ଦୀର ଗାନ୍ଧୀ ବା ହିରୋ ନୁହେଁ, ମୁଁ ଜଣେ ସାଧାରଣ ନାଗରିକ ଯିଏ ନିଜର ଦାୟିତ୍ୱ ତୁଲାଉଛି।' ସେ ଲୋକମାନଙ୍କୁ ଅନ୍ୟ କାହା ମଧ୍ୟରେ ହିରୋ ନଖୋଜି ନିଜ ଜୀବନର ହିରୋ ନିଜେ ହେବାକୁ ଏବଂ ଜଣେ ସଚେତନ ନାଗରିକ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି ।ପରୀକ୍ଷା ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗ ଉଠାଇ ୱାଙ୍ଗଚୁକ୍ ଲୋକଙ୍କୁ ନିଷ୍କ୍ରିୟ ନରହି ଆନ୍ଦୋଳନରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଯଦି ସେହି ପୀଡ଼ିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆପଣଙ୍କ ଭଉଣୀ ବା ଝିଅ ଥାଆନ୍ତେ, ତେବେ ଆପଣ ନିଶ୍ଚୟ ଆସିଥାନ୍ତେ, ତେଣୁ ସେଭଳି ସ୍ଥିତିକୁ ଅପେକ୍ଷା ନକରି ଅନ୍ତତଃ ପକ୍ଷେ ଗୋଟିଏ ଦିନ ପାଇଁ ଯନ୍ତରମନ୍ତର ଆସନ୍ତୁ କିମ୍ବା ନିଜ ନିଜ ସ୍ଥାନରେ ରହି ଉପବାସ ପାଳନ କରନ୍ତୁ। ଏହି ସଂଗଠନ (ସିଜେପି) ପକ୍ଷରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ମୃତ ଛାତ୍ରଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରାଯାଉଛି। ଏହା ସହ ଲାଦାଖର ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ମଧ୍ୟ ୱାଙ୍ଗଚୁକ୍ ଦାବି କରିଛନ୍ତି।

## ଏତେ ମିଶାଇଲ୍ ମାଡ କରିବୁ ଯେ ସମଗ୍ର ଇରାନକୁ ଧ୍ୱଂସ କରିଦେବୁ: ଟ୍ରମ୍ପ

ନୂଆଦିଲ୍ଲୀ : ଏତେ ମିଶାଇଲ୍ ମାଡ କରିବୁ ଯେ, ସମଗ୍ର ଇରାନକୁ ଧ୍ୱଂସ କରିଦେବୁ। ପୁଣି ଇରାନକୁ ଏମିତି ଧମକ ଦେଲେ ଟ୍ରମ୍ପ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କ ହତ୍ୟାର ଭୟ ପ୍ରକାଶ କରିଛନ୍ତି। ସେ ଇରାନକୁ ଚେତାବନୀ ଦେଇଛନ୍ତି ଯେ ସେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଯଦି ଇରାନ ତାଙ୍କୁ ହତ୍ୟା କରିବାରେ ସଫଳ ହୁଏ, ତେବେ ଆମେରିକା ଇରାନ ବିରୁଦ୍ଧରେ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେ କହିଛନ୍ତି ଯେ ସେ ଏଥିପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ଶୁକ୍ରବାର ଦିନ ଟ୍ରମ୍ପ କହିଛନ୍ତି, "ମୁଁ ବହୁତ ଦିନ ଧରି ସେମାନଙ୍କ ତାଲିକାରେ ଅଛି। ଆମେ ଏହି ପରିସ୍ଥିତିର ମୁକାବିଲା କରୁଛୁ।" ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ୧,୦୦୦ କ୍ଷେପଣାସ୍ତ୍ର ନିୟୋଜନ କରାଯାଇଛି ଏବଂ ଯଦି ତାଙ୍କୁ ହତ୍ୟା କରାଯାଏ ତେବେ ସେଗୁଡ଼ିକୁ ନିକ୍ଷେପ କରାଯିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଧମକ ଦେଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ କହିଛନ୍ତି, "ଯଦି ଇରାନ ସରକାର ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି (ଅର୍ଥାତ୍ ମୋତେ) ଉପରେ ଆକ୍ରମଣ କିମ୍ବା ହତ୍ୟା କରେ, ତେବେ ଇରାନ ଉପରେ ୧,୦୦୦ କ୍ଷେପଣାସ୍ତ୍ର ନିକ୍ଷେପ କରିବାକୁ ପ୍ରସ୍ତୁତ ଅଛି। ଆହୁରି ହଜାର ହଜାର କ୍ଷେପଣାସ୍ତ୍ର ତୁରନ୍ତ ମାଡ କରାଯିବ। ନିର୍ଦ୍ଦେଶ ଦିଆଯାଇଛି ଏବଂ ଆମେରିକୀୟ ସେନା ଏକ ବର୍ଷ ପାଇଁ ଇରାନ ଉପରେ ଆକ୍ରମଣ ଜାରି ରଖିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ସକ୍ଷମ, ଇରାନର ପ୍ରତ୍ୟେକ କୋଣକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରାଯିବ।

# ଆଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ, ବିପଦରେ ଭାରତର ୧୪ ସହର




ନୂଆଦିଲ୍ଲୀ : ଆଗାମୀ ବର୍ଷ ଭାରତର ବଡ଼ ସହରଗୁଡ଼ିକରେ ରହିବା କଷ୍ଟକର ହୋଇପାରେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଏହି ସହରଗୁଡ଼ିକରେ ଜନଜୀବନ ତିଷ୍ଠି ରହିବା କାଠିକର ପାଠ ହେବାର ଆଶଙ୍କା ରହିଛି। ସହର ନିର୍ମାଣ ଢାଞ୍ଚା ବି ଏହି ବିପଦକୁ ଅଧିକ ବଢ଼ାଉଥିବା ଅକ୍ସଫୋର୍ଡ ୟୁନିଭର୍ସିଟିର ଏକ ନୂଆ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି । ଦୁନିଆର ୨୦୫ ବଡ଼ ସହରକୁ ନେଇ କରାଯାଇଥିବା ଏହି ଅଧ୍ୟୟନରେ ଭାରତ, ପାକିସ୍ତାନ, ନାଇଜେରିଆ ଏବଂ ଘାନାର ସହରଗୁଡ଼ିକ ଗ୍ରୀଷ୍ମ ପ୍ରବାହର ସବୁଠୁ ଅଧିକ ପ୍ରଭାବ ଦେଖିବାକୁ ମିଳିବ ବୋଲି ଜଣାଯାଇଛି । ଗ୍ରୀଷ୍ମ ପ୍ରବାହ ଯୋଗୁ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ୫୦ ସହର ମଧ୍ୟରେ କେବଳ ଭାରତର ୧୪ ସହର ରହିଛି । ସଷ୍ଟେନେବଲ ସିଟିଜ୍ ଆଣ୍ଡ ସୋସାଇଟିରେ ପ୍ରକାଶିତ ଏହି ରିପୋର୍ଟ ଅନୁସାରେ, ସର୍ବାଧିକ ବିପଦରେ ଥିବା ସହରଗୁଡ଼ିକ ମଧ୍ୟରୁ ୯୫ ପ୍ରତିଶତରୁ ଅଧିକ ସହର ଦକ୍ଷିଣ ଏବଂ ଦକ୍ଷିଣ- ପୂର୍ବ ଏସିଆ ଏବଂ ଉପ-ସାହାରା ଆଫ୍ରିକୀୟ ଅଞ୍ଚଳରେ ରହିଛି । ଇରାକର ଅଲ୍ ବସ୍ରା ବିଶ୍ୱର ସବୁଠାରୁ ଅଧିକ ବିପଦପୂର୍ଣ୍ଣ ସହର ହୋଇଥିବାବେଳେ ଗୁଜରାଟର ଅହମ୍ମଦାବାଦ ଦ୍ୱିତୀୟରେ ରହିଛି । ବିଶ୍ୱ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ କେଉଁ ସ୍ଥାନଗୁଡ଼ିକରେ ଲୋକେ ସବୁଠୁ ଅଧିକ ବିପଦରେ ଅଛନ୍ତି ତାହା ଏହି ଅଧ୍ୟୟନ ଜରିଆରେ ଚିହ୍ନଟ କରାଯାଇଛି । ଏହି ସହରଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର ନାଗପୁର, ପୁନେ, ତାମିଲନାଡୁର ମଦୁରାଇ, ଚେନ୍ନାଇ, କର୍ଣ୍ଣାଟକର ବେଙ୍ଗାଲୁରୁ, ଉତ୍ତରପ୍ରଦେଶର କାନପୁର ଓ ଲକ୍ଷ୍ନୌ ସମେତ ୧୪ ସହର ରହିଛି । ଅଧ୍ୟୟନ ରିପୋର୍ଟର ମୁଖ୍ୟ ଲେଖିକା ତଥା ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷିକା ନେଥମି ଜୟରନତ୍ନେ କାରିୟାୱାସମ୍ କହିଛନ୍ତି, ଗ୍ରୀଷ୍ମ ପ୍ରବାହର ବିପଦ କେବଳ ଅଧିକ ତାପମାତ୍ରା ଯୋଗୁ ସୃଷ୍ଟି ହୁଏ ନାହିଁ । ସହରଗୁଡ଼ିକର ସାମାଜିକ, ଆର୍ଥିକ ସ୍ଥିତି ମଧ୍ୟ ଏଥିରେ ବଡ଼ ଭୂମିକା ନିଭାଇଥାଏ । ସହରଗୁଡ଼ିକରେ ସବୁଜିମା ନଷ୍ଟ ହେବା, କଂକ୍ରିଟ ନିର୍ମାଣ ବଢ଼ିବା ମଧ୍ୟ ଗରମକୁ ବୃଦ୍ଧି କରିଥାଏ । ବ୍ୟାଙ୍କକ୍ ଏବଂ ଜେଦାହରେ ଅଧିକ ଗ୍ରୀଷ୍ମ ପ୍ରବାହ ହେଲେ ବି ସେଠାରେ ଉନ୍ନତ ସ୍ୱାସ୍ଥ୍ୟ ସେବା, ମଜଭୁତ ଭିତ୍ତିଭୂମି ଢାଞ୍ଚା, କୁଲିଂ ବ୍ୟବସ୍ଥା ଥିବା ଯୋଗୁ ସେଠାରେ ବିପଦ ଅପେକ୍ଷାକୃତ କମ୍ । କିନ୍ତୁ କରାଚୀ, ଫୈସଲାବାଦ ଏବଂ ନାଇଜେରିଆର କାଦୁନା ଭଳି ସହରରେ ତାପମାତ୍ରା ଅପେକ୍ଷାକୃତ କମ୍ ହେବା ସତ୍ତ୍ୱେ ସେଠାରେ ଦୁର୍ବଳ ବ୍ୟବସ୍ଥା ଯୋଗୁ ଲୋକଙ୍କ ଉପରେ ଅଧିକ ବିପଦ ରହିଛି । ଗବେଷଣାର ସହପର୍ଯ୍ୟବେକ୍ଷିକା ରାଧିକା ଖୋସଲା କହିଛନ୍ତି, ଏସି ଉପରେ ବେଶୀ ନିର୍ଭର କଲେ ଅଧିକ ବିପଦ ସୃଷ୍ଟି ହେବ । ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ହେଲେ ଆମକୁ କମ୍ ଶକ୍ତି ବ୍ୟବହାର କରୁଥିବା ପ୍ରଯୁକ୍ତିବିଦ୍ୟାକୁ ଆପଣାଇବାକୁ ପଡ଼ିବ।

# ମିଶନଶକ୍ତି ଗୃହ ଉଦ୍‌ଘାଟନ ସହ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କଲେ ବିଧାୟକ

ଭଦ୍ରକ, (ପିପିଏସ୍): ବିଧାୟକ ଙ୍କ କରକୋମଳ ରେନୂତନ ମିଶନ ଶକ୍ତି ଗୃହ ଉଦଘାଟନ କରିବା ସହ ନୂତନ ଏକ କଲ୍ୟାଣ ମଣ୍ଡପ ର ଶିଳାନ୍ୟାସ କରିଛନ୍ତି ବିଧାୟକ ସୀତାଂଶୁ ଶେଖର ମହାପାତ୍ର। ଭଦ୍ରକ ବ୍ଲକ ବାଉଦପୁର ପଂଚାୟତ ଓଗାଲପୁର ଗ୍ରାମରେ ଏକ ନୂତନ ମିଶନ ଶକ୍ତି ଗୃହ କୁ ଶୁଭ ଉଦଘାଟନ କରିବା ସହ ଏକ ନୂତନ କଲ୍ୟାଣ ମଣ୍ଡପ ର ଶିଳାନ୍ୟାସ କରିଛନ୍ତି ବିଧାୟକ ସୀତାଂଶୁ ଶେଖର ମହାପାତ୍ର। ପଂଚାୟତ ବାସୀଙ୍କ ଦୀର୍ଘ ଦିନର ଦାବୀ ଅଜି ପୂରଣ ହୋଇଛି ବୋଲି କହିଛନ୍ତି ବିଧାୟକ। ମିଶନ ଶକ୍ତି ଗୃହ ହେବା ଦ୍ୱାରା ମା ମାନେ ଉପକୃତ ହେବେ ବୋଲି କହଛନ୍ତି।



ସେହିପରି ପଂଚାୟତ ରେ କଲ୍ୟାଣ ମଣ୍ଡପ ହେଲେ ଅଂଚଳ ବାସି ଉପକୃତ ହେବେ ଅଂଚଳ ବାସି ବିବାହ ଘର ବ୍ରତ ଘର ଏହି କଲ୍ୟାଣ ମଣ୍ଡପ ରେ କରିପାରିବେ ବୋଲି କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମ ରେ ଭଦ୍ରକ ପଂଚାୟତ ସମିତି ଅଧକ୍ଷା ଉର୍ମିଳା ନାୟକ, ବାଉଦପୁର ସରପଂଚ ଜୋନାକୀ ଚାନ୍ଦ, ସମିତି ସଭ୍ୟ ସ୍ୱରାଜ ଦତ, ବରିଷ୍ଠ ନେତା ବରୁଣ ଚାନ୍ଦ,ଅଞ୍ଜନ ପଣ୍ଡା,ଯୁବ ନେତା ସଞ୍ଜୟ ଦାସ ଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

## ବନମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ



ଚୌଦ୍ୱାର,(ପିପିଏସ୍):ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ନିମାପଡ଼ା ଗ୍ରାମରେ ବନ ମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଓ ଓଡ଼ିଶା ନାରୀ ଶିଶୁ କଲ୍ୟାଣ ସମିତିର ମିଳିତ ଆନୁକୁଲ୍ୟରେ ତଥା ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁରବୀ ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ହ୍ୟୁମାନ ରାଇଟ ଚେୟାରପର୍ସନ ଡଃ. ସ୍ୱର୍ଣ୍ଣମୟୀ ରାଉତ,ନାରୀ ଶିଶୁ କଲ୍ୟାଣ ସମିତି ସମ୍ପାଦକ ରଜନୀକାନ୍ତ ମହାନ୍ତି,ସରପଞ୍ଚ ସୋଫିଆ ବିବି,ବିଷ୍ଣୁ ଚରଣ ପରିଡ଼ା,ପ୍ରତାପ କୁମାର ଜେନା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ପରିବେଶର ସୁରକ୍ଷା ଓ ସୁସ୍ଥ ଜୀବନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥି ମାନେ ଶତାଧିକ ଫଳଚାରା ଓ ଔଷଧୀୟ ବୃକ୍ଷଚାରା ରୋପଣ କରିଥିଲେସ୍ୱିଜୟ ସ୍ୱାଇଁ, ସୁଶାନ୍ତ ଭୂୟାଁ, ଜୟୀରାମ ନାୟକଙ୍କ ସମେତ ଭାଗବତ ପ୍ରଚାର ସମିତି ଓ ଗ୍ରାମ ଯୁବକ ସଂଘର ସଦସ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓଡ଼ିଶାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବଡ଼ ନିବେଶ ପ୍ରସ୍ତାବ

ଭୁବନେଶ୍ୱର, (ପିପିଏସ୍): ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାର ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାଠାରେ ନିର୍ମାଣାଧୀନ ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀର ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୨ ହଜାର କୋଟି ଟଙ୍କା ବିନିଯୋଗ ପ୍ରସ୍ତାବ ଦେଇଛି। ଏହାଫଳରେ ପ୍ରକଳ୍ପର ମୋଟ ବିନିଯୋଗ ପ୍ରାୟ ୨୦ ହଜାର କୋଟି ଟଙ୍କାରେ ପହଂଚିବ। ଏହି ପ୍ରସ୍ତାବକୁ ନେଇ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍ ର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶାରେ ଗ୍ରୁପ୍ ର ଚାଲୁଥିବା ଓ ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରାଯିବା ସହ ସେଗୁଡ଼ିକର ଶୀଘ୍ର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ସହଯୋଗ ଉପରେ ଆଲୋଚନା କରାଯାଇଥିଲା। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ବିକଶିତ ହେଉଥିବା ଏହି ଆଲୁମିନା ରିଫାଇନାରୀର ପ୍ରାରମ୍ଭିକ କ୍ଷମତା ବାର୍ଷିକ ୧ ନିୟୁତ ଟନ୍ (୧ ଏମଟିପିଏ) ରଖାଯାଇଥିଲା, ଯେଉଁଥିରେ ପ୍ରାୟ ୮ ହଜାର କୋଟି ଟଙ୍କା ବିନିଯୋଗ ହେବାର ଯୋଜନା ଥିଲା। ନୂତନ ପ୍ରସ୍ତାବ ଅନୁସାରେ ଏଥିରେ ଅତିରିକ୍ତ ୨ ଏମଟିପିଏ କ୍ଷମତା ଯୋଡ଼ାଯିବ, ଫଳରେ ରିଫାଇନାରୀର ମୋଟ ଉତ୍ପାଦନ କ୍ଷମତା ୩ ଏମଟିପିଏକୁ ବୃଦ୍ଧି ପାଇବ। ରାଜ୍ୟ ସରକାରଙ୍କ କହିବା ଅନୁସାରେ, ଏହି ସମ୍ପ୍ରସାରଣ ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟାରେ ରୋଜଗାର ସୃଷ୍ଟି ହେବ। ଏହା ସହିତ ସ୍ଥାନୀୟ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ଡାଉନ୍?ଷ୍ଟ୍ରିମ୍ ମାନୁଫାକଚରିଂ ଶିଳ୍ପର ବିକାଶକୁ ମଧ୍ୟ ଗତି ମିଳିବ।
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିବେଶ ପ୍ରସ୍ତାବକୁ ସ୍ୱାଗତ କରି କହିଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦର ସର୍ବାଧିକ ଲାଭ ରାଜ୍ୟରେ ମୂଲ୍ୟଯୁକ୍ତ ଉତ୍ପାଦନ, ଉନ୍ନତ ଶିଳ୍ପାୟନ ଓ ଗୁଣାତ୍ମକ ରୋଜଗାର ସୃଷ୍ଟି ମାଧ୍ୟମରେ ପ୍ରତିଫଳିତ ହେବା ଆବଶ୍ୟକ। ଆଲୁମିନିୟମ କ୍ଷେତ୍ର ରାଜ୍ୟର ଶିଳ୍ପ ଉନ୍ନୟନ ନୀତିର ଏକ ପ୍ରମୁଖ ସ୍ତମ୍ଭ ବୋଲି ସେ କହିଥିଲେ।

## ସବୁଜ ଆବରଣ ବୃଦ୍ଧି ଯୋଜନାରେ ଚାରା ବଣ୍ଟନ



ରଘୁନାଥପୁର, (ପିପିଏସ) ବିଶ୍ୱ ପରିବେଶକୁ ଦୃଷ୍ଟିରେ ରଖି ଜଗତ-ସିଂହପୁର ବନାଞ୍ଚଳ ପକ୍ଷରୁ ରଘୁନାଥପୁର ବଜାରରେ ଗତକାଲି ଠାରୁ ବିଭିନ୍ନ କିସମର ଚାରା ବଣ୍ଟନ ପ୍ରକ୍ରିୟା ଜାରି ରହିଛି। ଏଥିରେ ବିଭାଗ ପକ୍ଷରୁ ଅଁଳା, ଶାଗୁଆନ,ବାଲି ଶିଶୁ,ଜାମୁ, କରଞ୍ଜ,ପିଜୁଳି, କୃଷ୍ଣଚୂଡ଼ା,ବଉଳ, ଆକାଶିଆ, ଅର୍ଜୁନ,ଆତ, ଲେମ୍ବୁ,ଫାଶିଁ, କରମଙ୍ଗା, ଝାଉଁ,ଡାଳିମ୍ବ ଆଦି ଚାରା ଆଧାର କାର୍ଡ ଦେଖାଇ ୧ଟଙ୍କା ବିନିମୟରେ ବଣ୍ଟନ କରାଯାଉଛି। ଜିଲ୍ଲାକୁ ସବୁଜିମା ପରିବେଶରେ ପରିଣତ କରିବା ପାଇଁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଲୋକମାନଙ୍କ ମଧ୍ୟରେ ଚାଳିଶ ହଜାର ଚାରା ବଣ୍ଟନ କରାଯିବ ବୋଲି ଫରେଷ୍ଟର ଟୁଇଁକିଲ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଫରେଷ୍ଟ ଗାର୍ଡ ରୀନାରାଣୀ ମଲ୍ଲିକ, ଦିଲ୍ଲିପ କୁମାର ମହାନ୍ତି, ପ୍ରମୋଦ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସରେ ରାଜ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ବର୍ଦ୍ଧିତ

କେନ୍ଦ୍ରାପଡା: (ପିପିଏସ୍): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଦ୍ୱାରା ଆୟୋଜିତ 'ବିଶ୍ୱ ଜନ ସଂଖ୍ୟା ଦିବସ-୨୦୨୬' ଭୁବନେଶ୍ୱର ସ୍ଥିତ କୃଷି ଭବନ ଠାରେ ଆୟୋଜିତ ହୋଇଥିଲା । ଏହି ଦିବସରେ ରାଜ୍ୟ ସ୍ତରରେ କେନ୍ଦ୍ରାପଡା ଜିଲ୍ଲା ପରିବାର ନିୟୋଜନ କାର୍ଯ୍ୟକ୍ରମରେ ତୃତୀୟ ସ୍ଥାନରେ ଥିବାରୁ ଜିଲ୍ଲାକୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ରାଜ୍ୟ ସରକାରଙ୍କ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡ଼. ବୃନ୍ଦା ଡି ଏବଂ ନିର୍ଦ୍ଦେଶକ ପରିବାର କଲ୍ୟାଣ ବିଭାଗ ଡ଼ ସନ୍ତୋଷ କୁମାର ପାଢ଼ୀଙ୍କ ଠାରୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ନୋଡାଲ ଅଫିସର ପରିବାର କଲ୍ୟାଣ -ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ - ଡ଼. ସୁକାନ୍ତ କୁମାର ପ୍ରଧାନ ଓ ଜିଲ୍ଲା ଭେକ୍ସିନ୍ ଲଜିଷ୍ଟିକ ମ୍ୟାନେଜର ଅବିନାଶ ଦାସ ଗ୍ରହଣ କରିଛନ୍ତି । ଉକ୍ତ ଉତ୍ସବରେ ନିର୍ଦ୍ଦେଶକ ପରିବାର କଲ୍ୟାଣ, ନିର୍ଦ୍ଦେଶକ- ଡ଼ ସନ୍ତୋଷ କୁମାର ପାଢ଼ୀ ଙ୍କ ସମେତ ନିର୍ଦ୍ଦେଶକ, ନର୍ସିଂଙ୍କ ଏବଂ ଅତିରିକ୍ତ ନିର୍ଦ୍ଦେଶକ ମାତୃ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଡ଼ ମୁରଲୀଧର ପାଢ଼ୀ, ନିର୍ଦ୍ଦେଶକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂସ୍ଥା ଏବଂ ରାଜ୍ୟର ସମସ୍ତ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ର ସମସ୍ତ



ସିନିୟର୍ କନସଲଟାଣ୍ଟ , ସମସ୍ତ ଡେଭଲପମେଣ୍ଟ ପାର୍ଟନର, ସମସ୍ତ ଜିଲ୍ଲାର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୨୬ ଅନୁଯାୟୀ ଆମ ଭାରତ ବର୍ଷର ଜନ ସଂଖ୍ୟା ଚାଇନା ଠାରୁ ଅଧିକ ହୋଇସାରିଛି । କିନ୍ତୁ ପରିବାର ନିୟୋଜନ ନିମନ୍ତେ କେତୋଟି ନିର୍ଦ୍ଧାରିତ ପଦ୍ଧତି ଯଥା ଆଧୁନିକ ପଦ୍ଧତି ରେ ଓଡ଼ିଶା ସ୍ଥାନ କମ୍ ଅଛି ଏବଂ ନୂତନ ଦମ୍ପତି ଓ ଦୁଇଟି ସନ୍ତାନ ମଧ୍ୟରେ ଦୁଇ ବର୍ଷ ପାର୍ଥକ୍ୟ ଆଦି ବିଷୟରେ ଗୁରୁତ୍ୱ ସାଙ୍ଗକୁ ଆବଶ୍ୟକ ହେଉଥିବା ପରିବାର ନିୟୋଜନ ପଦ୍ଧତିରୁ କିଛି ଲୋକ ବଞ୍ଚିତ ହେଉଛନ୍ତି । ସେଥିପାଇଁ ଆଶା ମାନେ ଗାଁ ସ୍ତରରେ ବୁଝାଇବା ସହିତ ସ୍ୱାସ୍ଥ୍ୟ ବିଭାଗ ର ସମସ୍ତ ଡାକ୍ତର, ନର୍ସ, ମହିଳା ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ , ଉଭୟ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଏବଂ ପରିଦର୍ଶକକାରି ମାନେ ଦାୟିତ୍ୱ ନେବା ପାଇଁ କୁହ ଯାଇଥିଲା । ଗତ ବର୍ଷ ୨୦୨୫- ୨୬ ପାଇଁ ପୁରୁଷ ବନ୍ଧ୍ୟାକରଣ ସର୍ଜନ ଭାବେ ପାଇଁ ଡ଼ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ମଧ ରାଜ୍ୟ ସ୍ତରରେ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିପାଇଁ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଡ଼.ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ପ୍ରଦାନ କରିଛନ୍ତି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ମିଶନ ନିର୍ଦ୍ଦେଶିକ ଡ଼.ନମିତା ପଟ୍ଟନାୟକ ମଧ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହିତ ସେ ଆଶା କରିଛନ୍ତି ଆହୁରି ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସମ୍ମାନ ରଖିବା । ଏହି ଅବସରରେ ଉପ ଜିଲ୍ଲାପାଳ ମଧ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପରୀକ୍ଷା ବିଳମ୍ବକୁ ନେଇ ଓଏନ୍‌ଏମ୍‌ଆର୍‌ସିର କଡ଼ା ପଦକ୍ଷେପ

# ବାଲେଶ୍ୱରର ୧୬ ନର୍ସିଂ କଲେଜକୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୧୧ ଜୁଲାଇ (ହି.ସ.) ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀଙ୍କ ସେମିଷ୍ଟର ପରୀକ୍ଷା ଦୀର୍ଘଦିନ ଧରି ଅନୁଷ୍ଠିତ ନହେବା ଘଟଣାକୁ ଗୁରୁତ୍ୱର ସହ ନେଇ ଓଡ଼ିଶା ନର୍ସେସ୍ ଆଣ୍ଡ ମିଡ୍ୱାଇଭ୍ସ ରେଜିଷ୍ଟ୍ରେସନ କାଉନସିଲ (ଓଏନଏମଆରସି) ବାଲେଶ୍ୱର ଜିଲ୍ଲାର ୧୬ଟି ନର୍ସିଂ କଲେଜକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି।
କାଉନସିଲ ପକ୍ଷରୁ ସମ୍ପୃକ୍ତ କଲେଜଗୁଡ଼ିକୁ ଦୁଇ ଦିନ ମଧ୍ୟରେ ସେମିଷ୍ଟର ପରୀକ୍ଷା ନିର୍ଦ୍ଧାରିତ ସମୟରେ କାହିଁକି ଆୟୋଜନ କରାଯାଇନଥିଲା, ସେନେଇ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପରୀକ୍ଷା ବିଳମ୍ବର କାରଣ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ସନ୍ତୋଷଜନକ ଉତ୍ତର ନମିଳିଲେ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି କାଉନସିଲ ସତର୍କ କରିଛି।
ଫକୀର ମୋହନ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ପାଞ୍ଚଟି ବେସରକାରୀ ନର୍ସିଂ କଲେଜର ଶତାଧିକ ଛାତ୍ରଛାତ୍ରୀ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସର ବାହାରେ ଧାରଣା ଦେବା ପରେ ଏହି ପଦକ୍ଷେପ ନିଆଯାଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ସେମାନେ ଚାରି ବର୍ଷିଆ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ଛଅ ବର୍ଷରୁ ଅଧିକ ସମୟ ପୂର୍ବରୁ ନାମ ଲେଖାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସପ୍ତମ ଓ ଅଷ୍ଟମ ସେମିଷ୍ଟର ପରୀକ୍ଷା ହୋଇନାହିଁ।
ଛାତ୍ରଛାତ୍ରୀମାନଙ୍କ କହିବା ଅନୁଯାୟୀ, ଚାରି ବର୍ଷରେ ସମାପ୍ତ ହେବାକୁ ଥିବା ପାଠ୍ୟକ୍ରମ ଛଅ ବର୍ଷରୁ ଅଧିକ ସମୟ ଧରି ଝୁଲି ରହିଥିବାରୁ ସେମାନଙ୍କ ଉଚ୍ଚଶିକ୍ଷା, ପଞ୍ଜୀକରଣ ପ୍ରକ୍ରିୟା ଏବଂ ଚାକିରି ସୁଯୋଗ ଗୁରୁତର ଭାବେ ପ୍ରଭାବିତ ହୋଇଛି।

# ନିର୍ବାଚନୀ କାର୍ଯ୍ୟରେ ଅସହଯୋଗ, ବିଏଲଓ ନିଲମ୍ବିତ

ଭଦ୍ରକ, (ପିପିଏସ୍): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟରେ ଗୁରୁତର ଅବହେଳା , କର୍ତବ୍ୟରେ ଅସହଯୋଗ ଓ ନିର୍ବାଚନୀ ପ୍ରକ୍ରିୟାରେ ବାଧା ସୃଷ୍ଟି ଅଭିଯୋଗରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସହକାରୀ ଶିକ୍ଷକ ସପନ କୁମାର ନାୟକଙ୍କୁ ତତ୍କାଳ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଶ୍ରୀ ନାୟକ ପିଏସଏସ୍ ନୋଡାଲ ହାଇସ୍କୁଲ, ଚନ୍ଦ୍ରକାଟବିନ୍ଧାର ସହକାରୀ ଶିକ୍ଷକ ହୋଇଥିବାବେଳେ ନବଗଠିତ ବୁଥ୍ ନଂ-୨୯, ମାଲପୁର, ୪୭-ଚାନ୍ଦବାଲି ବିଧାନସଭା କ୍ଷେତ୍ରର ବୁଥ୍ ଲେଭେଲ ଅଫିସର (ବିଏଲଓ) ଭାବେ ନିୟୋଜିତ ଥିଲେ। ଏସଆଇଆର-୨୦୨୬ କାର୍ଯ୍ୟ ସଫଳ ଭାବେ ସମ୍ପାଦନ ପାଇଁ ବିଏଲଓମାନଙ୍କର ଇରୋନେଟ୍ ପ୍ଲାଟଫର୍ମରେ ପଞ୍ଜୀକରଣ ଓ ବିଏଲଓ ଆପ୍ ସକ୍ରିୟ କରିବା ଆବଶ୍ୟକ ଥିବାବେଳେ ସେ ଏଥିପାଇଁ ଆବଶ୍ୟକ ଏପିକ୍ ବିବରଣୀ ଓ ଓଟିପ୍ ପ୍ରଦାନ କରିନଥିଲେ। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଓ ସମ୍ପୃକ୍ତ ଅଧିକାରୀମାନଙ୍କ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଶ୍ରୀ ନାୟକ ସହଯୋଗ କରିନଥିଲେ। ଏପରିକି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲେ ମଧ୍ୟ ସେ ଆବଶ୍ୟକ ତଥ୍ୟ ଉପଲବ୍ଧ କରାଇନଥିଲେ। ଫଳରେ ବିଏଲଓ ଆପ୍ ପରିଚୟପତ୍ର ସୃଷ୍ଟି ଓ ଏସଆଇଆର-୨୦୨୬ର ବୈଧ ନିର୍ବାଚନୀ ପ୍ରକ୍ରିୟା ଗୁରୁତର ଭାବେ ବ୍ୟାହତ ହୋଇଥିବା ଅଭିଯୋଗ ହୋଇଥିଲା । ନିଲମ୍ବନ ଅବଧିରେ ଶ୍ରୀ ନାୟକଙ୍କ ମୁଖ୍ୟାଳୟ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ରହିବ ଏବଂ ସେ କୌଣସି ପୂର୍ବାନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ ନିର୍ବାଚନୀ କାର୍ଯ୍ୟରେ ଅବହେଳା ଓ ଅସହଯୋଗକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ।

# ଆମ ସମ୍ବଲ ସଂଗଠନ ପକ୍ଷରୁ ବୃକ୍ଷରୋପଣ

କଟକ,(ପିପିଏସ୍): ସାମାଜିକ ସଂଗଠନ 'ଆମ ସମ୍ବଲ' ପକ୍ଷରୁ ବେଲେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ସୁଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡିଆଇଇଟି, କଟକର



ରଂଜନ ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଦସ୍ୟ ଲକ୍ଷ୍ମୀଧର ଦାସ, ସୁଶାନ୍ତ କୁମାର ଜେନା, ବିନିତା ନନ୍ଦୀ, ଶିକ୍ଷୟିତ୍ରୀ ଆରତୀ ମିଶ୍ର, ସୁଜାତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବରିଷ୍ଠ ପ୍ରଶିକ୍ଷକ ଶକ୍ତି ପାଲ, ବରିଷ୍ଠ ସାମ୍ବାଦିକ ଡକ୍ଟର ଚିତ୍ତରଞ୍ଜନ ବେହେରା, ସାମ୍ବାଦିକ ଅନିଲ କୁମାର ଦାସ, ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ତିନିଘରିଆ କ୍ଲଷ୍ଟରର ସିଆରସିସି ଲକ୍ଷ୍ମୀପ୍ରିୟା ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଓ ସମ୍ପାଦକ ମାନସ ମଧୁସ୍ମିତା ପଟ୍ଟନାୟକ, ମମତା ରଣା, ଅଙ୍କିତା ପାଣି, ଆକାଂକ୍ଷା ପାଣି, ପ୍ରିତୀମୟୀ ଜେନା, ଶୁଭଶ୍ରୀ ବେହେରା, ପୂଜା ବେହେରା, ରୁପାଲିନ ବାରିକ, ସୁଶ୍ରୀ ନିହାରିକା ବାରିକ, ଶ୍ରଦ୍ଧା ଶ୍ରାବଣୀ, ସୋନାଲୀ ରଣା, ଇତିଶ୍ରୀ ବେହେରା, ରିତିକ ମିଶ୍ର, ରୁଦ୍ର ସାହୁ, ସତ୍ୟମ ବେହେରା, ଅଂଶୁମାନ ବେହେରା ପ୍ରମୁଖ ପରିବେଶ ସୁରକ୍ଷାକୁ ନେଇ ନାଟକ ପରିବେଷଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତିମୟୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଏବଂ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜାତୀୟ ରଗ୍‌ବୀରେ କେନ୍ଦ୍ରାପଡ଼ା ଜିଲ୍ଲା ଆସୋସିଏସନ ଖେଳାଳିଙ୍କ କରିସ୍ମା

କେନ୍ଦ୍ରାପଡ଼ା,(ପିପିଏସ୍): ଜାତୀୟ ସ୍ତରୀୟ ରଗବୀ ପ୍ରତିଯେଗିତା ପାଇଁ କେନ୍ଦ୍ରାପଡ଼ାର ଦୁଇଜଣ ଖୋଳାଳୀଙ୍କୁ ଚୟନ କରାଯାଇଛି। ଏହି ଦୁଇ ଖେଳାଳୀ ହେଉଛନ୍ତି ବିକ୍ରମ କୁମାର ସୋରେନ ଓ ଅଭିଜିତ ପ୍ରଧାନ। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ଦୁଇ ଖୋଳଳୀ ନିଜର ପ୍ରତିଭା ଦେଖାଇଥିଲେ। ତେଣୁ ଏହି ଦୁଇ ଖେଳାଳୀ ହାଇଦ୍ରାବାଦରେ ଅନୁଷ୍ଠିତ



ହେବାକୁ ଥିବା ଜାତୀୟ ସ୍ତରୀୟ ଚାମ୍ପିୟନସିପରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଖବର କେନ୍ଦ୍ରାପଡା ଜିଲାରେ ଖୁସିର ଲହରୀ ଖେଳି ଯାଇଛି। ଏହା ଅନ୍ୟ ରଗବୀ ପିଲାଙ୍କୁ ଉତ୍ସାହିତ କରିଛି। ସୃଷ୍ଟି ହେବା ସହିତ ରଗବି ଖେଳ ପିଲାଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରିଛି। ଏଥିପାଇଁ କେନ୍ଦ୍ରାପଡ଼ା ରଗବୀ ଆସୋସିଏସନ ସଭାପତି ଲୋହିତ କୁମାର ମହାନ୍ତି, ସମ୍ପାଦକ ସିଲନ କୁମାର ସାମନ୍ତରାୟ, ପ୍ରଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଦୁଇ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଆସୋସିଏସନ ସଭାପତି ଶ୍ରୀ ମହାନ୍ତି କହିଛନ୍ତି ରଗବି ବଲ ଖେଳରେ କେନ୍ଦ୍ରାପଡା ରଗବି ଆସୋସିଏସନକୁ ଏକ ବଡ଼ ସଫଳତା ମିଳିଛି। ଚଳିତ ବର୍ଷ ଜୁନିଅର ଜାତୀୟ ରଗବି ଚାମ୍ପିୟନସିପ ପାଇଁ କେନ୍ଦ୍ରାପଡା ରଗବି ଆସୋସିଏସନରୁ ଦୁଇ ଜଣ ଖେଳାଳୀ ବିକ୍ରମ କୁମାର ସୋରେନ ଓ ଅଭିଜିତ ପ୍ରଧାନ କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ନିଜ ପ୍ରତିଭା ଦେଖାଇ ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଚାମ୍ପିୟନସିପ ପାଇଁ ଚୟନ ହୋଇଛନ୍ତି। ଏହି ଖବର ପାଇ କେନ୍ଦ୍ରାପଡା ଜିଲ୍ଲାରେ ଖୁସିର ଲହରୀ ସୃଷ୍ଟି ହେବା ସହିତ ରଗବି ଖେଳ ପିଲାଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରିଛି। ଜିଲ୍ଲା ବୁଦ୍ଧିଜୀବୀ ମହଲ ଓ ବିଭିନ୍ନ ବର୍ଗ ଏଥିପାଇଁ ଜିଲା ଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ଏହି ଖେଳର ଅଧିକ ପ୍ରଚାର ପ୍ରସାର ହୋଇପାରିବ ଓ ଅଧିକ ଖେଳାଳୀ ଭଲ ଖେଳି ନିଜର ଭବିଷ୍ୟତ ଗଢ଼ିପାରିବେ। ଏଥିପ୍ରତି କେନ୍ଦ୍ରାପଡା ଜିଲ୍ଲା ରଗବି ଆସୋସିଏସନ ଗୁରୁତ୍ୱ ଦେଉଛି ବୋଲି ସଭାପତି ଶ୍ରୀ ମହାନ୍ତି ମତ ଦେଇଛନ୍ତି।


**Notice ( For Minor )**

By virtue of an affidavit sworn before execu⊖ve Magistrate, Bhadrak, dated 03rd July 2026 I, SK HEDATULLA, S/O – SK Baraktulla, At – Banka Mohalla, PO/PS – Puruna Bazar, Dist – Bhadrak, Odisha – 756100 declare that I have changed the name of my son from SK MAHIUDDIN to SK MAHEMOOD. Henceforth he shall be known as SK MAHEMOOD for all purposes.

**SK HEDATULLA**



E-MailI.D.-eerbjspr@gmail.com

OFFICEOFTHESUPERINTENDINGENGINEER
JAGATSINGHPUR(R&B)DIVISION, JAGATSINGHPUR
GOVERNMENT OF ODISHA
("e" PROCUREMENTNOTICE)
BidIdentification No. S.E.JSPR(R&B) - 09 of 2026-27

TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Building works as mentioned below.

| | | |
|---|---|---|
| 2. | No.of Workp | :- 01 Nos. |
| 3. | Natureofwork | :- Electrical Work |
| 4. | ClassofContractor | :- "HT" Class |
| 5. | TenderPaper Cost | :- Rs.6,000.00/-(Online) |
| 6. | Available of bid documents in the website | :- From 14.07.2026 05.00 PM of 28 /07/2026 |
| 7. | Date of Opening of Bid | :- 11.00 AM of 29/07/2026 |

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum corrigendum/ cancellation of tender can also be seen in the said website.

(Er.SarbenduSutar)
Addl. Chief Engineer,
Jagatsinghpur(R&B)Division

OIPR - 34001/34093/1/26-27/0009


# ଦାନଗଦୀ ତହସିଲଦାରଙ୍କ ରାଜସ୍ୱ କ୍ୟାମ୍ପ କୋର୍ଟ

## ୬୦ରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ

କଳିଙ୍ଗନଗର, (ପିପିଏସ) ଦାନଗଦୀ ତହସିଲଦାର ରଞ୍ଜିତ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଣିପଡ଼ା ରାଜସ୍ୱ ନିରୀକ୍ଷକ ମଣ୍ଡଳ ଅନ୍ତର୍ଗତ ରଣିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମିଳିତ ରାଜସ୍ୱ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କ୍ୟାମ୍ପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ଲୋକ ନିଜ ନିଜର ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଯୋଗ ଦେଇଥିଲେ।
ଏହି ସ୍ପେଶାଲ କ୍ୟାମ୍ପରେ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବା ସହ ବିଭିନ୍ନ ରାଜସ୍ୱ ମାମଲାର ତୁରନ୍ତ ସମାଧାନ କରାଯାଇଥିଲା।



ଦିନସାରା ଚାଲିଥିବା ଏହି କାର୍ଯ୍ୟକ୍ରମରେ ମୋଟ ୬,୫୦୦ ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି। ଏହା ସହିତ ଭୂମିହୀନଙ୍କ ଚିହ୍ନଟ ପ୍ରକ୍ରିୟା (କଲମ-୨) ଅଧୀନରେ ୧୪ଟି ନୂଆ ଆବେଦନ ପତ୍ର ଗ୍ରହଣ କରାଯାଇଥିବା ବେଳେ ପୂର୍ବରୁ ସଂଶୋଧିତ ହୋଇଥିବା ୨୪ଟି ପଟ୍ଟା ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି।
ଅନ୍ୟପଟେ, ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୫ଟି ବିଭିନ୍ନ ପ୍ରକାରର ବିବିଧ ପ୍ରମାଣପତ୍ରର ତୁରନ୍ତ ସମାଧାନ କରାଯାଇ ବଣ୍ଟନ କରାଯିବା ସହ ୨ଟି ନାମଜାରୀ ମାମଲାର ମଧ ସ୍ଥାୟୀ ସମାଧାନ କରାଯାଇଛି। ଏହି ଅବସରରେ ତହସିଲଦାର ଓ ରାଜସ୍ୱ ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ୧ଟି କ୍ଷେତ୍ର ପରିଦର୍ଶନ କରାଯାଇ ଜମିଜମା ସ୍ଥିତିର ସମୀକ୍ଷା କରାଯାଇଥିଲା। କ୍ୟାମ୍ପରେ ସ୍ଥାନୀୟ ଲୋକଙ୍କ ତରଫରୁ ୨ଟି ଅଭିଯୋଗ ପତ୍ର ମଧ ଗ୍ରହଣ କରାଯାଇଛି, ଯାହାର ବିହିତ ପ୍ରତିକାର ପାଇଁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।ଉକ୍ତ କୋର୍ଟରେ ରାଣୀପଡା ସରପଞ୍ଚ, ତହସିଲି ସୁପରଭାଇଜର,ସ୍ଥାନୀୟ ରାଜସ୍ୱ ନିରକ୍ଷକ ଉପସ୍ଥିତ ଥିଲେ। ପ୍ରଶାସନକୁ ଲୋକଙ୍କ ଦ୍ୱାର ଦେଶରେ ପହଞ୍ଚାଇବା ପାଇଁ ଆୟୋଜିତ ଏହି ରାଜସ୍ୱ କ୍ୟାମ୍ପକୁ ରଣିପଡ଼ା ଅଞ୍ଚଳର ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି।



# ରୁଇଜ୍-ମେରିନୋଙ୍କ ଯାଦୁ: ସେମିରେ ସ୍ପେନ୍

ଲସ୍ ଆଞ୍ଜେଲସ୍: ଫାବିଆନ୍ ରୁଇଜ୍ ଏବଂ ମିକେଲ୍ ମେରିନୋଙ୍କ ଶକ୍ତିଶାଳୀ ପ୍ରଦର୍ଶନ ପାଇଁ ସ୍ପେନ୍ ଶନିବାର ଫିଫା ବିଶ୍ୱକପ୍ ୨୦୨୬ର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବେଲଜିୟମକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଲସ୍ ଆଞ୍ଜେଲସ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ୨୦୧୦ ଚାମ୍ପିଅନ୍ ଏକ କଡ଼ା ପ୍ରତିଯୋଗିତାରେ ୨-୧ ବିଜୟ ହାସଲ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଦୁଇଟି ଗୋଲ ହୋଇଥିଲା। ସ୍କୋର ୧-୧ରେ ବରାବର ଥିଲା ଏବଂ ସମସ୍ତଙ୍କ ନଜର ଦ୍ୱିତୀୟାର୍ଦ୍ଧ ଉପରେ ଥିଲା। ବିଶ୍ୱ ଫୁଟବଲ୍‌ର ଦୁଇଟି ପ୍ରମୁଖ ଦଳ ଦାନ୍ତ ଏବଂ ନଖ ଉପରେ ଲଢୁଥିଲେ। ସମସ୍ତଙ୍କ ନଜର ସ୍ପେନ୍‌ର ଉଦୀୟମାନ ତାରକା ୟାମିନ୍ ୟାମାଲଙ୍କ ଉପରେ ଥିଲା। କିନ୍ତୁ ମେରିନୋ ହିରୋ ଭାବରେ ଉଭା ହେଲେ ଏବଂ ସେହି ଗୋଲ ସ୍କୋର କଲେ ଯାହା ସ୍ପେନ୍ କୁ ସେମିଫାଇନାଲରେ ପହଞ୍ଚାଇବା ପାଇଁ ଯଥେଷ୍ଟ ପ୍ରମାଣିତ ହେଲା। ସ୍ପେନ୍ ଦ୍ୱିତୀୟ ଥର ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚିଛି। ପୂର୍ବରୁ ୨୦୧୦ରେ ଦଳ ସେମିରେ ପହଞ୍ଚିବା ସହିତ ଫାଇନାଲରେ ଟାଇଟଲ ଜିତିଥିଲା। ସ୍ପେନ୍ ଏଥର ସମାନ ପ୍ରୟାସ କରିବ। କିନ୍ତୁ ସେମାନେ ଦୁଇଥର ଚାମ୍ପିଅନ୍ ଫ୍ରାନ୍ସର ସମ୍ମୁଖୀନ ହେବେ, ଯେଉଁମାନେ ଚଳିତ ବର୍ଷ ଉତ୍କୃଷ୍ଟ ଫୁଟବଲ୍ ଖେଳୁଛନ୍ତି। କାଇଲିଆନ୍ ଏମବାପେଙ୍କ ଭଳି ତାରକା ଖଚିତ ଦଳ ଗର୍ବ କରୁଥିବା ଫ୍ରାନ୍ସକୁ ପରାସ୍ତ କରିବା ଏହି ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ



ପ୍ରମାଣିତ ହୋଇପାରେ। ଏହି ମ୍ୟାଚ୍‌ରେ ସ୍ପେନ୍ ଏବଂ ବେଲଜିୟମ୍ ଉଭୟ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା ଏବଂ ସେ ତାହା କରିଛନ୍ତି। ରୁଇଜ୍ ସ୍ପେନ୍ ପାଇଁ ପ୍ରଥମ ଗୋଲ ସ୍କୋର କରି ୩୦ତମ ମିନିଟରେ ସେମାନଙ୍କୁ ଆଗୁଆ କରିଥିଲେ। ୟାମାଲ ମଧ୍ୟ ଏହି ଗୋଲରେ ଅବଦାନ ରଖିଥିଲେ। ୟାମାଲ ଏବଂ ପେଡ୍ରୋ ପୋରୋ ବଲ୍ ବକ୍ସ ଭିତରକୁ ପଠାଇଥିଲେ। ପେଡ୍ରୋ ତା'ପରେ ଡାନି ଓଲମୋଙ୍କୁ ପାସ୍ ଦେଇଥିଲେ, ଯାହାଙ୍କ ପ୍ରୟାସକୁ ବେଲଜିୟମ୍ ଗୋଲକିପର ପ୍ରତ୍ୟାଖ୍ୟାନ କରିଥିଲେ। ବଲ୍ ରୁଇଜ୍ ହାତରେ ପଡ଼ିଥିଲା, ଯିଏ ବଲ୍ ଜାଲରେ ପକାଇବାରେ କୌଣସି ଭୁଲ କରିନଥିଲେ। ବେଲଜିୟମ୍ ହାର ମାନି ନଥିଲା ଏବଂ ସେମାନଙ୍କର ପ୍ରୟାସ ଜାରି ରଖିଥିଲା। ଦ୍ୱିତୀୟାର୍ଦ୍ଧଟି ଅଗ୍ରଣୀ ହାସଲ ଏବଂ ବଜାୟ ରଖିବା ପାଇଁ ଏକ ସଂଘର୍ଷ ଥିଲା। ଏହି ସମୟରେ, ବେଲଜିୟମର କିମ୍ବଦନ୍ତୀ ଗୋଲକିପର ଥମାସ କୋର୍ଟୋଇସ୍ ୭୧ତମ ମିନିଟରେ ଆହତ ହୋଇଥିଲେ, ଯାହା ଏକ ବଡ଼ ଆଘାତ ଥିଲା। କିମ୍ବଦନ୍ତୀ ଗୋଲକିପର ଅନେକ ସ୍ପେନିସ୍ ଆକ୍ରମଣକୁ ବିଫଳ କରିଥିଲେ। ତାଙ୍କର ପ୍ରସ୍ଥାନ ବେଲଜିୟମ ଦଳକୁ ଦୁର୍ବଳ କରିଦେଇଥିଲା, ଯାହାକୁ ସ୍ପେନ୍ ଉପଯୋଗ କରିବାକୁ ଚେଷ୍ଟା କରିଥିଲା। ପର୍ତ୍ତୁଗାଲ ବିପକ୍ଷରେ ୯୧ତମ ମିନିଟରେ ଗୋଲ ଦେଇଥିବା ମେରିନୋ ମଧ୍ୟ ଏଥର ପ୍ରଭାବଶାଳୀ ଥିଲେ।

# ପଞ୍ଚମ ଟି-୨୦: ସମ୍ମାନ ରଖିବାକୁ ଟିମ୍ ଇଣ୍ଡିଆର ପ୍ରାଣମୂର୍ଚ୍ଛା ଉଦ୍ୟମ



ସାଉଥହାମ୍ପଟନ୍: ଇଂଲଣ୍ଡବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହେବା ପରେ ଭାରତ ପରବର୍ତ୍ତୀ ୩ ମ୍ୟାଚ୍ ହାରିଯାଇଛି। ଫଳରେ ଏହି ଶୃଙ୍ଖଳା ୦-୩ରେ ଭାରତ ପରାସ୍ତ ହୋଇଛି। ଏହି ଶୃଙ୍ଖଳାର ପଞ୍ଚମ ତଥା ଶେଷ ମ୍ୟାଚ୍ ଶନିବାର ଖେଳାଯିବାକୁ ଥିବା ବେଳେ ଭ୍ରମଣକାରୀ ଭାରତ ସମ୍ମାନ ରକ୍ଷା କରିବା ସହ ମୂଳପୋଛ ପରାଜୟ ଏଡ଼ାଇବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତ ତା'ର ୟୁକେ ଗସ୍ତ ବେଲ୍‌ଫାଷ୍ଟରୁ ଆରମ୍ଭ କରିଥିଲା। ସେଠାରେ ଦୁର୍ବଳ ଆୟର୍ଲାଣ୍ଡଠୁ ୦-୨ରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାରିବା ପରେ ଇଂଲଣ୍ଡରେ ପହଞ୍ଚିଥିଲା। ହେଲେ ଏଠାରେ କିଛି କରିବା ଆଶାରେ ଥିବା ଭାରତ ଲଗାତାର ଉଭୟ ବ୍ୟାଟିଂ ଓ ବୋଲିଂରେ ବିଫଳ ହୋଇ ୩ ମ୍ୟାଚ୍ ହାରିଯାଇଛି। ଶେଷ ଦୁଇ ମ୍ୟାଚ୍ ପରାଜୟ ସବୁଠୁ ଲଜ୍ୟାଜନକ ରହିଥିଲା। ତୃତୀୟ ଟ୍ୱେଣ୍ଟି-୨୦ରେ ଦଳ ମାତ୍ର ୭୬ ରନ୍‌ରେ ଅଲ୍‌ଆଉଟ୍ ହୋଇ ୧୨୫ ରନ୍‌ରେ ହାରିଥିଲା ବେଳେ ଚତୁର୍ଥରେ ଭାରତର ୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୩.୫ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରି ନେଇଥିଲା।ଜାତୀୟ ଦଳର ପ୍ରଥମ ଅଧିନାୟକତ୍ୱରେ ୬ରୁ ୫ ମ୍ୟାଚ୍ ହାରିଥିବା ଆୟର ବିଜୟ ସନ୍ଧାନରେ ରହିଛନ୍ତି। ଅନ୍ୟପକ୍ଷରେ ୨୦୦୬ରୁ ପ୍ରଥମ ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ଖେଳିଥିବା ଭାରତୀୟ ପୁରୁଷ ଦଳର ଏହା ମଧ୍ୟ ଲଗାତାର ସବୁଠୁ ଅଧିକ ପରାଜୟ।

# ଲର୍ଡସ୍‌ରେ ଲେଖାହେବ ନୂଆ ଇତିହାସ

ଲଣ୍ଡନ: ମହିଳା କ୍ରିକେଟ୍ ଇତିହାସରେ ଶୁକ୍ରବାର ନୂଆ ଅଧ୍ୟାୟ ଯୋଡ଼ିହେବ। କେବଳ ଲର୍ଡସ୍ ନହେଁ, କ୍ରିକେଟ୍‌ର ସ୍ରଷ୍ଟା ଇଂଲଣ୍ଡ ଓ ଏହାର ଗଡ଼ ଭାରତର କ୍ରିକେଟ୍ ଦୃଶ୍ୟପଟରେ ମଧ୍ୟ ନୂଆ ଇତିହାସର ରଚନା ହେବ। ଭାରତ ଓ ଇଂଲଣ୍ଡ ମଧ୍ୟରେ 'କ୍ରିକେଟ୍‌ର ଘର' ଐତିହାସିକ ଲର୍ଡସ୍ ଷ୍ଟାଡିୟମ୍‌ରେ ପ୍ରଥମ ମହିଳା ଟେଷ୍ଟ୍ ମ୍ୟାଚ୍ ଖେଳାଯିବ। ଲର୍ଡସରେ ପ୍ରଥମ ପୁରୁଷ ଟେଷ୍ଟ୍ ମ୍ୟାଚ୍ ଖେଳାଯିବାର ୧୪୨ ବର୍ଷ ପରେ ମହିଳା ଟେଷ୍ଟ୍ ପଦାର୍ପଣ କରିବ।

ଏଥିଲାଗି ଉଭୟ ଭାରତୀୟ ଓ ଇଂଲିସ୍ ଦଳର ମହିଳା କ୍ରିକେଟରମାନେ ଉଲ୍ଲସିତ ଅଛନ୍ତି। ଭାରତୀୟ ଖେଳାଳିମାନେ ଲର୍ଡସ୍ ପଡ଼ିଆ ସହ ଏହାର ଚର୍ଚ୍ଚିତ ବାଲ୍‌କୋନିରେ ଛିଡ଼ା ହୋଇ ଏହି ମାଇଲ୍‌ଖୁଣ୍ଟ ମ୍ୟାଚ୍ ପାଇଁ ନିଜ ଉତ୍ସାହର ପରିପ୍ରକାଶ କରିଛନ୍ତି। ଇଂଲଣ୍ଡ ମହିଳା ଦଳର ଖେଳାଳିମାନେ ମଧ୍ୟ ଲର୍ଡସ୍‌ରେ ବିଜୟ ବାନା ଉଡ଼ାଇବାକୁ ଜୋରଦାର ପ୍ରସ୍ତୁତି କରୁଥିବା ଲକ୍ଷ୍ୟ କରାଯାଇଛି।

ଏହି ଚର୍ଚ୍ଚିତ ଟେଷ୍ଟ୍ ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପୁରୁଷ ଟେଷ୍ଟ୍ ମ୍ୟାଚ୍ ଠାରୁ ଭିନ୍ନ ଅର୍ଥାତ୍ ୪ ଦିନ ପାଇଁ ଖେଳାଯିବ। ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ରୁ ଖେଳ ଆରମ୍ଭ ହେବ। ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିବା ଭାରତୀୟ ଦଳ ଲାଲ୍ ବଲ୍ କ୍ରିକେଟ୍‌ରେ ନୂଆ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ବିଶ୍ୱକପ୍‌ରୁ ସଅଳ ବିଦାୟ ନେବା ପରେ ଦଳ ପାଖରେ ଟେଷ୍ଟ୍ ପାଇଁ ପର୍ଯ୍ୟାପ୍ତ ପ୍ରସ୍ତୁତିର ସୁଯୋଗ ମିଳିଥିଲା। ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ବକିଂହାମସାୟାରର ୱର୍ମସ୍ଲି କ୍ରିକେଟ୍ ପଡ଼ିଆରେ ଅଭ୍ୟାସ କରି ଦୋଷ ଦୁର୍ବଳତା ଦୂର କରିବାକୁ ଚେଷ୍ଟା କରିଛି। ମୁଖ୍ୟ ପ୍ରଶିକ୍ଷକ ଅମୋଲ ମଜୁମଦାର କହିଛନ୍ତି, ଲର୍ଡସ୍‌ରେ ପ୍ରଥମ ଥର ମହିଳା ଟେଷ୍ଟ୍ ଖେଳାଯିବା ଏକ ଗୌରବମୟ ମୁହୂର୍ତ୍ତ।


ଭାରତୀୟ କ୍ରିକେଟରଙ୍କ ପାଇଁ ଟେଷ୍ଟ୍ ଖେଳିବା ଏକ ସ୍ୱପ୍ନ ହୋଇଥିବା ବେଳେ ଲର୍ଡ୍ସରେ ଧଳା ଜର୍ସି ପିନ୍ଧି ମାଇଦାନକୁ ଓହ୍ଲାଇବା ଆହୁରି ବଡ଼ ଗର୍ବର ବିଷୟ। ଅଧିନାୟିକା ହରମନପ୍ରୀତ୍ ଏହାକୁ ଭାରତୀୟ କ୍ରିକେଟ୍ ପାଇଁ ବଡ଼ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିଛନ୍ତି। ଭାରତ ପକ୍ଷରୁ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଓପନିଂ କରିବାର ସମ୍ଭାବନା ରହିଛି। ଆହତ ପ୍ରତୀକା ରାୱଲଙ୍କ ବଦଳରେ ପ୍ରିୟା ପୁନିଆଙ୍କୁ ଦଳରେ ସ୍ଥାନ ମିଳିଛି। ହର୍ଲିନ୍ ଦେଓଲ୍, ସ୍ପିନର୍ ଶ୍ରୀ ଚରଣୀ ଓ ପେସର୍ ନନ୍ଦିନୀ ଶର୍ମା ଟେଷ୍ଟ୍ କ୍ରିକେଟ୍‌ରେ ପଦାର୍ପଣ କରିପାରନ୍ତି। ଇଂଲଣ୍ଡ ଦଳରେ ମଧ୍ୟ ଆଲିସ୍ କ୍ୟାପ୍ସି, ଟିଲି କୋର୍ଟିନ୍-କୋଲମ୍ୟାନ୍, ମ୍ୟାଡି ଭିଲିୟର୍ସ, ଗ୍ରେସ୍ ପଟ୍ସ ଓ ଏଲି ଥ୍ରେଲ୍‌କେଲ୍ଡଙ୍କ ସମେତ ପାଞ୍ଚ ଜଣ ସମ୍ଭାବ୍ୟ ଟେଷ୍ଟ୍ ପଦାର୍ପଣକାରୀ ରହିଛନ୍ତି। ଏହି ମ୍ୟାଚ୍ ଇଂଲଣ୍ଡର ଅଭିଜ୍ଞ ଓପନର୍ ଟମି ବିଉମଣ୍ଟଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରର ଶେଷ ମ୍ୟାଚ୍ ମଧ୍ୟ ହେବ। ଲର୍ଡସ୍‌ରେ ମହିଳାଙ୍କ ପ୍ରଥମ ଟେଷ୍ଟ୍ ସହ ନିଜ କ୍ୟାରିୟରକୁ ବିଦାୟ ଦେବା ତାଙ୍କ ପାଇଁ ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ବୋଲି ବିଉମଣ୍ଟ କହିଛନ୍ତି।

# ଲଣ୍ଡନରେ ମରକ୍କୋ ହାରିବା ପରେ ଧସ୍ତାଧସ୍ତି

ଲଣ୍ଡନ: ପୁଣି ଥରେ ଫ୍ରାନ୍ସଠୁ ହାରିବା ପରେ ମରକୋର ଫିଫା ବିଶ୍ୱକପ୍ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ୨୦୨୦ରେ ସେମିଫାଇନାଲ୍‌ରେ ଫ୍ରାନ୍ସଠୁ ହାରି ଅଳ୍ପକେ ଟ୍ରଫି ଦୌଡ଼ରୁ ବାଦ୍ ପଡ଼ିଥିବା ମରକ୍କୋ ଗୁରୁବାର କ୍ୱାର୍ଟର ଫାଇନାଲ୍‌ରେ ମଧ୍ୟ ସେହି ଦଳଠୁ ହାରି ଯାଇଛି। ଦଳର ଏହି ଦୁଃଖଦ ପରାଜୟ ପରେ ମରକୋ ପ୍ରଶଂସକ ଲଣ୍ଡନରେ ଅରାଜକତା ସୃଷ୍ଟି କରିଛନ୍ତି। ରାସ୍ତାରେ ବିଜୟ ଉତ୍ସବ ପାଳିବା ଲାଗି ପ୍ରସ୍ତୁତି ଥିବା ମରକ୍କୋ ପ୍ରଶଂସକ ଦଳର ପରାଜୟ ପରେ ନିରାଶ ହୋଇ ଲଣ୍ଡନର ଏଜ୍‌ୱେୟାର ରାସ୍ତାରେ ବିଶୃଙ୍ଖଳିତ ଆଚରଣ କରିଥିଲେ। ଫଳରେ ପୁଲିସ ସେଠାକୁ ଆସି ଏହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ଏଥିରେ ଶାନ୍ତ ନ ହେବାରୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା ପୁଲିସ। କିନ୍ତୁ ଏଥିରେ ନ ଅଟକି ପ୍ରଶଂସକମାନେ ପୁଲିସ ଉପରକୁ ବାଣ ଓ ବୋତଲ ଫିଙ୍ଗିଥିଲେ। କିଛି ସମୟ ପରେ ପରିବେଶ ଶାନ୍ତ ହୋଇଥିଲା। ସ୍ଥାନୀୟ ରିପୋର୍ଟ ଅନୁଯାୟୀ ଏହି ସଂଘର୍ଷରେ ଜଣେ ପୁଲିସ ଅଧିକାରୀ ଆହତ ହୋଇଥିଲେ।

# ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିବେ ସର୍ବେଶ

ନୂଆଦିଲ୍ଲୀ: ସଦ୍ୟ ନୂଆ ଜାତୀୟ କୀର୍ତ୍ତିମାନର ଅଧିକାରୀ ହୋଇଥିବା ଭାରତୀୟ ହାଇ ଜମ୍ପର ସର୍ବେଶ କୁଶାରେ ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିବେ। ମୋନାକୋରେ ଆୟୋଜିତ ହେବାକୁ ଥିବା ଡାଇମଣ୍ଡ ଲିଗ୍‌ରେ ବିଶ୍ୱର ଏଲିଟ୍ ହାଇ ଜମ୍ପରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ୩୧ ବର୍ଷୀୟ କୁଶାରେଙ୍କ ସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ୩ ଥରର ବିଶ୍ୱବିଜେତା କତରର ମୁତାଜ ଇସା ବାର୍ସିମ ସହ ଟ୍ରଫି ଲଢ଼େଇକୁ ଓହ୍ଲାଇବେ। ୧୦ ଜଣିଆ ଏହି ପ୍ରତିଯୋଗିତାରେ ବାର୍ସିମଙ୍କ ବାଦ୍ ୨୦୨୫ ବିଶ୍ୱ କାଂସ୍ୟ ବିଜେତା ଚେକ୍ ଗଣରାଜ୍ୟର ଜାନ୍ ଷ୍ଟିଫେଲା, ବିଶ୍ୱ ଇନ୍‌ଡୋର ବିଜେତା ୟୁକ୍ରେନ୍‌ର ଓଲେ ଡୋରୋସ୍‌ଚୁକ୍, ୨୦୨୩ ବିଶ୍ୱ ରୌପ୍ୟ ବିଜେତା ଆମେରିକାର ଜୁଭନ୍ ହାରିସନ୍ ରହିଛନ୍ତି। ଗତ ମାସରେ ଭୁବନେଶ୍ୱରରେ ଆୟୋଜତି ଜାତୀୟ ଅନ୍ତଃରାଜ୍ୟ ପ୍ରତିଯୋଗିତାରେ ୨.୩୧ ମିଟର ଡେଇଁ ସ୍ୱର୍ଣ୍ଣ ଜିତିଥିବା କୁଶାରେ ଚଳିତ ଋତୁରେ ଶ୍ରେଷ୍ଠ ମାର୍କରେ ଗ୍ରେଟ୍ ବ୍ରିଟେନ୍‌ର ଜାକ୍ କିମିନିଙ୍କ ସହ ଯୁଗ୍ମ ଦ୍ୱିତୀୟରେ ରହିଛନ୍ତି। ଉଭୟଙ୍କଠୁ ଆଗରେ ଡୋରୋସ୍‌ଚୁକ୍ ରହିଛନ୍ତି।




ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583